

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୭ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 27 DECEMBER 2020
Vol.No. 30 ■ No. 328 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଜେଡି ସ୍ଥାପନା ଦିବସ ପାଳିତ

### ବିଜୁ ଜନତା ଦଳ ଆଜି ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି : ନବୀନ
### ସଂସଦ ଓ ବିଧାନସଭାରେ ମହିଳାଙ୍କର ସ୍ଥାନ ସଂରକ୍ଷଣ ପାଇଁ ବିଜେଡି ସବୁ ସ୍ତରରେ ଲଢେଇ ଜାରି ରଖିବ





ଭୁବନେଶ୍ୱର,୨୬।୧୨ (ନି.ପ୍ର): ବିଜୁ ଜନତା ଦଳ ଆଜି ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି । ଓଡିଶାବାସୀଙ୍କ ବିଶ୍ୱାସ ଓ ଦଳର କର୍ମୀ ମାନଙ୍କର ପରିଶ୍ରମ ଯୋଗୁ ଏହା ହୋଇ ପାରିଛି ବୋଲି କହିଛନ୍ତି ବିଜେଡି ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଜେଡି ପ୍ରତିଷ୍ଠା ଦିବସରେ ଉଦବୋଧନ ଦେଇ ଶ୍ରୀ ପଟ୍ଟନାୟକ ଏହା କହିଛନ୍ତି । ସେ କହିଛନ୍ତି ଯେ ସଂସଦ ଓ ବିଧାନସଭାରେ ମହିଳା ମାନଙ୍କର ସ୍ଥାନ ସଂରକ୍ଷଣ ପାଇଁ ବିଜେଡି ସବୁ ସ୍ତରରେ ଲଢେଇ ଜାରୀ ରଖିବ । ମହିଳା ସଶକ୍ତିକରଣ ତାଙ୍କର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ। ମା ଆଗେଇଲେ ହିଁ ଦେଶ ଆଗେଇବ । ୧୯୯୨ ମସିହାରେ ବିଜୁବାବୁ ପଂଚାୟତ ଓ ପୌର ନିର୍ବାଚନରେ ମହିଳା ମାନଙ୍କୁ ୩୩ ପ୍ରତିଶତ ଆସନ ସଂରକ୍ଷଣର ବ୍ୟବସ୍ଥା କରିଥିଲେ। ଆମ ସରକାର ତାକୁ ୫୦ ପ୍ରତିଶତ କରିଛି । ବିଜେଡି ସଂସଦ ଓ ବିଧାନସଭାରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ଲଢେଇ କରୁଛି । ଗତ ନିର୍ବାଚନରେ ୩୩ ପ୍ରତିଶତ ଟିକେଟ ଦଳ ମହିଳା ମାନଙ୍କୁ ଦେଇଥିଲା ।

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୪ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୮୫୭ ହେଲା

ଭୁବନେଶ୍ୱର,୨୬।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୫୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଧା , ବାଲେଶ୍ୱର, ସୁନ୍ଦରଗଡ ଓ ମୟୂରଭଂଜ ଜିଲ୍ଲାର ଜଣେ ଜଣେ ଅଛନ୍ତି । ଭୁବନେଶ୍ୱରର ଜଣେ ୫୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହ ରୋଗରେ ପୀଡିତ ଥିଲେ । ବାଲେଶ୍ୱର ଜିଲ୍ଲାର ଜଣେ ୫୮ ବର୍ଷୀୟ ପୁରୁଷ କୋରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୫୭ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସୁନ୍ଦରଗଡ ଜିଲ୍ଲାର ଜଣେ ୭୧ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୦୮ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୬।୧୨ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୦୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୩୫୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି ।

## ବ୍ରିଟେନ୍ ଫେରନ୍ତାଙ୍କର ଏୟାରପୋର୍ଟରେ ହେବ ଆରଟିପିସିଆର ଟେଷ୍ଟ

ଭୁବନେଶ୍ୱର,୨୬।୧୨ (ନି.ପ୍ର): କରୋନାର ନୂଆ ଷ୍ଟ୍ରେନ୍ କୁ ସାମ୍ନା କରିବା ପାଇଁ ରାଜ୍ୟ ସରକାର ସଜାଗ ଅଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି। ସେ କହିଛନ୍ତି ଯେ ବ୍ରିଟେନ୍ ଫେରନ୍ତାଙ୍କ ପାଇଁ ପ୍ରସ୍ତୁତି କରାଯିବା ସହ ଆମେ ସଜାଗ ଅଛୁ। ବ୍ରିଟେନ୍ ଫେରନ୍ତାଙ୍କ ଆରଟିପିସିଆର ଟେଷ୍ଟ ପାଇଁ ସବୁ ଏୟାରପୋର୍ଟକୁ କୁହାଯାଇଛି। ଆବଶ୍ୟକ ହେଲେ ସେମାନଙ୍କୁ ଆଇସେଲେସନ୍ କୁ ପଠାଯିବ। ଆମ ବିଭାଗ ସଜାଗ ଅଛି , ଯେଉଁ ପରିସ୍ଥିତି ଆସିବ ମୁକାବିଲା କରିବୁ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ବ୍ରିଟେନ୍ ରୁ ଫେରିଥିବା





ଜଣେ ୪ ବର୍ଷର ଶିଶୁ କରୋନା ପଜିଟିଭ ଚିହ୍ନଟ ହୋଇଥିଲା। ଗତ ୨୦ ତାରିଖରେ ବାପା-ମାଆଙ୍କ ସହ ଶିଶୁ ବ୍ରିଟେନ୍ ରୁ ଭୁବନେଶ୍ୱର ଫେରିଥିଲା। ବାପା ଓ ମାଆଙ୍କର କୋଭିଡ୍ ଟେଷ୍ଟ ନେଗେଟିଭ ଆସିଥିବା ବେଳେ ପିଲାର ପଜିଟିଭ୍ ଆସିଥିଲା। ସେମାନଙ୍କୁ ଇନ୍ଷ୍ଟିଚ୍ୟୁସନାଲ ଆଇସୋଲେସନରେ ରଖାଯାଇଛି।

## ଓଡିଶାର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଟଙ୍କାରୁ ବଂଚିତ କରାଯାଉଛି : ଧର୍ମେନ୍ଦ୍ର

ଢ଼େଙ୍କାନାଳ,୨୬।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ କୃଷି କ୍ଷେତ୍ରରେ ବିପୁଳ ଆର୍ଥିକ ଅନୁଦାନ ଏବଂ ସହାୟତା ଦେଉଥିବା ବେଳେ ରାଜ୍ୟରେ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଟଙ୍କାକୁ ଦେବାର ବଂଚିତ କରାଯାଉଛି ବୋଲି ଶନିବାର ଢ଼େଙ୍କାନାଳର ମିନି ଷ୍ଟାଡ଼ିୟମରେ ଆୟୋଜିତ ବିଶାଳ ଚାଷୀ ସମାବେଶରେ ଚାଷୀ ମାନଙ୍କୁ ସମ୍ବୋଧନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆ କୃଷି ଆଇନ ଦ୍ୱାରା ଓଡ଼ିଶା ସମେତ ଭାରତବର୍ଷର ଚାଷୀମାନେ ଅଧିକ ଲାଭ ପାଇବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଶ୍ରୀ ପ୍ରଧାନ।





ବିଗତ ୬ ବର୍ଷରେ ଓଡ଼ିଶାର ଚାଷୀଙ୍କୁ ବିଭିନ୍ନ କୃଷି ଯୋଜନା ତଥା ଡିବିଟି ଜରିଆରେ ମୋଟ ୬୦ ହଜାର ୮୩୬.୯୭ କୋଟି ଟଙ୍କା ଦିଆଯାଇଛି । ୨୦୧୯-୨୦ ଆର୍ଥିକ ବର୍ଷରେ ଢେଙ୍କାନାଳ ଚାଷୀଙ୍କ ଠାରୁ ମୋଦି ସରକାର ୧ ଲକ୍ଷ ୨୮ ହଜାର ୬୧୦ ମେଟ୍ରିକ୍ ଟନର ଖାଦ୍ୟଶସ୍ୟ କ୍ରୟ କରିଛନ୍ତି । ୨୦୧୯- ୨୦ ଆର୍ଥିକ ବର୍ଷରେ ଅନୁଗୁଳ ଚାଷୀଙ୍କ ଠାରୁ ମୋଦି ସରକାର ୮୬ ହଜାର ୨୯୨ ମେଟ୍ରିକ୍ ଟନର ଖାଦ୍ୟଶସ୍ୟ କ୍ରୟ କରିଛନ୍ତି । ରାଜ୍ୟରେ କିନ୍ତୁ ପ୍ରଶାସନ ଏବଂ ମଧ୍ୟସ୍ଥିଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି । କେବଳ ଗୋଟିଏ ପକ୍ଷ ଦଳର ସମର୍ଥକଙ୍କୁ ଟୋକନ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଉଛି।

## ସରିଲା ପୋଲିସର ସର୍ଚ୍ଚ ଅପରେସନ

### ଡ଼ି ବ୍ରଦର୍ସଙ୍କ ଘରୁ ୩ ବନ୍ଧୁକ, ୫ ମ୍ୟାଗଜିନ୍, ୧୭୫ ଜୀବନ୍ତ ଗୁଳି ସହ ନଗଦ ୧୬.୫ ଲକ୍ଷ ଟଙ୍କା ଜବତ : ଡ଼ିସିପି

କଟକ,୨୬।୧୨ (ନି.ପ୍ର): ଡି ବ୍ରଦର୍ସଙ୍କ କଟକ ସିଡ଼ିଏ ସ୍ଥିତ ଘରେ ପୋଲିସର ଚଢ଼ଉ ନେଇ କଟକ ଡ଼ିସିପି ପ୍ରତୀକ ସିଂ ସୂଚନା ଦେଇ କହିଛନ୍ତି ଯେ, ଦୁଇ ଭାଇ ସୁଶିଲ ଧଳ ସାମନ୍ତ ଏବଂ ସୁଶାନ୍ତ ଧଳ ସାମନ୍ତଙ୍କୁ ରିମାଣ୍ଡରେ ଆଣି ଜେରା ପରେ ଘରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ନଗଦ ଟଙ୍କା ମିଳିଛି । ଗତକାଲି ଠାରୁ ଘରେ ଚାଲିଥିବା ସର୍ଚ୍ଚ ଅପରେସନ ଆଜି ଶେଷ ହୋଇଛି । ଏନେଇ ଅଧିକ ସୂଚନା ଦେଇ ଡ଼ିସିପି କହିଛନ୍ତି ଯେ, ସେମାନେ ଘରେ ସିକ୍ରେଟ



ଚ୍ୟାମ୍ବରରେ ଲୁଚାଇ ରଖିଥିବା ୩ ଟି ବନ୍ଧୁକ ମିଳିଛି । ୫ଟି ମ୍ୟାଗଜିନ୍, ୧୭୫ ଜୀବନ୍ତ ଗୁଳି ସହ ନଗଦ ୧୬.୫ ଲକ୍ଷ ଟଙ୍କା ଜବତ ହୋଇଛି । ସେମାନେ ବାଲି ଘାଟ, ମଦ ଦୋକାନରୁ ଲୋକ ଲଗାଇ ଦାଦାବଟି ଆଦାୟ କରୁଥିଲେ । ବଟି ଆଦାୟ ଓ ଅସ୍ତ୍ରଶସ୍ତ୍ର ରଖିବା ସଂକ୍ରାନ୍ତରେ ମଧ ତଦନ୍ତ ଜାରୀ ରହିଛି ।

## ଆଜିଠାରୁ ୧ ପର୍ଯ୍ୟନ୍ତ କଳାବ୍ୟାଚ୍ ପିନ୍ଧିବେ ନର୍ସ : ୨ରୁ ପ୍ରତୀକାତ୍ମ ଧାରଣା



ଭୁବନେଶ୍ୱର,୨୬।୧୨ (ନି.ପ୍ର): ସ୍ଥାୟୀ ନିଯୁକ୍ତି ଦାବିରେ ଆସନ୍ତା କାଲିଠାରୁ ୧ ତାରିଖ ପର୍ଯ୍ୟନ୍ତ ୬ ଦିନ ବ୍ୟାପୀ ରାଜ୍ୟର ସମସ୍ତ ନର୍ସିଂ କର୍ମଚାରୀ କଳାବ୍ୟାଚ୍ ପରିଧାନ କରିବେ। ସେହିପରି ଆସନ୍ତା ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ରୋଗୀ ସେବାରେ ଅବହେଳା ନକରି ରାଜ୍ୟର ସମସ୍ତ ମେଡ଼ିକାଲ କଲେଜ ଓ ଡ଼ାକ୍ତରଖାନା ସମ୍ମୁଖରେ ପ୍ରତିବାଦ ସ୍ୱରୂପ ଟୋକନ ଷ୍ଟ୍ରାଇକ୍ କରିବେ ବୋଲି ଅଲ୍ ଓଡ଼ିଶା ନର୍ସିଂ ଏମ୍ପ୍ଲୋଇଜ ଆସୋସିଏସନ ପକ୍ଷରୁ କୁହାଯାଇଛି। ଆସୋସିଏସନର ସାଧାରଣ ସମ୍ପାଦିକା ଶ୍ରୀମତୀ ପ୍ରଭାତୀ ମହାନ୍ତି ଶନିବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ନର୍ସମାନେ କରୋନାଠୁ ଆରମ୍ଭ କରି ବନ୍ୟା, ବାତ୍ୟା ଆଦି ସମୟରେ ଜୀବନକୁ ବାଜି ଲଗାଇ ଲୋକଙ୍କ ସେବା ସୁଶ୍ରୁଷା କରିଥାନ୍ତି। ହେଲେ ସେମାନଙ୍କ ସମସ୍ୟା ସରକାର ବୁଝନ୍ତି ନାହିଁ। ମୂଳ ଦରମାର ସଂଶୋଧନ ଠାରୁ ଆରମ୍ଭ କରି ଠିକା ନିଯୁକ୍ତିକୁ ମିଶାଇ ୧୦ ବର୍ଷର

▶▶ପୃଷ୍ଠା ୭

## ମହିଳା ସୁରକ୍ଷାରେ ରାଜ୍ୟ ସରକାର ବିଫଳ : ଲେଖାଶ୍ରୀ ସାମନ୍ତସିଂହାର





ଭୁବନେଶ୍ୱର,୨୬।୧୨ (ନି.ପ୍ର): ବିଜେଡିର ୨୪ ତମ ପ୍ରତିଷ୍ଠା ଦିବସରେ ନବୀନ ପଟ୍ଟନାୟକକହିଛନ୍ତି ଯେ ବିଜେଡି ସବୁବେଳେ ମହିଳାଙ୍କୁ ଅଗ୍ରାଧିକାର ଦେଇ ଆସୁଛି। ମା' ଆଗେଇଲେ ସମାଜ ଓ ଦେଶ ଆଗେଇବ ବୋଲି ନବୀନ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ମହିଳା କାର୍ଡକୁ ନେଇ ସମାଲୋଚନା କରି ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ମହିଳା ସୁରକ୍ଷାରେ ରାଜ୍ୟ ସରକାର ବିଫଳ। ତାହାର ସବୁଠୁ ବଡ ପ୍ରତିଫଳନ ହେଉଛି ପରୀ ଘଟଣା। ନିଜ ଉପରୁ ଦାଗ ହଟାଇବା ପାଇଁ ବିଜେଡି ମହିଳା କାର୍ଡ ଖେଳୁଛି। ମୁଖ୍ୟମନ୍ତ୍ରୀ ୨୦୧୯ ନିର୍ବାଚନ ବେଳେ ମା' ଙ୍କୁ ସମ୍ମାନର ନାରା ଦେଇ ନିର୍ବାଚନ ବୈତରଣୀ ପାର ହୋଇଥିବାବେଳେ ଆଗାମୀ ନିର୍ବାଚନ ଜିତିବା ପାଇଁ ଏବେ ମହିଳା କାର୍ଡ ଖେଳିଛନ୍ତି । ମହିଳା ସଂରକ୍ଷଣ ଏବଂ ମହିଳାଙ୍କୁ ଗୁରୁତ୍ୱ ଦେବା କଥା କହିବା କେବଳ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ଧୂଆଁବାଣ ବୋଲି ବିଜେପି ରାଜ୍ୟ ସାଧରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତିସଂହାର ଅଭିଯୋଗ କରିଛନ୍ତି । ଏନସିଆରବି ରିପୋର୍ଟରେ ରାଜ୍ୟରେ ମହିଳାଙ୍କ ପ୍ରତି ଅପରାଧ ବଢିଛି। ଏନସିଆରବି ରିପୋର୍ଟରେ ରାଜ୍ୟରେ ଶିଶୁ ନିଖୋଜ ବଢିଛି। କେଉଁ ମୁହଁରେ ମହିଳା ସୁରକ୍ଷା କଥା କହୁଛନ୍ତି ପଚାରିଛନ୍ତି ଲେଖାଶ୍ରୀ ସାମନ୍ତସିଂହାର। ବିଜେଡି ଏଠି ଭୋଟ ବ୍ୟାଙ୍କ ରାଜନୀତି ପାଇଁ ମହିଳାଙ୍କୁ ବ୍ୟବହାର କରୁଛି । ନିର୍ବାଚନ ଜିତିବା ପାଇଁ ସ୍ୱଂୟ ସହାୟକ ଗୋଷ୍ଠୀ ମାଧମରେ ଟଙ୍କା ବଂଟାଯାଉଛି । ରାଜ୍ୟରେ ଯେଉଁଠି ମହିଳା ସୁରକ୍ଷିତ ନୁହଁନ୍ତି ସେଠି ସଶକ୍ତ କିପରି ହୋଇଛନ୍ତି ମୁଖ୍ୟମନ୍ତ୍ରୀ ତାହା ସ୍ୱଷ୍ଟ କରନ୍ତୁ ବୋଲି ଡ. ସାମନ୍ତସିଂହାର ଦାବି କରିଛନ୍ତି ।

## ବିଶିଷ୍ଟ ଲେଖକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପରଲୋକ

ବାଲେଶ୍ୱର, ଆର୍ଯ୍ୟ ସମାଜର ବରିଷ୍ଠ କର୍ମକର୍ତ୍ତା ତଥା ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆର ମୂଳ ଉଦ୍ୟୋକ୍ତା ତଥା ବିଶିଷ୍ଟ ଲେଖକ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କର ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତି ୩ଟା ବେଳେ ପରଲୋକ ଘଟିଛି। ସେ ମଧୁମେହ ରୋଗରେ ଆକ୍ରାନ୍ତ ହୋଇଥିଲାବେଳେ ହୃଦ୍‌ଘାତର ଶିକାର ହୋଇ ବାଲେଶ୍ୱର ସଦର ହସ୍ପିଟାଲର ଆଇସିୟୁରେ ଚିକିତ୍ସାଧୀନ ବେଳେ ପରଲୋକ ଗମନ କରିଛନ୍ତି। ରୂପସାରେ ଜନ୍ମିତ ଶ୍ରୀ ମହାପାତ୍ର ଜଣେ ବରିଷ୍ଠ ସାମ୍ବାଦିକ ଭାବରେ ଯେତିକି ପରିଚିତ ଖାଉଟି ଆନ୍ଦୋଳନର ଅନ୍ୟତମ ପ୍ରବକ୍ତାଭାବେ ମଧ୍ୟ ସୁପରିଚିତ ଥିଲେ। ରୂପସା ଅଂଚଳର ସାପ୍ତାହିକ ହାଟ ପାଇଁ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୬୦ ଦଶକରୁ ଲେଖନୀ ଚାଳନା କରି ବହୁ ଗଳ୍ପ, ଉପନ୍ୟାସ ଓ ଅନୁବାଦ କାର୍ଯ୍ୟକରି ସାହିତ୍ୟିକ ମହଲରେ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ରଚିତ ଗଳ୍ପ ସଂକଳନ 'ପାଟରାଣୀ', ଉପନ୍ୟାସ 'ଅସ୍ତ ସୂର୍ଯ୍ୟର ସଂଳାପ', 'ବସୁଧୈବ କୁଟୁମ୍ବକମ୍', 'ସମ୍ପର୍କର ସେତୁ' ଓ ଅନୁବାଦ ପୁସ୍ତକ 'ତ୍ରିଦେବ ନିର୍ଣ୍ଣୟ' ବହୁ ପାଠକୀୟତା ହାସଲ କରି ସାହିତ୍ୟିକ ମହଲରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲା। ମୃତ୍ୟୁବେଳକୁ ତାଙ୍କର ୭୬ବର୍ଷ ବୟସ ହୋଇଥିବାବେଳେ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ରୂପସାବାସୀ ଶୋକରେ ଅଭିଭୂତ ହୋଇଥିବା ବେଳେ ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ସୁବର୍ଣ୍ଣଶ୍ରୀର ସମ୍ପାଦକ ତଥା ସାହିତ୍ୟ ଏକାଡେମୀର ସଦସ୍ୟ କାଳୀପଦ ପଣ୍ଡା, ପିଞ୍ଛାବଣିଆ ଗୁରୁକୂଳ ଆଶ୍ରମର ଅନ୍ତେବାସୀମାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଥିବାବେଳେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ।



## ଗୋ ହତ୍ୟା ନିଷେଧ ଆଇନ ପ୍ରଣୟନ କରାଯିବାକୁ ଦାବି

ଭୁବନେଶ୍ୱର,୨୬।୧୨ (ନି.ପ୍ର): ଦେଶରେ ପ୍ରତିଦିନ ଲକ୍ଷ ଲକ୍ଷ ଗୋବଂଶକୁ ହତ୍ୟା କରାଯାଉଛି। ଗୋବଂଶ ସୁରକ୍ଷା ନେଇ ଅନେକ କମିଶନ ବସିଛି। କିନ୍ତୁ କମିଶନ କେବଳ କାଗଜ କଲମରେ ଚାଲିଛି। ସ୍ଥଳ ବିଶେଷରେ କୌଣସି ପ୍ରଭାବ ପଡୁନାହିଁ। ଗୋ ବଂଶ ହତ୍ୟା କରିବା ପାଇଁ ଏକ ବିରାଟ ବଡ଼ ରାକେଟ କାର୍ଯ୍ୟ କରୁଛି। ଏଥିରେ ଅନେକ ପ୍ରଭାବଶାଳୀ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି। ତେଣୁ ସେମାନଙ୍କୁ ଉଚିତ ଜବାବ ଦେବା ପାଇଁ ଗୋ ବଂଶ ହତ୍ୟା ନିଷେଧ ଆଇନ ଯୁଦ୍ଧ କାଳୀନ ଭିତିରେ ପ୍ରଣୟନ କରାଯାଉ ବୋଲି ଦାବି କରିଛି ଭାରତୀୟ ଗୋ ବଂଶ ସେବା ସୁରକ୍ଷା ସଂରକ୍ଷଣ ସମ୍ବର୍ଦ୍ଧନ ପରିଷଦ ଓ ଶ୍ରୀଜଗନ୍ନାଥ ସେନା।

▶▶ପୃଷ୍ଠା ୭

## ଅଯୋଧ୍ୟାରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ସମର୍ପଣ ନିଧି ପାଇଁ ଓଡିଶାର ୪୧ ହଜାର ଗାଁରେ ସମ୍ପର୍କ କରିବ ବିଶ୍ୱ ହିନ୍ଦୁ ପରିଷଦ

ଭୁବନେଶ୍ୱର,୨୬।୧୨ (ନି.ପ୍ର): ଅଯୋଧ୍ୟାରେ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ କୌଣସି ସରକାରୀ ସହାୟତା ନ ନେଇ ଦେଶର ସାଧାରଣ ଲୋକ ମାନଙ୍କ ଠାରୁ ସମର୍ପଣ ନିଧିରେ ଏହାର ନିର୍ମାଣ କରା ଯିବ । ଆଗାମୀ ୧୫ ଜାନୁଆରୀ ଠାରୁ ମାଘ ପୂର୍ଣ୍ଣିମା ୨୭ ଫେବୃଆରୀ ଯାଏ ଏହି ନିଧି ସମର୍ପଣ ଅଭିଯାନ ଅଭିଯାନ ଆରମ୍ଭ ହେବ । ୧୦ ଲକ୍ଷ ଟୋଲିରେ ୪୦ ଲକ୍ଷ କାର୍ଯ୍ୟକର୍ତ୍ତା ଦେଶର ୫ ଲକ୍ଷ ୨୩ ହଜାର ଗାଁକୁ ଯାଇ ୧୩ କୋଟି ପରିବାରର ୯୫ ଲକ୍ଷ ହିନ୍ଦୁଙ୍କ ସହ ସମ୍ପର୍କ କରି ଏହି ସମର୍ପଣ ନିଧି ପାଇଁ ସମ୍ପର୍କ କରିବେ ବୋଲି ବିଶ୍ୱ ହିନ୍ଦୁ ପରିଷଦର ଆନ୍ତର୍ଜାତିକ ଯୁଗ୍ମ ସାଧାରଣ ସମ୍ପାଦକ ଡ. ସୁରେନ୍ଦ୍ର ଜୈନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଓଡିଶାରେ ଏହି କ୍ରମରେ ମୋଟ ୫୩ ହଜାର ଗାଁ ମଧ୍ୟରୁ ୪୧ ହଜାର ଗାଁକୁ କାର୍ଯ୍ୟକର୍ତ୍ତା ଯାଇ ସମ୍ପର୍କ କରିବେ ଓ ଏହି ନିଧି ହାସଲ କରିବେ । ଅଧିକରୁ ଅଧିକ ସଂଖ୍ୟାରେ ଲୋକ ମାନଙ୍କର ଏହି ଭବ୍ୟ ମନ୍ଦିର ନିର୍ମାଣ ପାଇଁ ସହଭାଗିତା ରହୁ ଏହାକୁ ଆଖିରେ ରଖି ୧୦ ଟଙ୍କା, ୧୦୦ ଟଙ୍କା ଓ ଏକ ହଜାର ଟଙ୍କିଆ କୁପନ ଦିଆ ଯିବ । ଜଣେ ସାଧାରଣ ବିଦ୍ୟାର୍ଥୀ ମଧ୍ୟ ଏଥିରେ ସହଭାଗୀ ହେଉ ଏହାକୁ ଆଖିରେ ରଖି ଦଶ ଟଙ୍କିଆ କୁପନର ମଧ୍ୟ ବ୍ୟବସ୍ଥା କରା ଯାଇଛି । ସେ କହିଛନ୍ତି ଯେ ୪୯୦ ବର୍ଷର ପରେ ହିନ୍ଦୁ ସମାଜ ଶ୍ରୀରାମ ମନ୍ଦିର ନିର୍ମାଣ କରିବାକୁ ଯାଉଛି । ଏଥି ପାଇଁ ଲକ୍ଷ ଲକ୍ଷ ଲୋକଙ୍କର ବଳିଦାନ ହୋଇଛି । ଦେଶର ସନ୍ଥ ସମାଜର ଆହ୍ୱାନ କ୍ରମେ ଏହି ମନ୍ଦିର ନିର୍ମାଣ ପାଇଁ ଦେଶର ସମସ୍ତଙ୍କର ଭାଗିଦାରୀ ପାଇଁ ସ୍ଥିର କରା ଯାଇଛି । ୧୯୮୯ ମସିହାରେ ରାମ ମନ୍ଦିର ନିର୍ମାଣ ପାଇଁ ଦେଶର ସାଢେ ତିନି ଲକ୍ଷ ଗାଁରେ ସମ୍ପର୍କ କରା ଯାଇଥିଲା । ତାହା ସେତେବେଳେ ଏକ ରେକର୍ଡ ଥିଲା । ସେହିପରି ଏହି ପୁରୁଣା ରେକର୍ଡ ରାମ ମନ୍ଦିର ନିର୍ମାଣ ପାଇଁ ସମର୍ପଣ ନିଧି ଅଭିଯାନରେ ଭାଙ୍ଗିବାକୁ ଯାଉଛି । ଏହା ବିଶ୍ୱ ଇତିହାସର ସବୁଠାରୁ ବଡ ଅଭିଯାନହେବ ବୋଲି ସେ କହିଛନ୍ତି । ଏହାର ପରିଣାମ ସ୍ୱରୂପ ହିନ୍ଦୁତ୍ୱର ଏକ ଜୁଆର ଆସିବ ଓ ଆଗାମୀ ସହସ୍ରାବ୍ଦୀ ରାମଙ୍କ ସହସ୍ରାବ୍ଦୀ ହେବ । ଓଡିଶାର ସନ୍ଥ ମାନଙ୍କୁ ନେଇ ଏକ ମାର୍ଗଦର୍ଶକ ମଣ୍ଡଳ ଗଠନ କରା ଯାଇଛି । ଏଥିରେ ସବୁ ମତ, ପନ୍ଥର ସାଧୁ ସନ୍ଥ ମାନେ ସାମିଲ ଅଛନ୍ତି ।

# ଓଲଙ୍ଗ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ




ଭଦ୍ରକ,୨୬।୧୨ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ଓଲଙ୍ଗ ଗ୍ରାମ ସ୍ଥିତ ଓଲଙ୍ଗ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଗଠନ ହେବା ସହିତ ମୋ ସ୍କୁଲ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ସେମାନଙ୍କ ସହଯୋଗ ରାଶି ପ୍ରଦାନ କରିଥିଲେ। ଏଥି ନିମନ୍ତେ ଏକ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ବରିଷ୍ଠ ଶିକ୍ଷାବିତ୍ ବଳରାମ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଉତ୍ସବର ଆବାହକ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଧର ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଦେଉଥିବା ବେଳେ ସଂସ୍କୃତ ଶିକ୍ଷକ ପ୍ରାଣବନ୍ଧୁ ବିଶ୍ୱାଳ ମୋ ସ୍କୁଲ ଅଭିଯାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଲଙ୍ଗ ସରପଞ୍ଚ ଦେବୀଦତ୍ତ ମହାନ୍ତି, ସମିତି ସଦସ୍ୟ ରାଧାଶ୍ୟାମ ବେହେରା, ପୂର୍ବତନ ସରପଞ୍ଚ ଅକ୍ଷୟ ମହାନ୍ତି, ଜ୍ୟୋତ୍ସ୍ନାରାଣି ପତି, ସୋମନାଥ ପତି, ମାଧବାନନ୍ଦ ପଣ୍ଡା, ଶିକ୍ଷକ ଜଗବନ୍ଧୁ ପାଣିଗ୍ରାହୀ, ଦାଶରଥି ପରିଡା, ଲକ୍ଷ୍ମୀଧର ପଣ୍ଡା, ହରିହର ମହାପାତ୍ର, ଅଞ୍ଜନ କୁମାର ପୃଷ୍ଟି, ଶିକ୍ଷାସହକାରୀ ବୈଦ୍ୟନାଥ ପତି, ଶ୍ୟାମସୁନ୍ଦର ପତି ପ୍ରମୁଖ ଯୋଗ ଦେଇ ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟର ଉନ୍ନତି ନିମନ୍ତେ ପ୍ରସ୍ତାବ ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦ ଗଠନ କରାଯାଇ ଏହାର ସଭାପତି ଭାବେ ରାଜେନ୍ଦ୍ର କୁମାର ପତିଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଯାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଏକଜୁଟ କରି ଏକ ବଡ ଧରଣର କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଅଭିଯାନକୁ ଆହୁରି ବୃହତ୍ କରାଯିବ ବଶେଳି ସଭାରେ ମତ ପ୍ରକାଶ ପାଇଥିଲା। ଉତ୍ସବରେ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଳରାମ ରାଉତ (ଚିଲିକା), ବଳରାମ ଜେନା, ଦେବେନ୍ଦ୍ର କୁମାର ବେହେରା, ମନୋରଞ୍ଜନ ପଢିହାରି, ପ୍ରସନ୍ନ କୁମାର ପଣ୍ଡା, ନାରାୟଣ ଚନ୍ଦ୍ର ପୃଷ୍ଟି, ମନୋଜ ବେହେରା, ବିଶ୍ୱମ୍ଭର ପତି, କୈଳାସ ଚନ୍ଦ୍ର ପତି, ଦେବେନ୍ଦ୍ର ସାମଲ, ରମେଶ ସେଠୀ, ରବିନ୍ଦ୍ର ବେହେରା, ରମାକାନ୍ତ ଦିକ୍ଷିତ, ସାମାଜିକ କର୍ମୀ ସନାତନ ପଣ୍ଡା, ଖଗେଶ୍ୱର ଜେନା, ରମେଶ ଜେନା ପ୍ରମୁଖ ଯୋଗ ଦେଇ ଉତ୍ସବ ପରିଚାଳନା କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷକ ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବଡଦିନକୁ ନିଆରା ଢଙ୍ଗରେ ପାଳନ କଲେ ଜନହିତ ଯୁବକ ସଂଘ



ଖଇରା,୨୬।୧୨ (ନି.ପ୍ର): ଖଇରା ବ୍ଲକ ଅଧିନସ୍ଥ ଅଡା ଠାରେ ଜନହିତଯୁବକ ସଂଘ ଦ୍ୱାରା ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ବଡଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ଜନହିତଯୁବକ ସଂଘର ସଦସ୍ୟମାନେ ବଡଦିନରେ ସମସ୍ତେ ଭୋଜି ଭାତରେ ମଜାମସ୍ତି ପାଳନ କରୁଥିବା ବେଳେ ଜନହିତ ଯୁବକସଂଘ ସେହିଦିନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଆସୁଛି । ୨୦୨୦ରେ କରୋନା ମହାମାରୀର ଉତ୍ପତି ଆବିର୍ଭାବ ହୋଇଥିଲା । ସେହି ୨୦୨୦ କରୋନା ମହାମାରୀ ଭଳି ମହାମାରୀକୁ ବିନାଶ କରିବା ପାଇଁ ଜନହିତ ଯୁବକ ସଂଘ ତାର ନୂଆ ପ୍ରୟାସ ଆରମ୍ଭ କରିଛି । ଆଜି ଠାରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ କରିଛି । ଖଇରା ବ୍ଲକ ସମେତ ଅନ୍ୟ ଜିଲ୍ଲାରେ ମଧ ଏହି କାର୍ଯ୍ୟ ଜାରି ରହିବ ବୋଲି ସଭାପତି ସୁରେଶ ରାଉତ କହିଛନ୍ତି। ସୁରେଶ ରାଉତଙ୍କ ନେତୃତ୍ୱରେ ଜନହିତଯୁବକ ସଂଘର ସଦସ୍ୟମାନଙ୍କ ଦ୍ୱାରା ଏହି କାର୍ଯ୍ୟଟି ସୁରୁଖୁରରେ ସମ୍ପାଦନ ହୋଇଥିଲା । ଶ୍ରୀଯୁକ୍ତ ରାଉତ ସମସ୍ତ କାର୍ଯ୍ୟରତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିନ୍ନକ୍ଷମ ଶିଶୁର ଚିକିତ୍ସା ବିଷୟ ପଚାରି ବୁଝିଲେ ସାଂସଦ

କେନ୍ଦ୍ରାପଡା,୨୬।୧୨ (ନି.ପ୍ର): କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଓଲଟପୁର ରେ ଚିକିତ୍ସାଧିନ ଥିବା ଜଣେ ଭିନ୍ନକ୍ଷମ ଶିଶୁର ଚିକିତ୍ସା ସମ୍ବନ୍ଧରେ ପଚାରି ବୁଝିଥିଲେ। ଶ୍ରୀ ମହାନ୍ତି ମାର୍ଶାଘାଇ ବ୍ଲକର କୁହୁଡି ପଂଚାୟତରେ ଜନ ସଂପର୍କ ଅଭିଯାନରେ ଗସ୍ତ କରୁଥିବା ବେଳେ ସଂପୃକ୍ତ ଗ୍ରାମର ବିଶ୍ୱନାଥ ସେଠୀଙ୍କ ଆଲୋଚନା କରି ତାଙ୍କ ପୁଅ କୈଳାସ ସେଠୀ ର ଚିକିତ୍ସା କଥା ପଚାରି ବୁଝିଥିଲେ ।

# ଜନନେତା ଓ ସମାଜସେବୀ ପ୍ରସନ୍ନ ପାଳଙ୍କ ୫ମ ଶ୍ରାଦ୍ଧବାର୍ଷିକୀ

ଜଳେଶ୍ୱର,୨୬।୧୨ (ନି.ପ୍ର): ଜଳେଶ୍ୱରର ଅନ୍ୟତମ ଜନନେତା ପ୍ରଶନ୍ନ ପାଳ ଙ୍କ ୫ମ ଶ୍ରଦ୍ଧବାର୍ଷିକ ଉତ୍ସବ ସମାଜସେବୀ ପ୍ରଶନ୍ନପାଳ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ନିଜ ଗାଁ ବାଘାବାଳୀ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଚାରିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ବହୁ ଉନ୍ନତିମୂଳକ କାର୍ଯ୍ୟ କରି ଥିବାରୁ ସେ ଜଳେଶ୍ୱରର ଜନନେତାଭାବେ ପରିଚିତ ହୋଇଛନ୍ତି । କୋଭିଡ୍ କଟକଣା ଯୋଗୁଁ ନିରାଡମ୍ବର ଭାବେ ଅନୁଷ୍ଠିତ ଉତ୍ସବରେ ପ୍ରତୀମୂର୍ତ୍ତୀ ଓ ଫଟୋଚିତ୍ରରେ ମାଲ୍ୟର୍ପେଣ ସହିତ ୨୫ ଜଣ ଗରିବଙ୍କୁ କମ୍ବଳ, ମାକ୍ସ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡିଶା ସାହିତ୍ୟ ଏକାଡେମୀ ପ୍ରାପ୍ତ କବି କାଳିପଦ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ଭଂଜ, ଆଇନ୍‌ଜୀବି ସତ୍ୟସୁନ୍ଦର ଦାସ, ସୁଧିର କୁମାର ଦାସ, ଶିକ୍ଷକ ସୁବଳ ପରିଡା, ଗ୍ରାମ୍ୟମୁଖ୍ୟ ସୁଶାନ୍ତ ପରିଡା, ସୀତାରାମ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ବିଷ୍ଣୁପଦ ପାଳ ପରିଚାଳନା କରିଥିଲେ । ଜଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ଏକ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତୀ ପ୍ରତିଷ୍ଠା କରିବା ଓ ପୁରୁଣା ଓଡିରୋର୍ଡରୁ ରାଇବଣିଆ ଯାଇଥିବା ରାସ୍ତାକୁ ତାଙ୍କ ନାମରେ ନାମିତ କରିବାକୁ ଉପସ୍ଥିତ ଅତିଥି ଓ ରାଜପୁର, ବାଘାବାଳୀ ଗ୍ରାମର ବହୁ ବ୍ୟକ୍ତି ପ୍ରସ୍ତାବ ଆଗତ କରିଥିଲେ ।

## ସମୀର ମୋଟର୍ସର ତରଫରୁ ସଡକ ସୁରକ୍ଷା ବାର୍ତ୍ତା ପ୍ରଚାର

କେନ୍ଦ୍ରାପଡ଼ା,୨୬।୧୨ (ନି.ପ୍ର): କେନ୍ଦ୍ରାପଡା ଟାଉନର କେଶପୁର ବଜାର ରେ ଥିବା ଟିଭିଏସ ସୋରୁମ୍ ସମୀର ମୋଟର୍ସ ପକ୍ଷରୁ ସଡକ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଚାର କରାଯାଇଛି । ଶୁକ୍ରବାର ପ୍ରତିଷ୍ଠାନ ର ୨୪ତମ ବାର୍ଷିକ ଉତ୍ସବ ଅବସର ରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇ ଏକ ବାଇକ ର୍‌ୟାଲି ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ନିକଟରୁ ବାହାରି ସହର ର ମୁଖ୍ୟ ରାସ୍ତା ଅତିକ୍ରମ କରି ଦୁହୁରିଆରେ ପହଁଚିଥିଲା । ବିଭିନ୍ନ ଛକ ଯାଗା ମାନଙ୍କରେ ସଡକ ସୁରକ୍ଷା ନିୟମାବଳୀ ର ପ୍ରଚାର କରାଯିବା ସହ ଜନ ସାଧାରଣଙ୍କୁ ଆବଶ୍ୟକୀୟ ସୁରକ୍ଷା ଉପକରଣ ବ୍ୟବହାର ପାଇଁ ନିବେଦନ କରାଯାଇ ଥିଲା । ଏହା ସହ ସୋରୁମ୍ ପରିସର ରେ ଏକ ନାମିଦାମୀ ବ୍ରାଣ୍ଡର ହେଲମେଟ ବିକ୍ରମ କେନ୍ଦ୍ରକୁ ଉଦ୍‌ଘାଟନ କରାଯାଇ ଥିଲା ।

# ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ୯୬ତମ ଜନ୍ମଜୟନ୍ତୀ ପାଳିତ

ଜଳେଶ୍ୱର,୨୬।୧୨ (ନି.ପ୍ର): ଆଜି ଶୁକ୍ରବାର ଅପରାହ୍ନରେ ବାଲେଶ୍ୱର ଜିଲା ଜଳେଶ୍ୱର ଭାଜପା ପକ୍ଷରୁ ପାର୍ଟି କାର୍ଯ୍ୟାଳୟରେ ଜନନାୟକ ଅଟଳ ବିହାରୀ ବାଜପେୟୀଙ୍କ ୯୬ ତମ ଜନ୍ମ ଜୟନ୍ତି ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ଅନନ୍ତ କୁମାର ଦାସ ପୌରହିତ୍ୱ କରିଥିବା ବେଳେ ତାଙ୍କର ଯୁଗାନ୍ତକାରୀ ପଦକ୍ଷେପ, ତ୍ୟାଗ, ଜୀବନଚର୍ଯ୍ୟା, କବିତା, ଦୃଢ ବ୍ୟକ୍ତିତ୍ୱ, ସ୍ୱାବଲମ୍ବୀ ଭାରତର ନିର୍ମାଣ ସଂପର୍କରେ ଆଲୋକପାତ କରାଯାଇଥିଲା । ବିଶେଷକରି ସାରାଭାରତକୁ ଯୋଡିବାରେ ସ୍ୱର୍ଣ୍ଣଚତୁର୍ଭୁଜର ନିର୍ମାଣ, ଦୃଢ ବୈଦେଶିକ ନିତୀ ସଂପର୍କରେ ଆଲୋଚନା କରାଯାଇଥିଲା । ଏହି ସଭାରେ ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ନଗର ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀ, ତପନ ବିଶ୍ୱାଳ, ସୁବ୍ରତ ଘୋଷ, ଅରୁଣ ବେଜ, ସୁନିଲ କୁମାର ଗିରି, ରାମକୃଷ୍ଣ ସାହୁ, ସୁମତୀ ଦେ, ଆଦିତ୍ୟ ପାତ୍ର, ସେକ୍ ସୁଲତାନ, ରବିନ୍ଦ୍ର ପାତ୍ର, ରାଜୀବ ଘୋଷ, ରଂଜନ ପାତ୍ର, ଭରତ ଧଳ, ସଂଜିବ ପ୍ରଧାନ, ଅମୂଲ୍ୟ ସେନାପତି, ବରେନ୍ଦ୍ର ନାଥ ପରିଡା, ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ, ଅଂଜନ କୁମାର ଦାସ, ଶକ୍ତିମାଧବ ଦେ, ସୁରେଶ ହାଁସଦା, ପ୍ରମୁଖ ବହୁ ଲୋକ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲା ।

# ସହାୟତାର ହାତ ବଢାଇଲେ ପୁରାତନ ଛାତ୍ରଛାତ୍ରୀ

ଜଳେଶ୍ୱର,୨୬।୧୨ (ନି.ପ୍ର): ସରକାର ମୋ ସ୍କୁଲ ଅଭିଯାନ ଆରମ୍ଭ କରିଥିବା ବେଳେ ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧିନ ଚୋରମରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ବାରିକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଜଳେଶ୍ୱର ବିଇଓ ବିରଞ୍ଜନ ଦାସ ମହାପାତ୍ର ଯୋଗ ଦେଇ ଶିକ୍ଷା ବିଭାଗରେ ମୋ ସ୍କୁଲ ଅଭିଯାନ ଏକ ନୂତନ ଦିଗ୍ ଦର୍ଶନ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ସରପଂଚ ପରିତୋଷ କାମିଲା ଯୋଗ ଦେଇ ବିଦ୍ୟାଳୟର ଭିତ୍ତିଭୂମୀ ବିକାଶରେପୁରାତନ ଛାତ୍ରଛାତ୍ରୀଙ୍କ ପ୍ରମୁଖ ଭୂମିକା ରହିଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର ନେତା ସୁକୁମାର ମିଶ୍ର, ପ୍ରଶାନ୍ତ ମିଶ୍ର, ପ୍ରାଧ୍ୟାପକ ଡ. ଅକ୍ଷୟ ପରିଡା, ସିଆର୍‌ସିସି ସେକ୍ ମୁସଲିମ, ରମାନାଥ ପ୍ରଧାନ, ଜଗବଂଧୁ ସାହୁ, ମନୋରଂଜନ ରାଉଳ, ଲକ୍ଷ୍ମୀଧର ପ୍ରଧାନ, ଶିବନାରାୟଣ ଜେନା, ସଂଜୟ ପରିଡା, ପୁଷ୍ପିତା ସାହୁ, ସୁଭଦ୍ରା ପରିଡା, ସବିତା ସାହୁଙ୍କ ସହିତ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ–ରହିଥିଲେ ।

# ଭାରତୀୟ ଜନତା ପାର୍ଟି ତରଫରୁ ସୁଶାସନ ଦିବସ ପାଳିତ



କପ୍ତିପଦା,୨୬।୧୨ (ନି.ପ୍ର): ଭାରତୀୟ ଜନତା ପାର୍ଟି ଉଦଳା ଶାଖା ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀଙ୍କ ଜନ୍ମ ଜୟନ୍ତୀଙ୍କ ସୁଶାସନ ଦିବସ ରୂପେ ମହାସମାରୋହରେ ପାଳିତ ହୋଇଅଛି। ଏହି ଅବସରରେ ଭାରତୀୟ ଜନତା ପାର୍ଟିର କର୍ମକର୍ତ୍ତାମାନେ ସ୍ଥାନୀୟ କାର୍ଯ୍ୟାଳୟରେ ପହଂଚି ଅଟଳବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବିଧାୟକ ଭାସ୍କର ମଢେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି, ସଦସ୍ୟା ପ୍ରମିଳା ପଣ୍ଡା, ବରିଷ୍ଠ ନେତା କୋମଳ ଧଳ ଯୋଗଦେଇ ବାଜପେୟୀଙ୍କ ସମୟରୁ ହିଁ ବିକାଶର ଧାରା ଆରମ୍ଭ ହୋଇଛି, ତାଙ୍କ ପ୍ରଧାନମନ୍ତ୍ରୀ ସମୟରେ ଜାତୀୟ ରାଜପଥର ଉନ୍ନତିକରଣ, ଗ୍ରାମ ସଡ଼କ ଯୋଜନାରେ ଗାଁ ଗାଁକୁ ରାସ୍ତା, ନଦୀ ସଂଯୋଗୀକରଣ, ଅନ୍ତୋଦ୍ୟ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା, ମହିଳା ସଶକ୍ତିକରଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠି ନିର୍ମାଣ ଓ ତାଙ୍କୁ ପ୍ରୋତ୍ସାହନ ଦେବା ଭଳି ଅନେକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯାଇଅଛି ଯେଉଁଥିପାଇଁ ସେ ଆଜି ଜନମାନସରେ ଚିରନମସ୍ୟ ହୋଇପାରିଛନ୍ତି। ତାଙ୍କ କାର୍ଯ୍ୟ ଧାରାକୁ ତ୍ୱରାନ୍ୱିତ କରି ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦି ଅନେକ ବିକାଶମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ନିଜନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଉଦଳା ନଗର ମଣ୍ଡଳର ସଭାପତି ଧୀରେନ୍ଦ୍ର ଖଣ୍ଡେଲୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଜିଲ୍ଲା ସମ୍ପାଦିକା ମମତା ସାହୁ ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ନେତା ପ୍ରଭାତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଅତିଥିମାନଙ୍କ ସହିତ ଯୁବମୋର୍ଚ୍ଚାର ସଭାପତି ଆଦର୍ଶ ଜେନା, ବାପି ଭଂଜ, ସଂଜୀବ ବିନ୍ଧାଣି, ସଂଜୀବ ସାଏବାବୁ, ପ୍ରମୋଦ ପାତ୍ର, ବିଶ୍ୱରଂଜନ ମୋଦି, ପ୍ରାଣକୃଷ୍ଣ ବେରା ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉଦଳା ଡାକ୍ତରଖାନାରେ ପହଂଚି ଉଦଳା ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ. ଶିବାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ବଂଟନ କରିଥିଲେ।

# ଧୁଷୁରୀ ଠାରେ ବିଜୁଜନତା ଦଳର ପ୍ରତିଷ୍ଠା ଦିବସ ପାଳନ




ଧାମନଗର,୨୬।୧୨ (ନି.ପ୍ର): ବିଜୁ ଜନତାଦଳର ୨୪ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପ୍ରରିପ୍ରେକ୍ଷୀରେ ବିଜେଡ଼ି ଧାମନଗର ବ୍ଲକ ଶାଖା ପକ୍ଷରୁ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ ପୂଜ୍ୟପୂଜା ସଂସଦ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ୨୬ତାରିଖ ଅପରାହ୍ନ ୪ଟାରେ ବିଜେଡ଼ି ଧାମନଗର ବ୍ଲକ ସଭାପତି ଉମେଶଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ସମାରୋହ ସଭାରେ ସାଂସଦ ମଞ୍ଜୁଲତା ମଣ୍ଡଳ, ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ଜିଲ୍ଲାସଭାପତି ଜଗନ୍ନାଥ ସ୍ୱାଇଁ, ଧାମନଗର ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ତିହିଡ଼ି ବ୍ଲକ ଅଧକ୍ଷା ବିଦ୍ୟୁତ୍‌ଲତା ନାୟକ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ପୂର୍ବତନ ବ୍ଲକ ଅଧକ୍ଷ ବିନୋଦ ନାୟକ, ନାରାୟଣଚନ୍ଦ୍ର ସାହୁ, ନଗର ବିଜେଡ଼ି ସଭାପତି ସୁଶାନ୍ତ କୁମାର ରାଉତ, ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ସୁରତୀ ନାୟକ ପ୍ରମୁଖ ଯୋଗଦେଇ ବିଜୁ ଜନତାଦଳର ୨୪ବର୍ଷର ଲୋକହିତକର କାର୍ଯ୍ୟ ସମେତ ଦଳର ସୁପ୍ରିମୋ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସମିତିସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ହରେକୃଷ୍ଣ ପାଢୀ, ସାଂସଦଙ୍କ ନଗର ପ୍ରତିନିଧି ଶରତଚନ୍ଦ୍ର ମହାନ୍ତି, ପଣ୍ଡିତ ଦୟାନିଧି ମିଶ୍ର, ସଂଖ୍ୟାଲଘୁନେତା ସେକ୍ ଜାଫର ଅଲ୍ଲୀ, ବିଜେଡ଼ି ନେତା ରାମଚନ୍ଦ୍ର ସାହୁ, ଭାରତବିଜୟ ଦଳାଇ, କୃଷ୍ଣଚନ୍ଦ୍ର ପତି, ଶୈଫୁଦ୍ଦିନ୍ ପ୍ରମୁଖ ବିଜୁ ଜନତାଦଳର ଆଭିମୁଖ୍ୟ ସମ୍ପର୍କରେ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ବିଜେଡ଼ି ନେତା ତଥା ପୂର୍ବତନ ସରପଞ୍ଚ ସାରଦାପ୍ରସନ୍ନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ବିଜେଡ଼ିର ହଜାର ହଜାର ପୁରୁଷ, ମହିଳା ସଂଗଠକ ଓ କର୍ମୀ ମାନେ ଯୋଗଦେଇଥିଲେ।

# ଜିଲ୍ଲା କଂଗ୍ରେସର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ବାରିପଦା ,୨୬।୧୨ (ନି.ପ୍ର): ଆଜି ବାରିପଦାର ଦେଉଳ ସାହି ଠାରେ ମୟୂରଭଂଜ ଜିଲ୍ଲା କଂଗ୍ରେସର ଏକ ନୂତନ ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟାଳୟ ପ୍ରତିଷ୍ଠା ଓ ଉଦ୍‌ଘାଟନ ଉତ୍ସବ ଜିଲ୍ଲା ସଭାପତି ହେମନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ତଥା କଂଗ୍ରେସ ଏଆଇସିସି ସଦଶ୍ୟା ସୁଶିଳା ତିରିଆ, ବରିଷ୍ଠ କଂଗ୍ରେସ ନେତା ଆଇନଜିବୀ ବିଜନ ଦାସ, ଯୁବନେତା ଯୋଗେଶ ଅଗ୍ରୱାଲା, ଅରବିନ୍ଦ ଦାସ, ଶାନ୍ତନୁ ପାଲ ପ୍ରମୁଖ ବହୁ ନେତାଙ୍କ ସହିତ କଂଗ୍ରେସ କର୍ମୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ସଭାପତି ଶ୍ରୀ ଦାସ ବିଧିବଦ୍ଧ ଭାବରେ କାର୍ଯ୍ୟାଳୟ ଗୃହର ପୂଜାର୍ଚ୍ଚନା ସରିବା ପରେ କାର୍ଯ୍ୟାଳୟ ଉଦ୍‌ଘାଟନ କରି ଥିଲେ ।

# ରେମୁଣା ବିଜେପି ପକ୍ଷରୁ ସୁଶାସନ ଦିବସ

ବାଲେଶ୍ୱର,୨୬।୧୨ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ବିଜେପି ରେମୁଣା ମଣ୍ଡଳ ପକ୍ଷରୁ ସୁଶାସନ ଦିବସ ବାଲିଆସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆଜି ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏଥିରେ ଯୋଗଦେଇ ବାଜପେୟୀ ଜୀଙ୍କ ଜୀବନାଦର୍ଶ ଓ ନବଭାରତ ନିର୍ମାଣରେ ତାଙ୍କର ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ତାଙ୍କର ନୀତି ଆଦର୍ଶ ଆଜି ଦେଶ ଶାସନର ଆଧାର ହୋଇପାରିଛି ବୋଲି ସେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ବିଜେପି କୃଷକ ମୋର୍ଚ୍ଚା ନେତା ବିପିନ୍ ଦାସ, ଜିଲ୍ଲା ପରିଷଦ ସଦସ୍ୟ ସୀତାରାମ ପ୍ରଧାନ ଓ ବିପିନ ମାରାଣ୍ଡି, ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ କମଳା ବିନ୍ଧାଣୀ ପ୍ରମୁଖ ଏଥିରେ ଯୋଗଦେଇ ଦେଶକୁ ବିକାଶଶୀଳ କରିବାରେ ବାଜପେୟୀ ଜୀଙ୍କ ଭୂମିକା ଓ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଜେପି ରେମୁଣା ଶାଖା ମିଡିଆ ପ୍ରଭାରୀ କ୍ରିଷ୍ଣା ସାହା ଏଥିରେ ସଭାପତିତ୍ୱ କରିଥିବା ବେଳେ ବିକାଶ ପାଢ଼ୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ : ଶସ୍ତା ରାଜନୀତି ବନ୍ଦ କରୁ ବିଜେଡି



ବାରିପଦା ,୨୬।୧୨ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ମହାରାଜାଙ୍କ ନାମରେ ରାଜନିତି କରି ନିର୍ବାଚନ ବୈତରଣୀ ପାର ହେବାକୁ ବିଜେଡି ଦଳ ଯୋଜନା କରିଛି ବୋଲି ଆଜି ବାରିପଦା ତକତପୁର ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପିର ରାଷ୍ଟ୍ରୀୟ ସମ୍ପାଦକ ତଥା ମୟୂରଭ ସାଂସଦ ଇଂ ବିଶେଶ୍ୱର ଟୁଡୁ ଗଣ ମାଧ୍ୟମକୁ କହିଛନ୍ତି । ଏହାଛଡା କେନ୍ଦ୍ରୀୟ ଯୋଜନାକୁ ନିଜ ଯୋଜନା କହି ପ୍ରଚାର କରି ଭୋଟ ହାତେଇବାରେ ଧୁରନ୍ଧର ରାଜ୍ୟ ସରକାର ତଥା ସାଶକ ବିଜେଡି ଦଳ ଏଥିରୁ କ୍ଷାନ୍ତ ନହେଲେ ବିଜେପି ପକ୍ଷରୁ ଏହାର କଡା ଜବାବ ଦିଆଯିବ ବୋଲି କୁହାଯାଇଛି । ଗରୀବ ବାସହୀନ ଲୋକଙ୍କୁ ସ୍ଥାୟୀ ବାସଗୃହ ଯୋଗାଇ ଦେବାର ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏବେ ଓଡିଶାର ପ୍ରତିବ୍ଲକକୁ ୧୫ଶହରୁ ଉର୍ଦ୍ଧ ବାସଗୃହ ବାର୍ଷିକ ଆସୁଥିବା ବେଳେ ରାଜ୍ୟ ସରକାର ପ୍ରକୃତ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦେବାରେ ଫେଲ ମାରିଛନ୍ତି । ରାଜ୍ୟରେ ନିଜସ୍ୱ ମୋ କୁଡିଆ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ୫୦ ଶତକଡା ଲେଖାଏଁ ଅଂଶଧନ ପ୍ରଦାନ କରିବାକୁ ଥିବା ବେଳେ, ରାଜ୍ୟ ସରକାରଙ୍କ ବଜେଟରେ ଏଥିପାଇଁ କୌଣଷି ବ୍ୟୟବରାଦ କରି ନାହାନ୍ତି । ଏବେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହୋଇଥିବା ବାସଗୃହ ଉପରେ ବିଜୁ ପକ୍କାଘର ଷ୍ଟିକର ଲଗାଇ କେନ୍ଦ୍ରୀୟ ଯୋଜନାକୁ ହାଇଜାକ କରିବାକୁ ମସୁଧା ଚଲାଇଛି । ଏପରି ହେଲେ ବିଜେପି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି କୁହାଯାଇଛି । ସେହି ପରି ମୟୂରଭ ମହାରାଜା ଶ୍ରୀରାମ ଚନ୍ଦ୍ର ଭଦେଓ ଙ୍କ ୧୫୦ ତମ ଜନ୍ମଜୟନ୍ତୀକୁ ସରକାରୀ ସ୍ତରରେ ବର୍ଷତମାମ ପାଳନ କରି ତାଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରିବା ପାଇଁ ଡିସେମ୍ବର ୧୬ ତାରିଖ ବିଜେପିର ରାଜ୍ୟ ସମ୍ପାଦକ ଗୋଲୋକ ମହାପାତ୍ର ବାରିପଦା ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦାବୀ କରିଥିବା ବେଳେ ମହାରାଜାଙ୍କ ଜୟନ୍ତୀ ୧୭ ତାରିଖ ଦିନ ସକାଳେ ମହାରାଜାଙ୍କ ପ୍ରତିମୂର୍ତ୍ତୀରେ ବିଜେପି ତରଫରୁ ମାଲ୍ୟାର୍ପଣ କରାଯିବା ସମୟରେ ଏକ ରାଜ୍ୟ ସ୍ତରୀୟ ଅନୁଷ୍ଠାନର ନାମକରଣ ମହାରାଜାଙ୍କ ନାମରେ ନାମିତ୍ତ କରିବାକୁ ଦାବୀ ଉପସ୍ଥାପନ କରାଯାଇଥିଲା । ବିଜେପିର ଦାବୀ ପରେ ତତ୍‌କ୍ଷଣାତ ଜିଲ୍ଲା ବିଜେଡି ପକ୍ଷରୁ ମହାରାଜାଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ପ୍ରସ୍ତାବ ପାସକରି ତରବରିଆ ଭାବରେ ସରକାରୀ ସ୍ତରରେ କାର୍ଯ୍ୟକାରୀ କରାଯାଇଛି । ଏହାକୁ ବିଜେପି ସ୍ୱାଗତ କରୁଥିବା ବେଳେ, ଆଗକୁ ପୌର ଓ ପଂଚାୟତ ନିର୍ବାଚନ ଆସୁଥିବାରୁ ଏହା ପଛରେ ସାଶକ ବିଜେଡି ଦଳର ଶସ୍ତା ରାଜନିତି ରହିଥିବାର ଗନ୍ଧ ବାହାରୁଛି । ଏଣୁ ବିଶ୍ୱ ବିଦ୍ୟାଳୟର ରେଗୁଲାର ବିଷୟ ବୃଦ୍ଧି କରାଯିବା ସହିତ ନିୟମିତ ପ୍ରଫେସର ଓ କର୍ମଚାରୀ ନିଯୁକ୍ତି ଭଳି ବିଶ୍ୱ ବିଦ୍ୟାଳୟର ବହୁ ବାସ୍ତବ ସମସ୍ୟା ଗୁଡିକ ବାବଦରେ ରାଜ୍ୟ ସରକାର ଯତ୍ନବାନ ହେବା ଦରକାର ବୋଲି କୁହାଯାଇଛି । ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବଡସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡାଃ ବୁଦ୍ଧାନ ମୁର୍ମୁ, ରାଜ୍ୟ ବିଜେପିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦଶ୍ୟ ଛୋଟେଲାଲ ମହାନ୍ତ, ଜିଲ୍ଲା ପ୍ରବକ୍ତା କବି ବିଷ୍ଣୁ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର, ୨୭ ଡିସେମ୍ବର, ୨୦୨୦
email : rabibarachayan2015@gmail.com

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୮

ଅଙ୍ଗ ନଦୀର ନାମକରଣ ସମ୍ବନ୍ଧରେ ପାଟଣାରେ ଏକ କିମ୍ବଦନ୍ତୀ ଶୁଣାଯାଏ । ଏହା ପୂର୍ବତନ ପାଟଣାରାଜ୍ୟ ଓ ସମ୍ବଲପୁରର ସୀମା । ନଦୀର ଉତ୍ତର ତଟରୁ ସମ୍ବଲପୁର ଓ ଦକ୍ଷିଣ ତଟରୁ ପାଟଣା ରାଜ୍ୟ ବିସ୍ତୃତ ହୋଇଥିଲା । ପାଟଣାଧୀଶ୍ୱର ନରସିଂହ ଦେଓ (୧୫୪୯-୧୫୭୪)ଙ୍କ ଗର୍ଭବତୀ ରାଣୀଙ୍କ ପ୍ରସୂତି-ବେଦନା ଉପସ୍ଥିତ ହେଲାରୁ ଘୋର ବୃଷ୍ଟି ସମୟରେ ରାତ୍ରିରେ କନିଷ୍ଠ ଭ୍ରାତା ବଳରାମ ଦେବ ନଦୀ ସନ୍ତରଣ କରି ଅପରକୂଳସ୍ଥ ଗ୍ରାମରୁ ଧାଇଙ୍କୁ ପିଠିରେ ବସାଇ ଆଣି ପ୍ରସୂତି-କାର୍ଯ୍ୟ ନିର୍ବାହ କରାଇଥିଲେ । ଏଥିଯୋଗୁଁ କନିଷ୍ଠ ଭ୍ରାତାଙ୍କ ସାହସ ଓ ଜ୍ୟେଷ୍ଠ ଭ୍ରାତାଙ୍କ ପ୍ରତି ଭକ୍ତିର ନିଦର୍ଶନ ସ୍ୱରୂପ ଅଙ୍ଗନଦୀର ଉତ୍ତରପଟରୁ ମହାନଦୀ ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡ ତାଙ୍କୁ ଦାନ କରିଥିଲେ । ବଳରାମ ଦେବ ଉକ୍ତ ଭୂଖଣ୍ଡକୁ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରି ନିଜକୁ ତହିଁର ଅଧିପତି ଘୋଷଣା କଲେ । କୃଷି ବାଣିଜ୍ୟ ଆଦି ସାହାଯ୍ୟରେ ନବ-ପ୍ରତିଷ୍ଠିତ ରାଜ୍ୟର ବିବିଧ ପ୍ରକାର ଉନ୍ନତି ଦେଖି ପରେ ନରସିଂହ ଦେବ ଖଳଲୋକଙ୍କ ପ୍ରରୋଚନାରେ ତାହାଙ୍କ ଦାନର ପ୍ରତ୍ୟାହାର ଘୋଷଣା କରି ରାଜ୍ୟ ତ୍ୟାଗକରି ପାଟଣାକୁ ଫେରିଆସିବା ସକାଶେ ବଳରାମ ଦେବଙ୍କୁ ଆଦେଶ ଦେଲେ । ବଳରାମ ଦେବ ଏଥିରେ ସ୍ୱୀକୃତ ନହେବାରୁ ନରସିଂହ ଦେବ ତାହାଙ୍କ ବିରୁଦ୍ଧରେ ସୈନ୍ୟ ପ୍ରେରଣ କଲେ । ଉଭୟ ଭ୍ରାତାଙ୍କ ମଧ୍ୟରେ ତୁମୂଳ ଯୁଦ୍ଧ ସଂଘଟିତ ହେଲା । ପରିଶେଷରେ ମା' ଗୋସାଣୀ (ରାଜମାତା) ଜନକ୍ଷୟ ତଥା ଭ୍ରାତୃଦ୍ୱୟଙ୍କ ମଧ୍ୟରେ କଳହ ନିବାରଣ ଉଦ୍ଦେଶ୍ୟରେ ନଦୀ ମଧ୍ୟରେ ପୂର୍ବାଭିମୁଖୀ ହୋଇ ବସି ଜ୍ୟେଷ୍ଠପୁତ୍ର ନରସିଂହ ଦେବଙ୍କୁ ଦକ୍ଷିଣ ଓ କନିଷ୍ଠ ପୁତ୍ର ବଳରାମ ଦେବଙ୍କୁ ବାମ ପାର୍ଶ୍ୱରେ ବସାଇ କହିଲେ, "ଆଜିଠାରୁ ଏହି ନଦୀ ଉଭୟ ଭ୍ରାତାଙ୍କ ଅଧିକୃତ ରାଜ୍ୟର ସୀମା ହେଲା । ଏହା ଉଭୟେ ସ୍ୱୀକାର କର ଏବଂ ପ୍ରତିଶ୍ରୁତ ହୁଅ ଯେ, କେହି ଏହି ସୀମା ଲଂଘନ କରିବ ନାହିଁ; କଲେ ମାତୃଅଙ୍ଗ ଲଂଘନ କଲା ତୁଲ୍ୟ ବିବେଚିତ ହେବ ।" ଏହିଦିନଠାରୁ ନଦୀ ମାତୃଅଙ୍ଗର ନାମାନୁସାରେ 'ଅଙ୍ଗ' ନାମର ବିଦିତ ହୋଇଅଛି । ଅଙ୍ଗ ନଦୀଠାରୁ ଉତ୍ତରରେ ମହାନଦୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଭୂଖଣ୍ଡ ସମ୍ବଲପୁର ନାମରେ ପରିଚିତ ହେଲା । ବଳରାମ ଦେବଙ୍କ ବୀରତ୍ୱ ପ୍ରଭାବରେ କ୍ରମେ ମହାନଦୀର ଉତ୍ତରକୁ ଆହୁରି ବିସ୍ତୃତି ଲାଭ କଲା ।

ବୈଜଲ ସିଂହଙ୍କ ତିନିପୁତ୍ର- ମଦନମୋହନ ସିଂହ, ଧ୍ରୁବରାଜ ସିଂହ ଓ ବଳିୟାର ସିଂହ । ପିତାଙ୍କ ମୃତ୍ୟୁ ପରେ ଜ୍ୟେଷ୍ଠପୁତ୍ର ମଦନମୋହନ ସିଂହ ଜମିଦାର ହେଲେ । ସେ ଅଳ୍ପ ବୟସରେ ଦେହତ୍ୟାଗ କରିବାରୁ ତାଙ୍କର ଏକମାତ୍ର ପୁତ୍ର ଚନ୍ଦ୍ରଶେଖର ସିଂହ ଜମିଦାରୀ ଲାଭ କଲେ । କିନ୍ତୁ ସେହି ସମୟରେ ସେ ନାବାଳକ ଥିବାରୁ ଷ୍ଟେଟ୍ କର୍ତ୍ତୃପକ୍ଷ ପିତୃବ୍ୟ ଧ୍ରୁବରାଜ ସିଂହଙ୍କୁ ତାଙ୍କ ଅଭିଭାବକ ନିଯୁକ୍ତି କରି ଜମିଦାରୀ ତତ୍ତ୍ୱାବଧାନ ଭାର ଅର୍ପଣ କଲେ । ଧ୍ରୁବରାଜ ସିଂହ ପ୍ରବୀଣତା ସହକାରେ ଜମିଦାରୀ ଶାସନ କଲେ । ସେ ଜମିଦାରୀ ଓ ଜମିଦାର ପରିବାରର ଯଥେଷ୍ଟ ଉନ୍ନତି ସାଧନ କରିଥିଲେ । ପ୍ରଜାଗଣ ତାଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥିଲେ । ପରିବାର ଓ ସମ୍ପତ୍ତି କ୍ଷୁଦ୍ର ହେଲେ ହେଁ ସେ ଗୋଟିଏ ଛୋଟ ରାଜା ପରି ରହୁଥିଲେ । ସବୁଦିନ ଘରେ ଦୁଇଘର ହାତୀ ଓ ପାଞ୍ଚ-ଛଅ ଗୋଟି ଘୋଡ଼ା ବନ୍ଧା ହୋଇଥିଲେ । ରାଜଚିହ୍ନ-ବିଶିଷ୍ଟ ପୋଷାକଧାରୀ ସିପାହୀ, ବରକନ୍ଦାଜ ଦରୁଆନ ଓ କର୍ମଚାରୀଗଣ ତାଙ୍କର ସେବା କରୁଥିଲେ । ଅତିଥି, ଅଭ୍ୟାଗତ, ସାଧୁ, ବୈଷ୍ଣବ ପ୍ରଭୃତି ଅତିଥିଗଣଙ୍କ ସେବା ଜମିଦାର ପରିବାରର ବିଶେଷତ୍ୱ ଥିଲା । ଦୁଃଖୀ ଦରିଦ୍ରଙ୍କ ପ୍ରତି ଧ୍ରୁବରାଜ ସିଂହଙ୍କ ଦାନଶୀଳ ହସ୍ତ ସର୍ବଦା ସମ୍ପ୍ରସାରିତ ହେଉଥିଲା । ସମ୍ମୁଖରେ ଜଗନ୍ନାଥ ମନ୍ଦିର । ରଥଯାତ୍ରା ସହିତ ବାରମାସକୁ ତେର ପର୍ବ ପାଳିତ ହେଉଥିଲା । କଟକ ଅଞ୍ଚଳରୁ ପଣ୍ଡିତ, ଜ୍ୟୋତିଷ ଓ ଶାସ୍ତ୍ରଜ୍ଞମାନେ, ପାଲା, ନାଚଦଳ ଆସି ପ୍ରତିବର୍ଷ ଯଥେଷ୍ଟ 'ବାଦାକି' ଘେନି ଯାଉଥିଲେ । ପ୍ରତିବର୍ଷ ଗ୍ରୀଷ୍ମକାଳରେ ଅପରାହ୍ନ ଗ୍ରାମବାସୀମାନଙ୍କ ଦ୍ୱାରା ପରିବୃତ ହୋଇ ପୁରାଣପାଠ ଶ୍ରବଣରେ ଅତିବାହିତ ହେଉଥିଲା । ଧ୍ରୁବରାଜ ସିଂହ ଷ୍ଟେଟ୍‌ର ଜଣେ ଅବୈତନିକ ମାଜିଷ୍ଟ୍ରେଟ୍ ଥିଲେ ଓ ଆଗଲପୁରରେ ତାଙ୍କ ଫୌଜଦାରୀ ଓ ଦେବାନି ଅଦାଲତ ଥିଲା । ତାଙ୍କ ନିରପେକ୍ଷ ବିଚାର ଆଜି ସୁଦ୍ଧା ଲୋକେ ସ୍ମରଣ କରନ୍ତି ।

୧୯୦୬ ସାଲର କଥା। ସେତେବେଳେ ମୁଁ କଟକ ରେଭେନ୍‌ସା କଲେଜରେ ବି.ଏ କ୍ଲାସ୍‌ର ଛାତ୍ର । ଗ୍ରୀଷ୍ମକାଳରେ ଘରକୁ ଆସିଥିଲି । ତହିଁର ପୂର୍ବବର୍ଷ ଚନ୍ଦ୍ରଶେଖର ସିଂହ ଓ ଧ୍ରୁବରାଜ ସିଂହଙ୍କ ଜ୍ୟେଷ୍ଠପୁତ୍ର ଲକ୍ଷ୍ମୀନାରାୟଣ ସିଂହ ରାୟପୁର ରାଜକୁମାର କଲେଜକୁ ଯାଇଥିଲେ । ସେମାନେ ମଧ ଗ୍ରୀଷ୍ମାବକାଶରେ ଘରକୁ ଆସିଥିଲେ । ମୁଁ ଲକ୍ଷ୍ୟକଲି, ଯେତେବେଳେ ଓଦା ଗାମୁଛା ଦେହରେ ପକାଇ ସମସ୍ତେ ନିଜ ନିଜ ଘରର ଅନ୍ଧାର ଶୀତଳ କୋଣ ଖୋଜୁଛନ୍ତି, ଦିନେ ଦିନେ ସେହି ମଧ୍ୟାହ୍ନ ଓ ଅପରାହ୍ନ ସମୟରେ ରାଜପୁତ୍ରଦ୍ୱୟ ରାଜକୁମାର କଲେଜର ଅଭ୍ୟସ୍ତ ଗରମ ପେଣ୍ଟ୍, କୋଟ୍ ପିନ୍ଧି ଘର୍ମାକ୍ତ କଳେବରରେ ଆଜି ଭୁଲିୟା ପଡ଼ା, କାଲି ଗଉଡ଼ ପଡ଼ା ପ୍ରଭୃତିରେ ଲୋକଙ୍କୁ ଆକର୍ଷଣ କରି ଦାଣ୍ଡପିଣ୍ଡାମାନଙ୍କରେ ବସି ରାଜକୁମାର କଲେଜରେ ଘୋଡ଼ା ଚଢ଼ା, ବନ୍ଧୁକମରା, ଫୁଟବଲ୍ ଖେଳ ପ୍ରଭୃତିରେ ନିଜ ନିଜର କୃତିତ୍ୱ ବର୍ଣ୍ଣନା କରୁଥାନ୍ତି । ମୁଁ ଶୁଣିଥିଲି, ରାଜକୁମାର କଲେଜ୍‌ର ରାଜପୁତ୍ର ଛାତ୍ରମାନଙ୍କୁ ଏ ସମସ୍ତ ବିଦ୍ୟା ଓ ପାଠ ଅପେକ୍ଷା ଶାଠ ଅଧିକ ଶିକ୍ଷା ଦିଆହୁଏ । ଜମିଦାର ପୁତ୍ରଦ୍ୱୟଙ୍କୁ ଦେଖି ମୋର ସେହି ବିଶ୍ୱାସ ଦୃଢ଼ୀଭୂତ ହେଲା । ଥରେ ରାଜାମାନଙ୍କ ଦାବିରେ ରାଜକୁମାର କଲେଜ ପାଟଣା ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ ହେଲା । ସେତେବେଳେ ମଧ୍ୟପ୍ରଦେଶର କୌଣସି ସ୍ଥଳରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇନଥିଲା । ଉକ୍ତ କଲେଜର ଛାତ୍ରମାନେ କେହି ପାଟଣା ବିଶ୍ୱବିଦ୍ୟାଳୟର ମେଟ୍ରିକ୍ୟୁଲେଶନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଲେ ନାହିଁ । ତପ୍ରରେ କଲେଜର କାର୍ଯ୍ୟକ୍ରମ ପୂର୍ବବତ୍ ଚାଲିଲା । ଶିକ୍ଷା ପ୍ରତି ଧ୍ରୁବରାଜ ସିଂହଙ୍କ ଅନୁରାଗ ଥିଲା । ସେ ମୋତେ ଅତ୍ୟନ୍ତ ସ୍ନେହ କରୁଥିଲେ । ଛୁଟିରେ ଘରକୁ ଗଲେ ମୋତେ ଡାକିନେଇ ମୁଁ ପଢୁଥିବା ପାଠ ବିଷୟରେ ଗଭୀର ଅନୁସନ୍ଧିତ୍ସା ପ୍ରକାଶ କରୁଥିଲେ । ପ୍ରତ୍ୟହ ଅନ୍ତତଃ ଥରେ ତାଙ୍କ ସହିତ ସାକ୍ଷାତ କରି କେବଳ ପାଠ ବିଷୟରେ ତାଙ୍କ ସହିତ ଗଳ୍ପ କରିବା ସୁଯୋଗ ମୁଁ ତାଙ୍କଠାରୁ ପ୍ରାପ୍ତ ହେଉଥିଲି । ପାଟଣା ଷ୍ଟେଟ୍‌ର ମୁଁ ଉଚ୍ଚଶିକ୍ଷା ସକାଶେ ଦୂରସ୍ଥାନକୁ ଯାଇଥିବା ଏକମାତ୍ର ଛାତ୍ର ବୋଲି ସମସ୍ତଙ୍କ ଆଗରେ ମୋର ପ୍ରଶଂସାକରି ଗ୍ରାମବାସୀ ଅନ୍ୟ ବାଳକମାନଙ୍କୁ ମୋର ଆଦର୍ଶ ଅନୁକରଣ କରିବା ପାଇଁ ଉପଦେଶ ଦେଉଥିଲା। ତାଙ୍କ ଇଚ୍ଛାକ୍ରମେ ଦିନେ ଦିନେ ତାଙ୍କ ପୁତ୍ରଙ୍କୁ କିଛି କିଛି ପଢ଼ାଇଦିଏ । ତାଙ୍କ ଇଂରେଜୀ ଶିକ୍ଷା ସର୍ବପ୍ରଥମ ମୋ ହସ୍ତରେ ଆରମ୍ଭ ହେଲା । ସେ ତ ରାଜପୁତ୍ର ଆଉ ମୁଁ ଗରିବ ବ୍ରାହ୍ମଣ ପିଲା । ଦିନେ ମୋ ପ୍ରତି ଅଶିଷ୍ଟ ଆଚରଣ କଲେ । ଯାହାଙ୍କ ସଙ୍ଗେ ମୁଁ ଖେଳୁଥିଲି ବୁଲୁଥିଲି, ଯାହା ପ୍ରତି କେବଳ ଶିକ୍ଷା ଯୋଗୁଁ ପିତାଙ୍କର ଏତେ ସ୍ନେହ ଆଦର, ରାଜକୁମାର କଲେଜ ଫେରନ୍ତା ରାଜପୁତ୍ର ତାହାଙ୍କୁ ଆଡ଼ଚକ୍ଷୁରେ ସୁଦ୍ଧା ଅନାଉନାହାନ୍ତି ଦେଖି ମନେହେଲା, ରାଜପୁତ୍ରମାନେ ସାଧାରଣ ଗୃହର ପିଲାମାନଙ୍କଠାରୁ ଦୂରରେ ରହି ନିଜ ନିଜକୁ ଏକ ସ୍ୱତନ୍ତ୍ର ଗୋଷ୍ଠିଭୁକ୍ତ ମନେକରି ଅମନୁଷ୍ୟ ହୋଇ ଯାଉଅଛନ୍ତି। ଏଥିରୁ ଏହାଙ୍କୁ ଉଦ୍ଧାର କରିବା କଳ୍ପନା ମୋ ମନରେ ଜାଗ୍ରତ ହେଲା । ୧୯୦୫ ମସିହାରେ ବଙ୍ଗଦେଶର ଅଙ୍ଗଚ୍ଛେଦ ହେବାପରେ ସମଗ୍ର ଭାରତବର୍ଷରେ ସାର୍ବଭୌମ ବିଦେଶୀ ଶାସକ ଗୋଷ୍ଠି ଏବଂ ତାହାଙ୍କ ଶାସନ-ସମର୍ଥକ ସମସ୍ତ ସମ୍ପ୍ରଦାୟ ପ୍ରତି ବିଦ୍ୱେଷାତ୍ମକ ବାତ୍ୟା ପ୍ରବାହିତ ହୋଇଗଲାଣି ।

ସୁଯୋଗ ଦେଖି ଦୁଇ ଚାରି ଦିନ ପରେ ଧ୍ରୁବରାଜ ସିଂହଙ୍କ ସହିତ ସାକ୍ଷାତ ସମୟରେ ତାଙ୍କ ପୁତ୍ର ଆଉ ରାଜକୁମାର କଲେଜକୁ ନଯାଇ ସାଧାରଣ ପିଲାଙ୍କ ସଙ୍ଗେ ରହି ପଢ଼ିଲେ ଓ ସେମାନଙ୍କ ସହିତ ମିଶିଲେ ତାହାଙ୍କ ଭବିଷ୍ୟତ ଜୀବନ ମଙ୍ଗଳମୟ ହେବ- ଏହି ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟାକଲି; ତାଙ୍କୁ ସମ୍ବଲପୁର ଜିଲ୍ଲା ସ୍କୁଲକୁ ପଠାଇବା ପାଇଁ ପରାମର୍ଶ ଦେଲି । ସେ କହିଲେ, ତାହାଙ୍କର ମଧ ସେହି ଇଚ୍ଛା । କିନ୍ତୁ ପଲିଟିକାଲ୍ ଏଜେଣ୍ଟଙ୍କ ହୁକୁମରେ ସେ, ରାଜକୁମାର କଲେଜକୁ ଯାଇଥିବାରୁ ସେଠାରୁ ପିଲାଙ୍କୁ କାଢ଼ିଆଣିବା କଷ୍ଟକର ବୋଲି ସନ୍ଦେହ ପ୍ରକାଶ କଲେ । ମୁଁ ପୁଣି କହିଲି ଯେ, ତାଙ୍କ ପୁତ୍ର ତ ଜମିଦାର ହେବେ ନାହିଁ । ସୁତରାଂ ତାଙ୍କ ସମ୍ବନ୍ଧରେ ଚେଷ୍ଟା କରାଯାଇପାରେ । ପଲିଟିକାଲ୍ ଏଜେଣ୍ଟକୁ ଖଣ୍ଡେ ପତ୍ରର ଚିଠା କରିଦେଲି, ତାହା ତାଙ୍କୁ ଶୁଣାଇଦେଲି ଓ ତାହା ସେ ଅନୁମୋଦନ କରି ପଠାଇଦେଲେ । ଗ୍ରୀଷ୍ମାବକାଶ ଶେଷ ନହେଉଣୁ ତାହାର ଉତ୍ତର ଆସିଲା ଯେ, ଏଥିରେ ଆପତ୍ତି ନାହିଁ । ମନେ ମନେ ଭାବିଲି, ମୋର କଳ୍ପନା ସଫଳ ହେଲା । ଗ୍ରୀଷ୍ମାବକାଶ ପରେ କଲେଜକୁ ଚାଲିଗଲି । (କ୍ରମଶଃ)



## ଡାଏରୀ -୪୫



ଓଡିଆ ସାହିତ୍ୟ କ୍ଷେତ୍ରରେ **ଡ. ରଜନୀ ରଂଜନ** ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...

### ॥ ତଥାପି ଅଂଧାର ସରିନାହିଁ ॥

ଅଜୟଙ୍କ ଟେଲିଫୋନ୍, କାଲି ଅମୁକଠାରେ ସୁଟିଂ ସକାଳ ୮ଟାରେ ପହଞ୍ଚ । ତା ସହିତ ନର୍ମାଲ କଷ୍ଟ୍ୟୁମ୍ ସାଙ୍ଗରେ ବଂଧୁ ପୂର୍ଣ୍ଣ ମହାରଣାଙ୍କୁ ସାଥିରେ ଆଣିବାକୁ କହିଲେ । ଯେହେତୁ ମୁହଁରେ ରଂଗ ମାରିବାର ଖୁଜ୍‌ଲି, (ଓଡ଼ିଆ ପ୍ରତିଶବ୍ଦଟି ଟିକେ ଖଟ୍‌କା ଲାଗିପାରେ) ପିଲାଦିନର, ରଜନୀ ଦାଶ ଷ୍ଟେଜ୍ ହେଉ କି ସ୍କ୍ରିନ୍ ହେଉ ଆଗ ଡେଇଁ ପଡ଼େ । ଯଦିଓ ସେ ଜଣେ ଗୀତିକର ଓ ସ୍କ୍ରିପ୍ଟ ଲେଖକ ଭାବରେ ମାନ୍ୟତା ପାଇସାରିଥିଲା ।

ନିର୍ଦ୍ଦିଷ୍ଟ ଲୋକେସନ୍‌ରେ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିଗଲା ରଜନୀ ଦାଶ । ଅନ୍ୟାନ୍ୟଙ୍କ ମଧ୍ୟରେ ଡି.ପି.ଆଇ ଅଫିସର ବଂଧୁ ପ୍ରଭାସ ମହାନ୍ତି ଓ ଅନ୍ୟ ଜଣାଶୁଣି ଅଭିନେତା, ଅଭିନେତ୍ରୀ ଉପସ୍ଥିତ ଥାନ୍ତି ।

ଏକଘଣ୍ଟା ଅବଧିର ଟେଲିଫିଲ୍ମର ଶୀର୍ଷକ ଥିଲା ତଥାପି ଅନ୍ଧାର ସରିନାହିଁ । ଅଜୟଙ୍କ ଲେଖା ଓ ବୈଷୟିକ ଜ୍ଞାନ ଉପରେ ରଜନୀ ଦାଶର ଅବିଶ୍ୱାସ କରିବାର କିଛି ନଥିଲା । ସିକ୍ୟୁଏନ୍ସ ଓ କ୍ୟାରେକ୍ଟର ବୁଝାଇଦେଲେ ଅଜୟ, ଜଣେ ଜଙ୍ଗଲି ଠିକାଦାରର ଭୂମିକା ଯିଏକି ଜଣେ ମଦ୍ୟପ ଓ ଲମ୍ପଟ । ଆଦିବାସୀ ଲଳନାମାନଙ୍କୁ ଶୋଷଣ କରେ । ହଡ଼ବଡ଼େଇ ଗଲା ରଜନୀଦାଶ, ଏସବୁ ତାର ଚରିତ୍ର ବିରୋଧୀ । ବାସ୍ତବିକ ଜୀବନରେ ରଜନୀ ଦାଶ ଥିଲା ମଦ୍ୟ ଓ ମାଦକ ଦ୍ରବ୍ୟ ବର୍ଜିତ ଏବଂ ଶୁଦ୍ଧ ଶାକାହାରୀ । ଜଣେ ଭଲ ପ୍ରବଚକ ଭାବରେ ଖ୍ୟାତି ବି ଅର୍ଜନ କରି ସାରିଥିଲା । ଅମଙ୍ଗ ଥିଲା ପ୍ରଥମେ କିନ୍ତୁ ଚତୁରତାର ସହ ଅଜୟ ବୁଝାଇଦେଲେ ଯେ' ଚରିତ୍ରଟି ଖୁବ୍ ପାୱାରଫୁଲ ଓ ଜବରଦସ୍ତ । ଅଜୟଙ୍କ କଥାରେ ରଜନୀ ଦାଶ ପ୍ରାୟ ଏକରକମ୍ ରାଜି ହେଇଗଲା ।

ନିର୍ଦ୍ଦିଷ୍ଟ ଦିନ ଓ ସ୍ଥାନରେ ପହଞ୍ଚିଗଲା ରଜନୀ ଦାଶ । ଦୃଶ୍ୟଗ୍ରହଣର ସମୟ । ମିଛିମିଛିକା ମଦ ପିଇବାର ଅଭିନୟ ଏବଂ କାମ କରିବା ପାଇଁ ଆସିଥିବା ଜଙ୍ଗଲୀ ଝିଅ ସହ ଅନ୍ତରଂଗ ମୁହୂର୍ତ୍ତ । ରଜନୀ ଦାଶ ପ୍ରଥମେ ଅମଙ୍ଗ ହେଉଥିଲା । ମାତ୍ର ତାକୁ ବୁଝାଇଦିଆଗଲା । ଏସବୁ ଦୃଶ୍ୟ କ୍ୟାମେରା କୌଶଳରେ ଗ୍ରହଣ କରାଯିବ । ତଥାପି ଅନ୍ତରଙ୍ଗ ମୁହୂର୍ତ୍ତରେ ଅଭିନୟ ସମୟରେ ରଜନୀ ଦାଶ ବହୁଥର ହନୁମାନ ଚାଳିଶା ପାଠ କରୁଥିଲା । ଦୃଶ୍ୟ ଗ୍ରହଣ ସରିଗଲା । ରଜନୀ ଦାଶର ଅଭିନୟକୁ ସମସ୍ତେ ବାହାବା ଦେଲେ ।

ପ୍ରସାରଣର ତାରିଖ ଓ ସମୟ ଦୂରଦର୍ଶନ ଦ୍ୱାରା ସ୍ଥିରୀକୃତି ହେଲା । ଧାରାବାହିକ 'କଥା କହୁଥିଲେ ସରିବନି'ର ସମୟ । ଦ୍ୱିପହର ସମୟରେ ଧାରାବାହିକଟି ପ୍ରସାରିତ ହେଉଥିଲା । ଠିକ୍ ଯେଉଁଦିନ ଧାରାବାହିକଟିର ପ୍ରସାରଣ ଶେଷ ଠିକ୍ ତା'ପର ଦିନ ଟେଲିଫିଲ୍ମର ପ୍ରସରଣ ହେବ ।

ଧାରାବାହିକ 'କଥା କହୁଥିଲେ ସରିବନି' ଅସମ୍ଭବ ଲୋକପ୍ରିୟତା ହାସଲ କରିଥିଲା । ପ୍ରସାରଣ ସମୟରେ ସବୁବର୍ଗର ଦର୍ଶକ ଆଡିକଟେଡ୍ ହେଲାପରି ଟି.ଭି ସ୍କ୍ରିନ୍ ପାଖରେ ବସି ରହୁଥିଲେ । ଯେଉଁଭଳି 'କଥା କହୁଥିଲେ ସରିବନି'ର ଶେଷ ଅଧ୍ୟାୟର ପ୍ରଦର୍ଶନ ହେଲା ଠିକ୍ ତା' ପରଦିନ ଠିକ୍ ସେହି ସମୟରେ 'ତଥାପି ଅକ୍ଷର ସରିନାହିଁ'ର ପ୍ରସାରଣ ସମୟ ଧାର୍ଯ୍ୟ ହେଲା ।

କଲେଜରେ ଟି.ଭି ଦେଖିବାର ସୁଯୋଗ ନଥିଲା । ଜଣେ ଅଧ୍ୟାପକ ବଂଧୁ ତାଙ୍କ ଘରକୁ ଡାକି ନେଲେ ରଜନୀ ଦାଶକୁ । ଅଧ୍ୟାପକ ବଂଧୁଙ୍କ ପରିବାରର ସଦସ୍ୟଙ୍କ ସହିତ ବସି ଟେଲିଫିଲ୍ମଟିକୁ ଦେଖିବାର ସୁଯୋଗ । ବଂଧୁଙ୍କ ବାପା ଆଉ ବୋଉ ରଜନୀ ଦାଶର ପ୍ରବଚନର ଜବରଦସ୍ତ ଫ୍ୟାନ୍। ସେଦିନ ସମସ୍ତେ ଟି.ଭି ସାମ୍ନାରେ ।

ଟେଲିଫିଲ୍ମ ସରିବା ପରେ ଘର ଭିତରେ ଅଦ୍ଭୂତ ନିରବତା । ବୋଧହୁଏ ରଜନୀ ଦାଶକୁ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ଗ୍ରହଣ କରିପାରି ନଥିଲେ ସେମାନେ । ଲଜ୍ଜା ଓ ଅନୁତାପରେ ଜଡସଡ ହୋଇଗଲା ରରଜନୀ ଦାଶ । ରଜନୀ ଦାଶର ଅଭିନୟର ନିଖୁଣତା ଉପରେ କେହି ପ୍ରଶ୍ନ ଉଠାଇନଥିଲେ । କିନ୍ତୁ ତାକୁ ସହଜରେ ଗ୍ରହଣ କରିପାରିନଥିଲେ । ନିଜ ଘରେ ବି ଘରଣୀ ତାଗିଦ୍ କରି ଭବିଷ୍ୟତରେ ଏଭଳି ଚରିତ୍ରରେ ଅଭିନୟ କରିବାକୁ ମନା କରିଦେଲେ । ଲେଖକଟିଏ ଏଭଳି ଚରିତ୍ରଟିଏ ସୃଷ୍ଟି କରିପାରିବ ଅଥଚ ସେ ଚରିତ୍ରରେ ଅନିଭୟ କରି ପାରିବ ନାହିଁ, ବୁଝିପାରିଲା ନାହିଁ ରଜନୀ ଦାଶ । ମଞ୍ଚରେ ଭଜନ କୀର୍ତ୍ତନ କରି ଅଗଣିତ ଶ୍ରୋତାଙ୍କୁ ଭାବବିହ୍ୱଳିତ କରିବା ସହିତ ସ୍କ୍ରିନ୍‌ରେ ଖଳ ଚରିତ୍ରରେ ଅଭିନୟ ଏ ଦୁଇଟାକୁ ଏକାଠି ହଜମ୍ କରିବାର ମାନସିକତା ବୋଧହୁଏ ଆମମାନଙ୍କର ଅଭାବ ।

ରଜନୀ ଦାଶର ମନେଅଛି ସେବର୍ଷ ପ୍ରବଚନ ପାଇଁ ଅନେକ ସଂସ୍ଥାରୁ ନିମନ୍ତ୍ରଣ ଆସି ନଥିଲା । ତଥାପି ରଜନୀ ଦାଶ ଖୁସି ଯେ ଜଣେ ଦକ୍ଷ ପ୍ରଫେସନାଲ ଅଭିନେତା ଭଳି ତା'ର ବି ଅଭିନୟ ଦକ୍ଷତା ଅଛି ।

ବାଲକାଟି, ଖୋର୍ଦ୍ଧା-୭୫୨୧୦୦, ମୋ: ୯୩୩୭୨୬୧୦୭୫

କବିତା.... ଆମ ସମୟର

### ॥ ବଂଧା ପୁଟୁଳା ॥



ଜୟନ୍ତୀ ବିଶ୍ୱାଳ ବେହୁରିଆ

ଜୁକୁଜୁକୁ ବତୀ ଆଲୁଅରେ
ଫିଟି ପଡ଼ିଛି ଝିଅଟିର
ବଂଧା ପୁଟୁଳି
ବିଛାଡ଼ି ପଡିଛି ପିଲାବେଳ
ଛିଣ୍ଡା ଡାଏରୀର ପୃଷ୍ଠାଏ
ଉଦାସ ସକାଳ...!

କେତେ ଭଂଗା ଭଂଗା
ଧୂଳିଧୂସରିତ ଚିକିଟା
ଓଦା ଓଦା ଧୂଆଁ ର ପଟଳ..
ଓଳିପିଣ୍ଡାର ଭଂଗାଚାଳ
ସାମ୍ନା ପିଣ୍ଡାର ଗୋଟେ କୋଣରେ
ବସି ପଡିଥିଲା
ପବନର ଡାଳିମାଙ୍କୁଡ଼ି ଖେଳ!

ଚିତୋଉପିଠା ପରି
ଅଣଲେଇଟା
ତାୱାରେ ଲଦାଥିଲା
କିଛି ପିଠୋଉ
ଢଙ୍କାଥିବ ଗୋଟେ
ଫୁଟା ସିଲଭର୍ ଥାଳି,
କଇଁଛିଆ ବାଇଗଣ ପରି
ତାର ଭୋକ..
ଅଧା ସିଝା
ଅଧା କଞ୍ଚା
ଅଥୟ ଅସମ୍ଭାଳ..!!

କିଆଁ ଗୋହିରୀରୁ
ଅଡ଼େଇ ଆଣିଥିବା
ତା'ର ପ୍ରିୟ କଳାଛେଳିର
ପିଠିରେ ଘୁମେଇପଡ଼େ
ଲୁହ ଛଳ ଛଳ ଅପରାହ୍ନ...!!

+ କୃଷ୍ଣନଗର,
ବାଲିଆ, ବାଲେଶ୍ୱର

### ॥ ଶେଷ ରାତିର ସ୍ୱପ୍ନ ॥



ବୁଦ୍ୟୁତ୍‌ଲତା ଦାଶ

ବର୍ଷିୟସୀ ଶତାବ୍ଦୀର ଶେଷ ପାହାନ୍ତିରେ
ନିଦ ଖାଲି ଭାଜିଯାଏ ସ୍ୱପ୍ନ ହଜେ ଦୂରେ,
ଅଦିନ ମେଘର ଝଡ଼ ଶୂନ୍ୟ ସନ୍ତ୍ରାସରେ
ନିଥର ନିବୁଜ ଦୁର୍ଗ ଆବଦ୍ଧ ଚୌହଦୀରେ ।
ସ୍ୱପ୍ନସବୁ ପୋଛିନିଏ ଆଖିର ନିଦକୁ,
ନିଶ୍ଚିତ ଶାନ୍ତିର ଶାନ୍ତ ବିଦଗ୍ଧ କପୋତୀ,
କୂଜନର ଆର୍ତ୍ତସ୍ୱର ବାୟୁ ସ୍ତରେସ୍ତରେ,
ଜୟଶଙ୍ଖ ପୁର ଠାରୁ ଉତ୍ତରାଖଣ୍ଡକୁ,
ବ୍ୟାପିଯାଏ ଜଳେ ସ୍ଥଳେ ଆକାଶେ ଅନଳେ ।

ଶାନ୍ତିକଥା ସଂହତିରେ ହୁଏ ବାଟବଣା,
ସଂହତିର ବିପର୍ଯ୍ୟସ୍ତ ବିପନ୍ନ ସ୍ଥିତିରେ
ସ୍ଥିତିର ଅସ୍ଥିର ଗତି ବାଚାଳ ନାଉରୀ
ସମୟର ପ୍ରଚଣ୍ଡ ସେ ଜଳ ଭଉଁରୀରେ ।

କବିଟିଏ କି କହିବ? ଶୁଣିବ ବା କିଏ
ସମସ୍ତେ ବାଚାଳ ଏଠି ସମସ୍ତେ ଅସ୍ଥିର
ଖାଲି ଯାହା ହଟହଟା ତୁଚ୍ଛା ହାଟ ଶେଷେ
ଯେ, ଯାହା ନିବିଡ଼ତାରେ ନିବୁଜ ନିଥର ।
ନିଦ ଏଠି ଘମାଘୋଟ, ଆଗରେ ପାହାନ୍ତି
ତୁଟିଯାଏ ସୁନିଦ୍ରାର ଅବଶେଷ କ୍ଳାନ୍ତି ।

କବିରେ!
ଦେଖିଥିବା ସ୍ୱପ୍ନର ତୋ ଶାଶ୍ୱତ ପ୍ରଶାନ୍ତି
ବାଣ୍ଟିବାକୁ ହେବ ତୋତେ
ସାହସ ବି' ହେବ ରଖିବାକୁ
ଭାଙ୍ଗିବାକୁ ସମୟର ଶେଷ ମହାଭ୍ରାନ୍ତି ।

ସମୟ ଯେ ଅଡୁଆ ସୂତାର ଖିଅ,
ଘୁରୁଥିବ ନଟେଇ ଛାତିରେ,
ନଟେଇ ତ ଘୂରୁଥିବ ତୁ ଥିବୁ ନଥିବୁ କି' ପୁଣି
ସୂର୍ଯ୍ୟ ଏଠି ଉଦ୍‌ଭାସିତ ଆଲୋକ ସ୍ଥିତିରେ ।

ଶେଷ ହେବ ଅନ୍ଧକାର ଆଶାର
ଏ' ଉଜ୍ଜ୍ୱଳ ପାହାନ୍ତି
ସ୍ୱପ୍ନସବୁ ସରିଥିବ ଦେଖା,
ସମୟକୁ ବିଦାୟ ସଙ୍ଗୀତ ଗାଇ ଗାଇ
ବାସ୍ତବତା ଶାଶ୍ୱତ ଓଁକାରେ
ପ୍ରକାଶିତ ଦୀପ୍ତ ମହାଜ୍ୟୋତି ।

+ ମଙ୍ଗଳପୁର, ଯାଜପୁର-୧୧
ମୋ:୯୪୩୭୧୮୮୦୫୯

### ॥ ସମର୍ପଣ ॥



ଶ୍ୱେତା ରାଉତ

ତୁମେ ଯୁଆଡ଼େ ଯାଉଛ ଯାଅ...
ଅପସରୀମାନଙ୍କ ସହ ପ୍ରେମର ହଜିଯାଅ କି
ଗୋପୀମାନଙ୍କ ସହ ରାସରେ ରସିଯାଅ
ମୁଁ ଅଭିଯୋଗ କରିବିନି,
ପଚାରିବିନି କୋଉଠି ହଜେଇଦେଲ ହୃଦୟକୁ
ପଚାରିବିନି କାହାର କାଉଁରୀ ଛୁଆଁରେ
ବଶୀଭୂତ ହୋଇଗଲ
ପଚାରିବିନି କେବେ ମୋତେ
ଖୋଜିଛ କି ନାହିଁ ।

ଯୁଆଡ଼େ ଯାଉଛ ଯାଅ
ପ୍ରେମରେ ବିଭୋର ପକ୍ଷୀଟିଏ ହୋଇ
ଉଡିବୁଲ ପୂର୍ବରୁ ପଶ୍ଚିମ
ଯେତେବେଳେ କ୍ଳାନ୍ତ ଡେଣାନେଇ
ଫେରିବ ମୋ ପାଖକୁ
ତୁମକୁ ସେମିତି କୋଳେଇ ନେବି
ଯେମିତି ତୁମ ଗାଁର ଶକ୍ତ ପାହାଡ଼
କୋଳେଇ ନିଏ ଥକିଯାଇଥିବା
ସନ୍ଧ୍ୟାର ସୂର୍ଯ୍ୟକୁ ।
ମୋ ମୁହଁରେ ତିଳେହେଁ ନଥିବ
ଅଭିମାନର ଦାଗ
ଆଖିରେ ଦିଶୁନଥିବ ସନ୍ଦେହର ପ୍ରଶ୍ନ
କେବଳ ନିବିଡ଼ ପ୍ରେମ
ଆଉ ସମର୍ପଣ ଭେଟିଦେଇ
ମୁଁ ଫେରିଆସିବି ମୋ ଜଞ୍ଜାଳକୁ
ନଡ଼ା, କୁଟା ଯୋଗାଡୁଥିବି
ଆପଣାର ନୀଡ ପାଇଁ ।

ଯୁଆଡ଼େ ଯାଉଛ ଯାଅ
ଯେଉଁ ଶରୀର ନେଇ ଦୁନିଆ ତୁମକୁ ଚିହ୍ନେ
ସେ ନଶ୍ୱର ଶରୀର ତୁମର ବି ନୁହଁ
ଯେଉଁ ହୃଦୟକୁ ମୁଁ ଭଲପାଏ
ତାକୁ ଦୁନିଆ କ'ଣ ଚିହ୍ନି ପାରିବ!!
ଏଇତ ମୁଁ ଛାତିରେ ହାତ ରଖିଲେ
ଲାଗୁଚି ତୁମେ ଚମକି ପଡୁଛ
ମୋତେ ଛାଡ଼ି କୁଆଡ଼େ ଯିବ ତୁମେ?
ତୁମେ ତ ମୋ ହୃଦୟରେ ଅଛ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଭୁବନେଶ୍ୱର

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୭ ଡିସେମ୍ବର, ୨୦୨୦

## ମନେପଡେ....(୪୫)

# ବାଜିପୁରର ପ୍ରଖ୍ୟାତ ଜମିଦାର ଘର ଦର୍ଶନ

ସୁଗାଳ୍ପିକ ଓ ସ୍ତମ୍ଭକାର
ଉଦୟ ନାରାୟଣ ଦାସ



ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

ବାପା ହେଉଛନ୍ତି କାଳ୍ପନିକ, ପୌରାଣିକ, ଡ଼ିଟେକ୍‌ଟିଭ୍ ତଥା ବାସ୍ତବ ଜୀବନ କାହାଣୀର ଏକ ଜୀବନ୍ତ ପେଡ଼ି । ଯେଉଁ ବିଷୟରେ କାହାଣୀ ଆରମ୍ଭ କଲାମାତ୍ରେ ତାକୁ ସେ ଏମିତି ପରିପାଟୀ ଓ ସସପେନସ୍ ରଖି କହିଥାନ୍ତି ଯେ, ତାହା ନ ସରିବା ଯାଏ ତାଙ୍କ ପଛରେ ଗୋଡ଼ାଇବାକୁ ହେଇଥାଏ । ଆମ ଗାଁରେ ତାଙ୍କୁ ସମସ୍ତେ ଡାକୁଥିଲେ 'ଗଳ୍ପମଣିଷ' ବୋଲି ।

ବାପା କେତେବେଳେ ତାଙ୍କ ମନ ମାନିଥିଲେ ନିଜ ଅଙ୍ଗେ ନିଭା ଜୀବନ କାହାଣୀ ମୋତେ ଖୁବ୍ ରୋମାଞ୍ଚକର ଭାବେ କହୁଥିଲେ ଯାହା ମୋତେ ଶୁଣିବା ପାଇଁ ଆଗ୍ରହ ଓ ଜିଜ୍ଞାସା ସୃଷ୍ଟି କରୁଥିଲା । ସେଦିନ ବାପାଙ୍କ ମିଜାସ୍ ଭଲ ଥିଲା । ସେ ବାଜିପୁରର ପ୍ରଖ୍ୟାତ ଜମିଦାର ମହାପାତ୍ର ବଂଶ କଥା ଆରମ୍ଭ କରିଥିଲେ । ବାଜିପୁର ଆମ ଘର ଠୁଁ ୪/୫ କିଲୋମିଟର ଦୂର ହେବ । କହୁ କହୁ ସେ ଇତିବାସକୁ ଚାଲି ଯାଇଥିଲେ ଭାରତ ସ୍ୱାଧୀନତାର କିଛି ବର୍ଷ ପୂର୍ବରୁ ଓଡିଶାକୁ ଦୁର୍ଭିକ୍ଷ ପଡିଥିଲା । କଲିକତା ଗର୍ଭନାସ୍ କୁ ଓଡିଶା ସମସ୍ତ ବଡ ବଡ ଜମିଦାର ମାନଙ୍କୁ ଡ଼କା ଯାଇଥିଲା । ଇଂରେଜ ସରକାର ସମସ୍ତଙ୍କ ମତ ନେଉଥିଲେ ଏ ପରିସ୍ଥିତିକୁ ସମ୍ଭାଳିବା ଉଦ୍ଦେଶ୍ୟରେ । ସେତେବେଳେ ବାଜିପୁରର ଜମିଦାର ଶିରପା ପିନ୍ଧିଥିଲେ ମଣି ମହାପାତ୍ର । ତାଙ୍କର ଗୋଟେ ଗୋଡ଼ ଛୋଟ । ତାଙ୍କ ପାଳି ପଡିଲାରୁ ସେ ଛୋଟେଇ ଛୋଟେଇ ଛିଡ଼ା ହେଇ କହିଲେ, 'ଏ ପରିସ୍ଥିତିରେ ମୁଁ ସମଗ୍ର ଓଡିଶାକୁ ଶାକାନ୍ନରେ ତିନି ଦିନ ଚଳାଇ ଦେଇ ପାରିବି ।' ତାଙ୍କର ଏକଥା ଗଭର୍ନର ତଥା ସମସ୍ତ ସଦସ୍ୟଙ୍କୁ ଚକିତ କରି ଦେଇଥିଲା ଓ ଏହା ଆଲୋଚ୍ୟ ବିଷୟ ହେଇ ଯାଇଥିଲା ।

ୟା ପରକୁ ବାପା ଆଉ ଏକ ଆଶ୍ଚର୍ଯ୍ୟ କଥା କହିଥିଲେ । ମଣି ମହାପାତ୍ରଙ୍କ ଭାଇ ନରି ମହାପାତ୍ର ଥିଲେ ବାପାଙ୍କ ପିଇସା । ନରି ମହାପାତ୍ରଙ୍କ ପ୍ରଥମ ସ୍ତ୍ରୀ ମାରା ଗଲାପରେ ସେ ବାପାଙ୍କ ସୁନ୍ଦରୀ ପିଉସୀ ଲିଳା ଅପାଙ୍କୁ ବିବାହ କରିଥିଲେ । ପିଇସାଙ୍କ ଖାତିରିରେ ବାପା ବି ମହାପାତ୍ର ଜମିଦାରିରେ କିଛି ବର୍ଷ ଗୁମାସ୍ତା ଥିଲେ । ଇଂରେଜ ସରକାର ମଣି ମହାପାତ୍ରଙ୍କ ସେଇ ବାହାସ୍ଫୋଟ କଥାର ସୁରାକ ପାଇ ଜମିଦାରୀ କାଗଜ ଓ ଧନ ଦୌଲତ ବଜ୍ୟାପ୍ତି ପାଇଁ ଫୌଜ ପଠାଇ ଦେଇଥିଲେ । ସେମାନେ ମହାପାତ୍ର ଜମିଦାରୀକୁ ଖାନତଲାସ୍ କରିଦେଇଥିଲେ । ଏସବୁ ଘଟଣା ବାପାଙ୍କ ଗୁମାସ୍ତା ଥିବା ସମୟରେ ଘଟିଥିଲା । ଖାନତଲାସର ମର୍ମନ୍ତୁଦ କଥା କହିଲାବେଳେ ବାପାଙ୍କ ଆଖି ଛଳଛଳ ହେଇଯାଉଥିଲା । ଜମିଦାରୀ ଉପରେ ଅଙ୍କୁଶ ଲାଗିଲାରୁ ବାପା ଆଉ ସେଠି କାମ କରିବାର ସୁଯୋଗ ପାଇନଥିଲେ । ମନସ୍ତାପରେ ବାପାଙ୍କ ପିଇସା ଓ ପିଇସିଙ୍କ ଦେହାନ୍ତ ହୋଇଯାଇଥିଲା । ସେମାନଙ୍କ ମାତ୍ର ଜଣେ ପୁଅ ଥିଲେ, ସୀତାନାଥ । ସୀତାନାଥଙ୍କ ପୁଅ ପ୍ରସନ୍ନ । ବାପା ବେଳେ ବେଳେ ବାଜିପୁର ଯାଉଥିଲେ ।

ସେଦିନ କିନ୍ତୁ ମୁଁ ବାପାଙ୍କୁ ବାଧ୍ୟ କରିଥିଲି ତାଙ୍କ ସହ ବାଜିପୁର ଯିବାକୁ । ଜମିଦାରୀ ଉଆସ ଦେଖିବାକୁ ଭାରି ମନ ବଳିଥିଲା । ବାପା ମୋ ଅନୁରୋଧ ମୁତାବକ ତା ଆର ଦିନ ବାଜିପୁର ନେଇ ଯାଇଥିଲେ । ମୋ ଆଖି ଖୁସି ହେଇ ଯାଇଥିଲା । ଜମିଦାରୀ ବିରାଟ ପକ୍କା ମହଲ ଦେଖି । ଗୋଡ଼ ଥରୁଥିଲା ତା ଭିତରକୁ ପଶିବା ପାଇଁ । ପ୍ରାସାଦ ରକ୍ଷଣାବେକ୍ଷଣ ଅଭାବରୁ ବିରୁପ ହେଇ ଆସୁଥିଲା । ଭିତରେ କୋଠରୀ ଗୁଡ଼ିକ ଭାଇମାନଙ୍କ ଭିତରେ ଭାଗ ବଣ୍ଟରା ହେଇ ଯାଇଥିଲା । ଆମେ ସୀତାନାଥ ବଡ ବାପାଙ୍କ ଘରକୁ ଯାଇଥିଲୁ । ସେ ରୋଗାକ୍ରାନ୍ତ ହୋଇ ବିଛଣାରେ ପଡିଥିଲେ । ଜୀବନର ଶେଷ ପାହାଚରେ ଉପନୀତ ହେଇଯାଇଥିଲେ ସେ । ସେ ଆଉ କଥା କହି ପାରୁନଥିଲେ । ବାପାଙ୍କୁ ଚିହ୍ନିଲେ କି ନାହିଁ କେଜାଣି । ଆମେ ଦ୍ୱିପହରରେ ସେଇଠି ଖାଇଲୁ । ବାପା ମୋତେ ବୁଲେଇ ବୁଲେଇ ଜମିଦାରୀ ମାହଲ ସବୁ ଦେଖାଇଥିଲେ । ଛାତ ଘରକୁ ନେଇ ଯାଇଥିଲେ । ବୋଧହୁଏ ଛାତ ଘରକୁ ଯିବା ମୋ ଜୀବନରେ ଥିଲା ପ୍ରଥମ । ମୁଁ ଭାବୁଥିଲି କେତେ ଗରୀବ ଲୋକଙ୍କ ଲୁହ ଲହୁରେ ନିର୍ମାଣ ହେଇଥିବ ଏସବୁ ମହଲ ।

ଦିନ ରତ ରତ ହେବାରୁ ଆମେ ବାହାରିଲୁ । ଏବେ ମୁଁ ଠିକ୍ ମନେ ପକାଇ ପାରୁନାହିଁ କିଏ ଜଣେ ସୁନ୍ଦରୀ ସ୍ତ୍ରୀ ଲୋକ ତାଙ୍କ ଶୋଇବା ଘରକୁ ନେଇ ମୋ ମୁଣ୍ଡରେ ତେଲ ମାରି ଦେଇ ମୋ ଚୂଳକୁ କୁଣ୍ଡେଇ ଦେଇଥିଲେ । ମୁହଁରେ ପାଉଡର ମାଖି ଦେଇ ମୋତେ ଖୁବ୍ ଚହଟ ଚିକ୍କଣ କରିଦେଇଥିଲେ ଓ କହିଥିଲେ - 'ଆଉଥରେ ଆସିବ' । ମୁଁ ଏଯାଏଁ ବୁଝିପାରୁ ନାହିଁ କାହିଁକି ମୋ ପରି କୁତ୍ସିତ ପିଲାକୁ ସେ ସୁନ୍ଦରୀ ସ୍ତ୍ରୀ ଏତେ ଯତ୍ନ କଲେ ।

ମୁଁ ସେଇ କଥା ଏଯାଏ ବି ଭୂଲି ନାହିଁ । ଏବେ ସେଇ ସ୍ତ୍ରୀ ଲୋକଙ୍କ ମୋତେ ବେଶ କରିବା କଥା ମନେ ପଡୁଛି । ଚକିରୀ ଶେଷ ହେଲେ ମୁଁ ନିଶ୍ଚୟ ବାଜିପୁର ଯାଇ ସେଇ ସ୍ତ୍ରୀ ଲୋକଙ୍କ ଅନୁସଂନ୍ଧ୍ୟାନ କରିବି ।

ଧାରାବାହିକ ଉପନ୍ୟାସ



# ନାତି

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ

ଭାଗ-୮

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଦୀନନାଥ ବି ଜ୍ୱାଇଁଙ୍କୁ ଫୋନ୍ କରି ସେଇଆ କହିଥିଲେ । ଯେତେ ଶୀଘ୍ର ଆସି ପହଞ୍ଚିଲେ ଭଲ ହେବ, ବରଂ ତୁମେ ମାଡ଼ାମ୍‌ଙ୍କ ସହିତ ଭଲଭାବେ କଥା ହୋଇ ପାରିବ; ଯାହା ମୁଁ ପାରନ୍ତି ନାହିଁ । ଏବେ ଶୁଭଦାକୁ ମୁଁ ନର୍ସିଂହୋମ୍ ନେଇଯାଉଛି । ଏକଥା ବି ସମୁଦି ସମୁଦୁଣୀଙ୍କୁ ଜଣେଇଥିଲେ ଦୀନନଥ ।

କିନ୍ତୁ ସବୁ କେମିତି ଗଡ଼ବଡ଼ ହୋଇଗଲା । ନିରବଚ୍ଛିନ୍ନ ଦିନରାତି ଡିଉଟି ସାରି ଭବେଶ ଘରେ ପହଞ୍ଚି ଖାଇସାରି ଥକ୍‌କା ମେଣ୍ଟେଇ ବାହାରୁ ବାହାରୁ ବେଜାଏ ଡେରି ହୋଇଗଲା । ଏଣେ ନର୍ସିଂହୋମ୍‌ରେ ମାଡାମ୍‌ଙ୍କୁ ଅପେକ୍ଷା କରି ବସି ରହିଲେ ଦୀନନାଥ । କାଳେ ଯଦି ମାଡ଼ାମ୍ ଓ.ଟି ଭିତରକୁ ପ୍ରବେଶ କରିଯିବେ, ତା'ହେଲେ ବାହାରୁ ବାହାରୁ ଦୁଇ ତିନି ଘଣ୍ଟା ବିଳମ୍ବ ହୋଇଯିବ । ଆଉ ଦେଖା ହେବନାହିଁ । ତେଣୁ ବସି ରହିଲେ ମୁଖ୍ୟ ପ୍ରବେଶ ପଥର ଟିକେ ଡାହାଣକୁ, ଏକ ଲମ୍ବା ସୋଫାର ଗୋଟିଏ କଡ଼କୁ । ଯେମିତି ଡାକ୍ତରାଣୀ ପ୍ରବେଶ କଲାମାତ୍ରେ ଅନ୍ୟମାନେ ତାଙ୍କୁ ଘେରିବା ପୂର୍ବରୁ ସେ ଶୁଭଦା ସଂପର୍କରେ କଥା ହୋଇପାରିବେ । ସଂଧ୍ୟାରେ ଡେଲିଭରୀ କରେଇ ଦେବାକୁ କହିବେ ।

ଦୀନନାଥଙ୍କର ସବୁ ଯୋଜନା ଫସର ଫାଟିଗଲା । ନର୍ସିଂହୋମ୍ ପ୍ରବେଶ ପଥର ମୁଖ୍ୟ ପ୍ରବେଶଦ୍ୱାରର କାଚ କବାଟ ଠେଲି ଯେ ପ୍ରବେଶ କଲେ, ସେ ହେଉଛନ୍ତି ଡା. ସତ୍ୟବାଦୀ ଚୌଧୁରୀ, ମାଡ଼ାମ୍ ନୁହନ୍ତି । ତାଙ୍କୁ ଦେଖି ଯୁଗପତ୍ ବିହ୍ୱଳ ଓ ଆଚମ୍ବିତ ହୋଇପଡ଼ିଲେ ଦୀନନାଥ । ଆନନ୍ଦର ଲହରୀଟେ ଖେଳିଗଲା ଦେହସାରା । ଦୀର୍ଘ ତିନିବର୍ଷ ପରେ ପଡ଼ୋଶୀ ନିଷ୍ଠେତକ ଡାକ୍ତର ଚୌଧୁରୀଙ୍କୁ ଦେଖୁଛନ୍ତି ସେ ! ଯନ୍ତ୍ରବତ୍ ସୋଫା ଛାଡ଼ି ଉଠି ପଡ଼ିଲେ ଦୀନନାଥ ଏବଂ ନମସ୍କାର କଲେ ।

ପ୍ରତି ନମସ୍କାର ଜଣଉ ଜଣଉ ଡା. ଚୌଧୁରୀ ମୃଦୁ କଣ୍ଠରେ ପଚାରିଲେ -

"ଆପଣ ଏଠି କାହିଁକି ?"

ଏଇ ଛୋଟିଆ ପ୍ରଶ୍ନଟିରେ ସଂପୂର୍ଣ୍ଣ ଉନ୍ମୁକ୍ତ ହୋଇଗଲେ ଦୀନନାଥ । ମାଠିଆରୁ ପାଣି ଅଜଡ଼ିଲା ପରି ସବୁ କଥା କହି ପକେଇଲେ ।

ଡାକ୍ତର ଚୌଧୁରୀ ଉପରକୁ ଯିବାପାଇଁ ପାହୁଚ ଚଢ଼ିଲେ । ତାଙ୍କ ସହିତ ଦୀନନାଥ ଏଠିକି ଆସିବାର ଉଦ୍ଦେଶ୍ୟ ବଖାଣୁ ବଖାଣୁ ଉପରକୁ ଚାଲିଗଲେ, ତାଙ୍କ ଚେମ୍ବର୍ ପର୍ଯ୍ୟନ୍ତ । ଗୋଟିଏ ପରେ ଗୋଟିଏ ଛୋଟ ଛୋଟ ପ୍ରଶ୍ନ ପଚାରୁ ଥିଲେ ଡାକ୍ତର ଚୌଧୁରୀ । ଘର ସଂପର୍କରେ, ଝିଅ ଜ୍ୱାଇଁ ସଂପର୍କରେ, ଚାକିରୀ ସଂପର୍କରେ ଇତ୍ୟାଦି ଅନେକ ପ୍ରଶ୍ନ । ତା'ର ଉତ୍ତର ଟିକିନିଖି ଦେଉଥିଲେ ଦୀନନାଥ । ଆଉ ଭୁଲିଯାଇଥିଲେ ମାଡାମ୍‌ଙ୍କୁ ଅପେକ୍ଷା କରିଥିବା କଥା ।

ସଂକ୍ଷିପ୍ତରେ ଡାକ୍ତର ଚୌଧୁରୀ ଅଭୟ ଦେଇଥିଲେ,

"ଆପଣ ଠିକଣା ଜାଗାରେ ପହଞ୍ଚିଯାଇଛନ୍ତି ଦୀନନାଥ ବାବୁ । ମାଡାମ୍ ଜଣେ ଭଲ ବିଶେଷଜ୍ଞ । କିଛି ଅସୁବିଧା ହେବ ନାହିଁ । ତା'ଛଡ଼ା ମୁଁ ବି ଅଛି । କିଛି ଚିନ୍ତା କରନ୍ତୁ ନାହିଁ । ଈଶ୍ୱରଙ୍କ କୃପାରୁ ସବୁ ଠିକ୍ ହେବ ।"

ଦୀନନାଥ ଆଉ କିଛି କହିବା ପୂର୍ବରୁ ହଠାତ୍ ଦେଖିଲେ ନର୍ସ ଜଣେ ତାଙ୍କ ପ୍ରକୋଷ୍ଠ ଭିତରକୁ ପଶିଲା ଏବଂ କହିଲା -

"ମାଡାମ୍ ଓ.ଟି.କୁ ଗଲେଣି ।"

ତରବର ହୋଇ ଡା.ଚୌଧୁରୀ ବାହାରିଗଲେ ଓ.ଟି.କୁ ଏବଂ ଦୀନନାଥ ଥରେ ଶୁଭଦା ପାଖରୁ ହୋଇ ଫେରି ଆସିଲେ ପୂର୍ବ ସୋଫାକୁ, ଭବେଶକୁ ପ୍ରତୀକ୍ଷା କରିବାକୁ ।

ଡାକ୍ତର ଚୌଧୁରୀଙ୍କ ସହିତ କଥାବାର୍ତ୍ତାରୁ ଦୀନନାଥଙ୍କର ତାଙ୍କ ସଂପର୍କରେ ଏକ ଭିନ୍ନ ଅନୁଭବ ଆସିଥିଲା । ୟା' ଭିତରେ ଢ଼େର ବଦଳି ଯାଇଛନ୍ତି ଚୌଧୁରୀବାବୁ, ଏମିତି ତାଙ୍କୁ ଲାଗିଲା । ସମୟର ପରିବର୍ତ୍ତନ ସହିତ ନିରନ୍ତର ବ୍ୟକ୍ତି ଆଉ ବ୍ୟକ୍ତିର ଚିତ୍ତବୃତ୍ତି ମଧ ବଦଳୁଥାଏ । ଦୀର୍ଘ ତିନିବର୍ଷ, ତିନିବର୍ଷ ପରେ ଦେଖା ହେଲା ତାଙ୍କ ସହିତ ।

ଡାକ୍ତର ଚୌଧୁରୀଙ୍କ ଘର ପାଖକୁ ଲାଗି ସେତେବେଳେ ଗୋଟେ ଏକ ମହଲା ଘରେ ଭଡ଼ାରେ ରହୁଥିଲେ ଦୀନନାଥ । ପୁଅ ଝିଅ ପାଠ ପଢୁଥିଲେ । ସେ ବି ଯାଉଥିଲେ କଲେଜ । ଶୁଭଦାର ବାହାଘର ପୂର୍ବରୁ ଦୀନନାଥ ସେ ଘର ଛାଡ଼ିଦେଲେ । ତିନିମାସ ଆଗରୁ ଯେହେତୁ ସ୍ଥିର ହୋଇ ସାରିଥିଲା ଶୁଭଦାର ବାହାଘର ଭବେଶ ସହିତ, ସେଥିପାଇଁ ଯଥେଷ୍ଟ ଅବକାଶ ପାଇଥିଲେ ଘର ଛାଡ଼ିବାକୁ । ବାହାଘର ହେବ, ବଂଧୁବାନ୍ଧବ ଆସିବେ, ବୁଲି ଆସିବେ ଝିଅ ଜ୍ୱାଇଁ - ଏଇ ପୁରୁଣା ଘରେ ତାହା ହୋଇ ନପାରେ । ନିରନ୍ତର ଦଶ ବର୍ଷ କାଳ ଗୋଟେ ଭଡ଼ାଘରେ ରହି ରହି ବିରକ୍ତି ହୋଇଯାଇଥିଲେ କଳ୍ପଲତା ଓ ପୁଅ ଝିଅ । ଗୋଟେ ଦୁଇଟି ସ୍ଥାନରେ ଛାତରୁ ସିମେଣ୍ଟ୍ ପଲସ୍ତରା ଖସି ପଡ଼ିଥିଲା । ସେଥିପ୍ରତି ଘରବାଲାର ଆଦୌ ନଜର ରହୁ ନଥିଲା । ତେଣୁ ଗୋଟେ ମଉକାର ଅପେକ୍ଷାରେ ଥିଲେ ଘରବାଲା ଆଉ ଦୀନନାଥ । ଘରମାଲିକ ବୋଧହୁଏ ଚାହୁଁଥିଲେ ଦୀନନାଥବାବୁ ଘର ଛାଡ଼ି ଦିଅନ୍ତୁ । ଟିକେ ରିପ୍ୟାରିଂ କାମ କରି ଅଧିକ ଟଙ୍କାରେ ଭଡ଼ା ଲଗେଇବେ । ଏଣୁ ବାହାଘର ଥିଲା ଗୋଟେ ମାଧ୍ୟମ । ସେଇ ଆଳରେ ସେମାନେ ଘର ଛାଡ଼ି ଚାଲି ଆସିବା ପରଠାରୁ ଡାକ୍ତର ଚୌଧୁରୀ ଓ ମିସେସ୍ ଚୌଧୁରୀଙ୍କ ସହିତ ଆଉ କଦାପି ଦେଖା କି ସାକ୍ଷାତ ହୋଇ ନଥିଲା ଦୀନନାଥଙ୍କର । କଲ୍ୟାଣ ମଣ୍ଡପକୁ କେବଳ ମିସେସ୍ ଚୌଧୁରୀ ଆସିଥିଲେ ଶୁଭଦାକୁ ଆଶୀର୍ବାଦ ଦେବାକୁ । ହେଲେ ଡାକ୍ତର ଚୌଧୁରୀ ସେତେବେଳେ ସମୟ ପାଇ ନଥିବେ ! ନର୍ସିଂହୋମ୍ ନେଇ ବ୍ୟସ୍ତଥିବେ !

ଦୀର୍ଘ ସମୟ ଅପେକ୍ଷା କରିବା ଭିତରେ ମାଡ଼ାମ୍‌ଙ୍କ ସହିତ ଦେଖା ହୋଇ ପାରିଲା ନାହିଁ ବୋଲି ଅନୁଶୋଚନାରେ ସନ୍ତୁଳି ହେଉଥିଲେ ଦୀନନାଥ । ଅପେକ୍ଷା ଭିତରେ ଦୁଇଥର ପୁଅ ଶୁଭକାନ୍ତ ଫୋନ୍ କରି ସାରିଥିଲା ତାଙ୍କୁ । ବାରମ୍ବାର କହୁଥିଲା କି, ଯାହା ଶୁଭଦା ସହିତ କଥା ହୋଇ ଅନୁଧ୍ୟାନ କରିଛି, ତା'ର ଆଜି ଡେଲିଭରୀ ହୋଇଯିବା ଠିକ୍ ହେବ । ଅଥଚ ଦୀନନାଥ ସେ ବାବଦରେ ଡାକ୍ତରମାନଙ୍କ ସହିତ କଥା ହୋଇପାରିଲେ ନାହିଁ । ଭବେଶ ବି ଆସି ଠିକଣା ସମୟ ପୂର୍ବରୁ ପହଞ୍ଚି ପାରିଲା ନାହିଁ । ଝିଅର ଡେଲିଭରୀ ସଂପର୍କରେ ଡାକ୍ତରାଣୀଙ୍କ ସହିତ ଏତେ ବେଶୀ କଥାଭାଷା ହେବାକୁ ସଂକୋଚବୋଧ କରୁଥିଲେ ସେ । ନାତି ଜନ୍ମର ପ୍ରାଥମିକ ପ୍ରକ୍ରିୟାରେ ଏଇମିତି କିଛି ବ୍ୟତିକ୍ରମ ସୃଷ୍ଟି ହୋଇ ଚାଲିଥିଲା । ଏ ସମସ୍ତ ଯେପରି ଥିଲା ବିଧିନିର୍ଦ୍ଦିଷ୍ଟ । ଯାହାକୁ ଚେଷ୍ଟାକରି ବି ଦୀନନାଥ ଟାଳିଦେଇ ପାରୁ ନଥିଲେ । ଟାଳି ଦେବାକୁ ଉଦ୍ୟତ ହେଲାବେଳକୁ ସମୟ ଓ ଘଟଣାର ସ୍ରୋତ ଅନ୍ୟ ଆଡ଼େ ମାଡ଼ିଯାଉଥିଲା ।

ନ' ତାରିଖ ସଂଧ୍ୟାରେ ଶୁଭକାନ୍ତର ନିର୍ଦ୍ଦେଶ ମୁତାବକ ସି.ଏସ୍.ନ ହୋଇ ପାରିବାର ଆଉ ଏକ ବ୍ୟତିକ୍ରମ ଦେଖାଦେଲା । ଦୁଇଘଣ୍ଟାର ଓ.ଟି. ସାରି ମାଡ଼ାମ୍ ବାହାରି ନିଜ ଚେମ୍ବର୍‌କୁ ଗଲେ । ସେଠାରେ କେତେଜଣ ରୋଗୀ ତାଙ୍କୁ ପ୍ରତୀକ୍ଷା କରିଥିଲେ । ଅଥଚ ଶୁଭଦାକୁ ଦେଖା କରିବାକୁ ଗଲେ ନାହିଁ । ଏଥର ସମସ୍ତ ରୋଗୀକୁ ଆଡ଼େଇ ମାଡାମ୍‌ଙ୍କ ପ୍ରକୋଷ୍ଠ ଭିତରକୁ ପଶିଲେ ଦୀନନାଥ ଏବଂ ଶୁଭଦାର ସି.ଏସ୍. ଆଜି କରେଇ ଦେବାକୁ କହିଲେ । ସବୁ ଶୁଣି ମାଡ଼ାମ୍ କହିଲେ -

"ଏଇ କେସ୍ ସହିତ ମୁଁ ମୂଳରୁ ଜଡ଼ିତ । ଗତ ସପ୍ତାହରେ ମୁଁ ତାଙ୍କୁ ପନ୍ଦର ତାରିଖ ଡେଟ୍ ଦେଇଥିଲି । ଯଦି ଆଜି ଆଡ଼ମିସନ୍ କରେଇଛନ୍ତି, ତାହେଲେ ମୁଁ ଗଲେ ଦେଖିବି । ଆପଣ ତାଙ୍କର କିଏ ହୁଅନ୍ତି ?"

"ବାପା" - କହିଲେ ଦୀନନାଥ ।

"ଆଚ୍ଛା, ଆଚ୍ଛା, ଜ୍ୱାଇଁ ଆସିଛନ୍ତି ?"

"ଆସୁଛନ୍ତି । ୟା' ଭିତରେ ପହଞ୍ଚିଯିବେ ।"

"ହଉ, ସେ ଆସି ପହଞ୍ଚିଯାନ୍ତୁ । ମୋତେ ଲାଗୁଛି ଏଇଟା ଫଲସ୍ ପେନ୍ ହୋଇ ଥାଇପାରେ । ଆପଣ ତ ଏ ସବୁ କିଛି ବୁଝିପାରି ନଥିବେ । ଜ୍ୱାଇଁ ପହଞ୍ଚିଯାନ୍ତୁ । ଯଦି ସଂଭବ ହୁଏ, ଆଜି ରାତିରେ ଡେଲିଭରୀ କରେଇ ଦେବା ।" - କହିଲେ ଡାକ୍ତରାଣୀ । ଆଉ କହିଲେ -

"ହଁ, ଦୁଇଜଣ ପେସେଣ୍ଟ୍ ଅଛନ୍ତି । ତାଙ୍କ କଥା ବୁଝିଦେଇ ମୁଁ ଆପଣଙ୍କ ଝିଅ ପାଖକୁ ଯାଉଛି ।"

ଦୀନନାଥ ଉପର ମହଲାକୁ ଗଲେ ଝିଅ ପାଖକୁ । ଦେଖିଲେ ଝିଅ ଆରାମରେ ଶୋଇଛି ଏବଂ ସୁମତିଙ୍କ ସହିତ କଥା ଭାଷାରେ ମଜ୍ଜିଯାଇଛି । ବେଶୀ ସମୟ ସେଠି ନ ରହି ସେ ଫେରି ଆସିଲେ ଏବଂ କହିଦେଇ ଆସିଲେ 'ମାଡାମ୍ ଏବେ ଆସୁଛନ୍ତି ।'

ଏଠି ବି ଆଉ ଏକ ବ୍ୟତିକ୍ରମ ହେଲା । ଭବେଶକୁ ଦୀର୍ଘ ସମୟ ଧରି ପ୍ରତୀକ୍ଷା କରୁଥିଲା ଶୁଭଦା । ଭବେଶ ପହଞ୍ଚିଲେ ଯାହା କିଛି ସିଦ୍ଧାନ୍ତ ନେବେ । ଭବେଶ ପ୍ରତି ତା'ର ମାନସିକ ସ୍ତରର ପ୍ରତୀକ୍ଷା ଶୁଭଦାର ଶ୍ରବଣେନ୍ଦ୍ରିୟକୁ ଧୋକା ଦେଲା । 'ମାଡ଼ାମ୍ ଏବେ ଆସୁଛନ୍ତି' ଉଚ୍ଚାରଣଟି ଭିନ୍ନ ପ୍ରକାର ଶ୍ରବ୍ୟ ହୋଇ 'ଭବେଶ ଏବେ ଆସିଛନ୍ତି' ଯାହା ପରବର୍ତ୍ତୀ ଘଟଣାକ୍ରମକୁ ସଂପୂର୍ଣ୍ଣ ବଦଳେଇ ଦେଲା ।

ଜଣେ ନର୍ସ ସହିତ ଡାକ୍ତରାଣୀ ପ୍ରବେଶ କଲେ ଶୁଭଦାର ପ୍ରକୋଷ୍ଠକୁ । ବାହାରି ଆସିଲେ ସୁମତି । ଶୁଭଦାକୁ ଦେଖିବା ଭିତରେ ଜ୍ୱାଇଁ ଆସିଛନ୍ତି କି' ବୋଲି ପଚାରିବାରୁ ଦୃଢ଼ତାର ସହ ସେ 'ହଁ' ବୋଲି କହିଦେଲା । କେତେକ୍ଷଣ ପରେ ବାହାରକୁ ଆସିଲେ ଡାକ୍ତରାଣୀ, ନର୍ସ ଆଉ ଶୁଭଦା । ଦୁଆର ମୁହଁରେ ଛିଡ଼ା ହୋଇ ଖୋଜିଲେ ଜ୍ୱାଇଁ ଭବେଶକୁ ।

"ଜ୍ୱାଇଁ କାହାନ୍ତି ?"

"ଆସୁଛନ୍ତି, ରାସ୍ତାରେ ଅଛନ୍ତି ।" - କହିଲେ ଦୀନନାଥ ।

"ଝିଅ କହୁଛି, ଆସିଛନ୍ତି ବୋଲି ? ଅଥଚ ରାସ୍ତାରେ ଅଛନ୍ତି ?"

ଶୁଭଦା ଭାରି ବ୍ୟସ୍ତ ଏବଂ ସଂକୁଚିତ ହୋଇପଡ଼ିଲା । ବାପାଙ୍କ କଥାକୁ ସେ ଭୁଲ ଶୁଣିଲା କି ଆଉ ! ତେଣୁ କହିଲା -

"ବାପା କହିଲେ ଆସିଛନ୍ତି ବୋଲି ।"

ସବୁକିଛି ଯେମିତି ବ୍ୟତିକ୍ରମ ହୋଇଗଲା । ଡାକ୍ତର ମିସେସ୍ ପଣ୍ଡା ଦୀନନାଥଙ୍କୁ କହିଲେ -

"କିଛି ତ ଲକ୍ଷଣ ଜଣାଯାଉ ନାହିଁ । କାଲି ସକାଳେ ଯାହା ହେବ । ନର୍ମାଲ୍ ହେଉ ବା ସି.ଏସ୍ । ଯାହା ଆପଣ କହିବେ । ରାତି ଖାଇବା ଖାଇ ସେ ଶୋଇପଡୁ ।"

ବିଳମ୍ବରେ ଠିକ୍ ସାଢ଼େ ସାତଟା ପରେ ଭବେଶ ଯାଇ ପହଞ୍ଚିଲା ନର୍ସିଂହୋମ୍‌ରେ । ମାଡ଼ମ୍‌ଙ୍କୁ ଦେଖାକଲା । ଠିକ୍ ସମାନ କଥା । କାଲି ସକାଳେ ଯାହା ହେବ ।

ରାତିର ଖାଇବା ଦେଇ ଆସି ଦୀନନାଥ ଆଉ ଜ୍ୱାଇଁ ଭବେଶ ଫେରି ଆସିଲେ ଘରକୁ । ଆଉ ଯିଏ ଯାହାର ଯେମିତି ଚାଲିଗଲେ । ଶୁଭଦା ପାଖରେ ରହିଲେ କେବଳ ସୁମତି । ତା'ର ପିଲା ଦୁଇଟିକୁ ସଂଭାଳିଲେ କଳ୍ପଲତା । ସମସ୍ତେ ଖାଇପିଇ ଶୋଇଗଲେ । ଅଥଚ ରାତି ଏଗାରଟାରୁ ଶୁଭଦାର ଯନ୍ତ୍ରଣା କ୍ରମଶଃ ବଢ଼ିବାକୁ ଲାଗିଲା । ନର୍ସମାନେ କିଛି ସହାୟତା କରୁ ନଥିଲେ । ସୁମତି ଥିଲେ ଅସହାୟ । ଏତେ ରାତିରେ ଭବେଶ କିମ୍ବା ବାପାଙ୍କୁ ଡିଷ୍ଟର୍ବ କରିବାକୁ ଚାହିଁଲା ନାହିଁ ଶୁଭଦା । ନିଜ ଯନ୍ତ୍ରଣାକୁ ନିଜ ଦେହରେ ଧୀରେ ଧୀରେ ଶୋଷି ନେବାକୁ ଯତ୍‌ପରୋନାସ୍ତି ଉଦ୍ୟମ କରିବା ଭିତରେ ଭୋର ପାଞ୍ଚଟା ବାଜି ଯାଇଥିଲା ।(କ୍ରମଶଃ)

## ଅନୁବାଦ ଗଳ୍ପ

# ॥ କର୍ମଫଳ ॥

ମୂଳ ହିନ୍ଦୀ- ସୁରେଶ ସୌରଭ
ଅନୁବାଦକ- ବିନୟ କୁମାର ଦାସ



" ତୁମେ ପୋଲିସବାଲା ଏତେ ନିର୍ଦ୍ଦୟ କାହିଁକି ? ନିର୍ଦ୍ଦୋଷ ଚାଷୀଭାଇଙ୍କ ଉପରେ ଅତି ନିର୍ମମ ଭାବରେ ଲାଠି ଚାର୍ଯ୍ୟ କରୁଛ । ସତ କହିଲ, ଏଥିପାଇଁ ତୁମକୁ ଟିକେ ବୋଲି ଦୁଃଖ ଲାଗୁନି ?" ଚାଷୀଟିଏ କହିଲା ପୋଲିସବାଲାକୁ ।

"ଲାଗୁଛି । କିନ୍ତୁ ଆମେ ଉପାୟଶୂନ୍ୟ । ଆମ ଚାକିରୀ ତ ଉପରିସ୍ଥ ଅଫିସରଙ୍କ ଆଦେଶ ପାଳନ କରବା । ଯେତେବେଳେ ଯାହା ଅର୍ଡର ମିଳିଲା, ଆମେ ତୁରନ୍ତ ପାଳନ କଲୁ ।" ବେଶ୍ ଦମ୍ଭର ସହିତ କହିଲା ପୋଲିସ ।

"ତାହେଲେ ଧିକ୍ ତୁମର ଏ ଚାକିରୀକୁ । ଆମେ ଆମର ନାର୍ଯ୍ୟ ଦାବି ହାସଲ କରିବା ପାଇଁ ଅହିଂସା ନୀତିରେ ଆନ୍ଦୋଳନ କରୁଛୁ । ଦାବି ପୂରଣ ତ ଦୂରର କଥା, ଆମ କଥା ବି ସରକାର ଧ୍ୟାନର ସହିତ ଶୁଣୁ ନାହାନ୍ତି । ଅପର ପକ୍ଷରେ ଆମକୁ ଲାଠି ସହିବାକୁ ପଡୁଛି । ଆଉ ତୁମେ ସେହି ସରକାରଙ୍କ ଆଦେଶକୁ ସୁନା ପୁଅ ପରି ପାଳନ କରି ଚାଲିଛ ।"

" ସତ କହୁଛି ଭାଇ , ତୁମମାନଙ୍କ ପାଇଁ ଆମ ମନରେ ଦୟା ଆସୁଛି । ଦୁଃଖ ବି । ତୁମ ଦାବି କେତେଦୂର ନାର୍ଯ୍ୟ , ସେ କଥା ତ ଆମେ କହି ପାରିବୁନି , ତେବେ ଏତିକି କହି ପାରିବୁ , ଆମ ଗଣତନ୍ତ୍ରରେ ହକ୍ ପାଇଁ ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ କରିବା ସେମିତି କିଛି ଅନ୍ୟାୟ ବା ଦୋଷାବହ ନୁହେଁ । "

"ଏମିତି ବି ତାହେଲେ ଭାବୁଚ ତୁମେ.. ?"

" ହଁ, ବେଳେବେଳେ ତ ଭାବୁଛୁ, ଏ ଚାକିରୀ ଛାଡିଦେବାକୁ । କିନ୍ତୁ କଣ କରାଯାଏ..ଘରେ ବୁଢା ମା ବାପାଙ୍କ ଚିକିତ୍ସା ଖର୍ଚ୍ଚ, ପିଲାଙ୍କ ପାଠପଢା ଖର୍ଚ୍ଚ ଆଉ ଘରର ଯାବତୀୟ ଦରକାରୀ ଖର୍ଚ୍ଚ କଥା ଭାବିଲା ବେଳକୁ, ଆମକୁ ଅସହାୟ ଲାଗୁଛି । ତେଣୁ ବାଧ୍ୟ ହୋଇ.."

" ତା'ମାନେ ଏମିତି ପାପ ଆଉ ଭୁଲ ତୁମେ କରି ଚାଲିଥିବ ସାରା ଜୀବନ ? ମନେରଖ, କର୍ମଫଳ ତୁମକୁ ହିଁ ଭୋଗିବାକୁ ପଡିବ ।"

"କର୍ମଫଳ !! "

"ହଁ , କର୍ମଫଳ !! "

"କର୍ମଫଳ ଆମେ କଣ ଭୋଗିବୁ...ତୁମ କର୍ମଫଳ ତ ତୁମେ ଭୋଗୁଛ ଏବେ .. "

"ଆମେ ଭୋଗୁଛୁ ? କଣ କହିବାକୁ ଚାହୁଁଛ ତୁମେ ? "

"ବୁଝିପାରୁନ ? କିହୋ..ତୁମେ କହୁଚ ଏ ସରକାର ନିର୍ମମ । ଆମେ ତାଙ୍କ ହୁକୁମ ମାନୁଛୁ । ମୋତେ ଭାଇ ଟିକେ ବୁଝାଇ କହିଲ..ଏ ସରକାରଙ୍କୁ କିଏ ନିର୍ବାଚିତ କରିଛି ? ତୁମେ ତ ଭୋଟ ଦେଇ ସରକାର ଗଢିଲ । ଆଉ ସେ ସରକାରଙ୍କ ହୁକୁମ ଆମେ ମାନିଲୁ ବୋଲି ଦୋଷ ହେଲା ଆମର ?? ପ୍ରଥମେ ନିଜ କୃତକର୍ମକୁ ହେଜ..ନିଜ ଭୁଲ୍‌କୁ ସ୍ୱୀକାର ନ କରି ଅନ୍ୟକୁ ଦୋଷ ଦୋଷ ଦିଅନା । "

ଚାଷୀଟି କଣ ଜବାବ ଦେବ ହୁଏତ ମନେମନେ ଭାବୁଥିଲା ତାପରେ ।

+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯

# କବିତାର କଥା: କବିର କଥା



+ କୌଶିକ ନାୟକ
ସାହାଡ଼ାପଡ଼ା, ବାଙ୍କୀ,
କଟକ-୭୫୪୦୦୮,
ମୋ: ୯୪୩୭୫୦୭୯୭୭

ମୋ ବାପା ଜଣେ ଚାଷୀ ଥିଲେ । ମଧ୍ୟବିତ୍ତ ଚାଷୀ । ସେତେବେଳେ ସେ ଗାଁ ଚାହାଳୀ ଏବଂ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ । ନିଜର କ୍ଷେତ, କ୍ଷେତରୁ ଖଳା, ନିରୋଳା ଆକାଶ, ନିଷ୍କପଟ ଋତୁମାନଙ୍କ ସହିତ ଥିଲା ତାଙ୍କର ଘନିଷ୍ଠତା । ତାଙ୍କ ହସ କାନ୍ଦର ଦୁନିଆ ଥିଲା ଖରାବର୍ଷାର ସହଚାର୍ଯ୍ୟ । ମୋ' ବୁଢ଼ା ବାପା ମଦନ ନାୟକ ରେଙ୍ଗୁନ ଫେରନ୍ତା । ରୋଜଗାର ପାଇଁ ସେ ଯାଇଥିଲେ ରେଙ୍ଗୁନ । ଫେରି ଆସିଲେ ଗାଁକୁ । ଗାଁରେ ନିଜ କ୍ଷେତ, ଖଳା, ଖରାବର୍ଷା, ଶୀତ, କାକର ଏବଂ ଋତୁଚକ୍ର ସହ ଥିଲା ତାଙ୍କର ସଂପର୍କ ନିବିଡ଼ । କମଳା ରଂଗରେ ରଂଗିଲା ଖଣ୍ଡେ ଧୋତି ଆଉ ଦେହରେ ଖଣ୍ଡେ ନାଲି ରଂଗର ଗାମୁଛା ତାଙ୍କ ଦେହର ଗୋରାପଣକୁ ଭାରି ମାନୁଥିଲା । ମୋତେ ଭାରିଟାଣରେ ସେ ପ୍ରଥମେ ପ୍ରଥମେ ନେଇ ଆମଗାଁ ବିଦ୍ୟାଳୟରେ ଛାଡ଼ିଆସନ୍ତି । ଗାଁ ଗୁରୁଜୀଙ୍କୁ କହି ଆସନ୍ତି ୟାକୁ ବାଡ଼େଇ ପାଠ ପଢ଼େଇବେ । ସେଇଠୁ ଶିଖିଲି କହିବା ଏବଂ ଲେଖିବାର ଭାଷା ।

ମୋ' ବାପା ହଳରୁ ଫେରନ୍ତି । ଗାଁ ଶ୍ରୀରାମଲୀଳା, ଅଷ୍ଟ ପ୍ରହରୀ କୀର୍ତ୍ତନରେ ମାତି ରହନ୍ତି ଅଧିକାଂଶ ସମୟରେ । ଖୋଳ, ପଖଉଜ, ଢୋଲୁକି ଆଦି ବଜାଇବାରେ ସେ ଓସ୍ତାଦ । ରାମଲୀଳାରେ ସେ ଦଶରଥ, ପର୍ଶୁରାମ ଏବଂ ବିଭିନ୍ନ ଭୂମିକାରେ ନାଚିଛନ୍ତି ବହୁତ । ସେ ରାମଲୀଳା ଗୀତ ଛାନ୍ଦ ଆଦି ମଧ ସୁର ଦେଇ ବୋଲି ପାରନ୍ତି । ମୋ' ବାପା ଶାଗ ପଖାଳ ଖିଆ ଝାଂଜିର ମଣିଷ । ଝାଂଜିରେ ତାଙ୍କ ଦିନ । ଖରା, ବର୍ଷା, ଶୀତ, କାକର ତାଙ୍କର ଚିର ସହଚର । ତାଙ୍କ ନିରୋଳା, ନିଷ୍କପଟ ଜୀବନ ମୋତେ ଦେଇଛି ପାଥେୟ ଓ ପ୍ରେରଣା ।

ପାଠ ପଢ଼ିବା ସଙ୍ଗେ ସଙ୍ଗେ କବିତା ଲେଖିବା ପ୍ରତି କିଛି କିଛି ଆଗ୍ରହ ବଢ଼ିଲା । ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ, ବାଙ୍କୀରେ ପାଠ ପଢ଼ି, ବାଙ୍କୀ ମହାବିଦ୍ୟାଳୟ ପରେ ପୁରା ନିପଟ ଘଞ୍ଚ, ଜଙ୍ଗଲ ଘେରା ଆଦିବାସୀ ଆଦିମ ପଲ୍ଲୀରେ ଆରମ୍ଭ ମୋର ଶିକ୍ଷକତା ଜୀବନ । ସାହିତ୍ୟ ପ୍ରତି ପିଲାବେଳର ଆଗ୍ରହ । ଆଦିବାସୀ ଗାଁର ଶୂନ୍ ଶାନ୍ ପରିବେଶ ପକ୍ଷୀମାନଙ୍କର ସୁମଧୁର ସ୍ୱର, ଜୀବଜନ୍ତୁ ମାନଙ୍କର କଲୋରୋଳରେ ସୃଷ୍ଟି କରିବାର ପ୍ରେରଣା ମୋ' କାବ୍ୟିକ ଅର୍ନ୍ତପୁରୁଷ ସହ ଏକୀଭୂତ ହେଲା । କବିତା ମୋର ନିର୍ଜନତାର ସ୍ୱର । ମୋ' ପରିଧିରେ ଘୂରୁଥିବା ବେଳେ ସବୁ ସମ୍ଭାବନା ଯେପରି ରୂପ ନେଉଥାନ୍ତି । ଏହିପରି ଗତି କରିବାର ଦୀର୍ଘଦିନ ଭିନ୍ନ ଭିନ୍ନ ପରିବେଶ ମଧ ଦେଇ କବିତାର ମାର୍ଗ ନିର୍ଦ୍ଦେଶିତ ହୋଇଛି ମୋ' ପାଇଁ ।

ଓଡ଼ିଶାର ବହୁ ପତ୍ରିପତ୍ରିକା, ସମ୍ବାଦପତ୍ର ମାନଙ୍କର ସାହିତ୍ୟ ପୃଷ୍ଠା, ଆକାଶବାଣୀ ଜୟପୁର, କଟକ କେନ୍ଦ୍ର ମୋ' କବିତାକୁ ସ୍ୱୀକୃତି ଦେଇ ଅନୁପ୍ରେରିତ କରିଛନ୍ତି । ଓଡ଼ିଶାର ବହୁ ସହିତ୍ୟ ଅନୁଷ୍ଠାନ ସାହିତ୍ୟିକ ବଂଧୁମାନେ ମୋତେ ଭଲ ପାଇଛନ୍ତି । ପ୍ରଖ୍ୟାତ ଔପନ୍ୟାସିକ ଦେବ୍ରାଜ ଲେଙ୍କା ନିରନ୍ତର ମୋ' ବହି ବାହାରିବା ପାଇଁ ତାଗିଦ୍ କରିଛନ୍ତି । ମୁଁ ସେମାନଙ୍କ ନିକଟରେ କୃତଜ୍ଞ ।

'କାବ୍ୟଲୋକ'ର ସମ୍ପାଦକ ବଂଧୁ କବି ଭିକାରୀ ଧଳଙ୍କ ଅକୁଣ୍ଠିତ ସହାୟତା ଯୋଗୁଁ ମୋ' କବିତା ଗୁଡ଼ିକ ଏକତ୍ର ରୂପ ନେଇଛି ତାଙ୍କ ନିକଟରେ ମୁଁ ଅନୁଗୃହୀତ । + + +

# ଗଣଶିକ୍ଷା ଓ ଗଣ-ଦୁର୍ନୀତି !

**ସୁବ୍ରତ ପଟ୍ଟନାୟକ**

ବିଦ୍ୟାଳୟ, ଗଣଶିକ୍ଷା ବିଭାଗରେ ମାଡ଼ି ଯାଇଚି ଦୁର୍ନୀତିର ଚେର ।

ବିସ୍ତାର କରିବାରେ ଲାଗିଛି ଏହାର କାୟା । ଲୋକଲୋଚନକୁ ଆସିଛି, ଦୁଇଟି ମହା-ଦୁର୍ନୀତି । ଚଳୁ ହୋଇଚି କୋଟି କୋଟି ଟଙ୍କା । କୋଭିଡ-କରୋନା ସମୟରେ ସ୍କୁଲଗୁଡ଼ିକ ବନ୍ଦ ରହିଲା । ଏହାର ସୁଯୋଗରେ ହେଲା ହଡ଼ପ । ଯେଉଁ ବଡ଼ ବଡ଼ିଆ ହାକିମ ଏହି କାରବାରରେ ଲିପ୍ତ, ସେମାନେ ଖସଡ଼ା ମାରିବାକୁ ରଖିଛନ୍ତି ଗଳାବାଟ । ସେମାନଙ୍କୁ ଧରିବା କାଠିକର ପାଠ ।

ଗଣଶିକ୍ଷା ବିଭାଗରେ ଯେଉଁ ଦୁଇଟି ଦୁର୍ନୀତି ଘଟିଛି, ସେଥିରୁ ପ୍ରଥମଟି- ବହି ଦୁର୍ନୀତି, ଦ୍ୱିତୀୟଟି- ଚାଉଳ ଦୁର୍ନୀତି । କରୋନା ଯୋଗୁ ୨୦୨୦ ମସିହା ମାର୍ଚ୍ଚ ମାସଠୁ ସ୍କୁଲଗୁଡ଼ିକ ବନ୍ଦ ଘୋଷଣା କରାଗଲା । ଛାତ୍ରଛାତ୍ରୀ ସ୍କୁଲକୁ ଆସିଲେ ନାହିଁ । ମାତ୍ର ଏହି ସମୟରେ, ବିଦ୍ୟାଳୟ ପାଠାଗାର ପାଇଁ ବହି କିଣିବାକୁ କୁହାଗଲା । ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ବହି ତାଲିକା ସହ ଅର୍ଥ ପ୍ରଦାନ କରାଗଲା । ସାତଦିନ ମଧ୍ୟରେ ବହି କିଣି ବିନିଯୋଗ ପ୍ରମାଣପତ୍ର ବା ୟୁସି ସାର୍ଟିଫିକେଟ୍ ବିଇଓ ଅଫିସରେ ଦାଖଲ କରିବାକୁ ପରାମର୍ଶ ଦିଆଗଲା । ଦେଖାଗଲା, ଯେଉଁ ତାଲିକା ସେମାନଙ୍କୁ ଦିଆଯାଇଛି, ସେସବୁ ବହି କୌଣସି ବହି ବଜାରରେ ମିଳୁନାହିଁ । ତାଲିକା ବହି ମିଳୁନଥିବା ଜଣାଇବାରୁ, ବିଇଓ ଅଫିସରୁ କହାଗଲା, ଅନ୍ୟ ଶିକ୍ଷଣୀୟ, ବିଜ୍ଞାନ ଓ ଗଠନ ମୂଳକ ପୁସ୍ତକ ଆଦି କିଣିଲେ ଚଳିବ । ଶୀଘ୍ର ବହି କିଣି ୟୁସି ସାର୍ଟିଫିକେଟ ଦାଖଲ କର । ସାର୍ଟିଫିକେଟ୍ ଦାଖଲ ହେବା ପରେ ପୁଣି ବଦଳିଗଲା ମତ । କୁହାଗଲା, ତାଲିକା ଅନୁଯାୟୀ ଯେଉଁମାନେ ବହି ନ କିଣିଛନ୍ତି, ସେମାନେ ଟଙ୍କା ଫେରସ୍ତ ଦେବାକୁ ବାଧ । ନଚେତ୍, ସେମାନଙ୍କ ଦରମା ବନ୍ଦ କିମ୍ବା ଚାକିରୀରୁ ସସପେଣ୍ଡ କରାଯିବ । ବହି କିଣି ସାରିଥିଲେ ବି, ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଜଣକେ ଲେଖାଏଁ ପନ୍ଦର, କୋଡ଼ିଏ ହଜାର ଡଣ୍ଡ ଗଣିଲେ । ଏଭଳି ଅନୈତିକ ଉପାୟରେ ଅସୁଲ ହୋଇଥିବା ଅର୍ଥ ପରିମାଣ ପଚିଶ, ତିରିଶ କୋଟିରୁ କମ୍ ହେବନାହିଁ ବୋଲି ଅନୁମାନ କରାଯାଏ । ସ୍କୁଲ ବନ୍ଦ ହେବା ସମୟରେ ବହି କିଣିବା କାହିଁକି ଜରୁରୀ ହେଲା, ପରେ କାହିଁକି ସେସବୁ ନାକଚ କରାଗଲା, ତାର ଉତ୍ତର କେହି ପାଇଲେ ନାହିଁ । ମୋବାଇଲ ଫୋନ କରିଆରେ ପ୍ରଧାନଶିକ୍ଷକଙ୍କ ନିକଟକୁ ସିଆର୍‌ସିସିଙ୍କ ଜରିଆରେ ବାର୍ତ୍ତା ଦିଆ ଯାଇଥିଲା । ସେଥିରେ ଚିଠି ନମ୍ବର କିମ୍ବା ତାରିଖ କିଛି ବି ଉଲ୍ଲେଖ ନଥିଲା । କୌଣସି ପ୍ରଧାନ ଶିକ୍ଷକ ଏହାକୁ ଚାଲେଞ୍ଜ କରିବାକୁ ସାହସ ଯୁଟାଇ ପାରିଲେ ନାହିଁ । ଭାଗ୍ୟକୁ ଆଦରି ରହିଲେ ।

ବହି ଦୁର୍ନୀତି ଭଳି ମଧ୍ୟାହ୍ନ ଭୋଜନ ଚାଉଳରେ ବି ହୋଇଛି ବ୍ୟାପକ ହେରଫେର । ସ୍କୁଲ ବନ୍ଦ ହେବାର ଦୁଇ ତିନି ଦିନ ପୂର୍ବରୁ କେତୋଟି ହାତଗଣତି ନାମକରା ସ୍କୁଲକୁ ପାଞ୍ଚ ସାତ କ୍ୱିଣ୍ଟାଲ୍ ଲେଖାଏ ମଧ୍ୟାହ୍ନ ଭୋଜନ ଚାଉଳ ପଠାଗଲା । ବାକିତକ ସ୍କୁଲଗୁଡ଼ିକୁ କେବଳ କାଗଜପତ୍ରରେ କାମ ବଢ଼ାଇ ଦିଆଗଲା । ସେମାନେ ଚାଉଳ ପାଇଲେ ନାହିଁ । ଏପଟେ, ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ କରୋନା ସମୟରେ ପଞ୍ଚାୟତ ଅଫିସ ଜରିଆରେ ଚାଉଳ ବଣ୍ଟାଗଲା । ମାତ୍ର ସ୍କୁଲରେ ଯେଉଁ ଚାଉଳ ରହିଲା, ତାର ଗଣ୍ଠି ଫିଟିଲା ନାହିଁ । ଏହି ଚାଉଳ ମୂଷା ଖାଇଲେ, କି ଖତ ପାଲଟିଲା, ଜଣା ପଡ଼ିଲା ନାହିଁ । ଚାଉଳ ନଷ୍ଟ ହୋଇ ଯାଇଚି ବୋଲି ଦର୍ଶାଇ, ଟ୍ରକ୍ ଟ୍ରକ୍ ଚାଉଳ ହରିଲୁଟ୍ କରାଗଲା । କେବଳ ଯେ କେନ୍ଦୁଝର ଜିଲ୍ଲାରେ ଏଭଳି କେଲେଙ୍କାରୀ ଘଟିଛି ତା ନୁହେଁ, ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ବି ଚାଲିଛି ସମାନ ଧରଣର ହରିଲୁଟ୍ । ଚାଉଳରେ କେତେ କୋଟି ଟଙ୍କା ଚଳୁ କରାଯାଇଛି, ତାହା ଆମକୁ ଜଣାନାହିଁ । ସତୁରି, ଅଶୀ କୋଟିରୁ କମ୍ ହେବନାହିଁ ବୋଲି ଅନୁମାନ । ଏ ସଂକ୍ରାନ୍ତରେ କେନ୍ଦୁଝର ଜିଲ୍ଲା ହାଟଡିହି ପିଇଓ କ୍ଷୀରୋଦ କୁମାର ତ୍ରିପାଠୀଙ୍କ ଠାରୁ ଆମେ ତଥ୍ୟ ନେବାକୁ ଚେଷ୍ଟା କରିଥିଲୁ । ସେ ନିରୁତ୍ତର ରହିଲେ । କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀ ଡିଇଓ ସଂଗ୍ରାମ କେଶରୀ ସାହୁଙ୍କୁ ପଚାରିବାରୁ ସେ ଦୋଷଛଡା ହେବାକୁ କହିଲେ- ସେ ନୂଆ କରି କେନ୍ଦୁଝରକୁ ବଦଳି ହୋଇ ଆସିଛନ୍ତି । ଅତୀତରେ କଣ ଘଟିଛି, ନଘଟଛି, କିଛି ଜାଣନ୍ତି ନାହିଁ । ତତ୍କାଳୀନ ଡିଇଓ, ବିଇଓ ସେକଥା ଜାଣିଥିବେ । ପାଠକେ, ଏଥିରୁ ଭିତିରି ରହସ୍ୟ ଠଉରାଇ ପାରୁଥିବେ । ଅଧିକ କହିବା ଦରକାର ନାହିଁ ।

ସ୍କୁଲ ବନ୍ଦ ଥିବା ସମୟରେ କୋଟି କୋଟି ଟଙ୍କାର ବହି କିଣା ଓ ଚାଉଳ ଯୋଗାଣ ଯେ ହରିଲୁଟ ପାଇଁ ଉଦ୍ଦିଷ୍ଟ, ତାହା ଜଳ ଜଳ ଦିଶୁଛି । କାରବାରରେ ନିଶ୍ଚିତ ଭାବେ ଗଣଶିକ୍ଷା ବିଭାଗର କେତୋଟି ବଡ଼ବଡ଼ିଆ ଅଧିକାରୀ ଜଡ଼ିତ । ବିନା 'ମିଳି-ଭଗତ'ରେ ଏଭଳି ଦୁର୍ନୀତି ଅସମ୍ଭବ । ଯିଏ ସିପାହୀ, ସେ ହିଁ ନିଜେ ଚୋର-ସର୍ଦ୍ଦାର । ଚୋରୀ ବାବଦରେ କହିବ କିଏ ? କେତେକ ଦୁର୍ନୀତିଖୋର ଅଧିକାରୀଙ୍କ ଯୋଗୁ ସମଗ୍ର ଶିକ୍ଷକ ସମାଜ ଏବେ କଳଙ୍କିତ । ବିଚରା ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମୁଣ୍ଡରେ ବୋଳା ଯାଇଛି ସବୁତକ ଅଠା । ଏକଦା, ଶିକ୍ଷକ ଚାକିରୀ କରିବାକୁ ଯୁବକ, ଯୁବତୀ ନିଜକୁ ପରମ ସୌଭାଗ୍ୟ ଓ ଗୌରବ ମଣୁଥିଲେ । ଏବେ ସେମାନଙ୍କ ମୁଣ୍ଡରେ ବିନା କାରଣରେ ଲାଗିଛି ଠକ, ଲୁଟେରାର ବଦନାମ । ଏଥିକୁ, ଉଚ୍ଚ ଶିକ୍ଷିତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଅଧାପାଠୁଆ କିମ୍ବା ସମ୍ପୂର୍ଣ୍ଣ ଅପାଠୁଆ ପରିଚାଳନା କମିଟି ସଭାପତି ବି ନାକ ଘୋଷରା କରାଉଛନ୍ତି । ଏଭଳି ଅନେକ ନଜୀର୍, ଆମ ନଜରକୁ ଆସିଛି । ଫୋନ୍‌ରେ କହିଛନ୍ତି- ଆମେ ପାଠ ପଢ଼ାଇବୁ ନା ପରିଚାଳନା କମିଟି ସଭାପତିଙ୍କ ନିକଟରେ ହାତଯୋଡ଼ି ରହିବୁ ? କେହି ମାନନ୍ତୁ ବା ନମାନନ୍ତୁ, ଏସବୁ କଥା ଅକ୍ଷରେ ଅକ୍ଷରେ ସତ । ବିଦ୍ୟାଳୟ, ଗଣଶିକ୍ଷା ବିଭାଗ ମନ୍ତ୍ରୀ ପଦରେ ଅଛନ୍ତି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ । ସେ କେବଳ ଜଣେ ପୋଖତ ରାଜନେତା ନୁହନ୍ତି, ଉଚ୍ଚଶିକ୍ଷାରେ ବି ଡିଗ୍ରୀଧାରୀ । କଥା ଓ କାମରେ ପୁରାପୁରି ଠୋ-ଠା । ଗଣ-ଦୁର୍ନୀତି ବାବଦରେ ସେ ଅବଗତ ଅଛନ୍ତି କି ନା, ଆମେ ଜାଣିନେ । ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସେ ଅତି ଗେହ୍ଲା-ମଣିଷ । ନବୀନଙ୍କ ଭାବ ମୂର୍ତ୍ତିରେ ଆଞ୍ଚ ଆସିବା ଆଗରୁ, ସମୀର, କଡ଼ା ଯାଞ୍ଚର ନିର୍ଦ୍ଦେଶ ଦେବେ କି ? ନହେଲେ, 'ଆପଣମାନେ ଖୁସି ତ' ଭଳି ପ୍ରଶ୍ନ ନବୀନ ପଟ୍ଟନାୟକ ପଚାରିଲେ, ଆମେ କି ଉତ୍ତର ଦେବୁ ? ?

+ ଓରାଳି, କେନ୍ଦୁଝର
ଫୋନ୍-୯୯୩୭୭୯୧୨୪୪



# ରଜନୀଙ୍କ ରାଜଧାନୀ ଗୁଗୁଲ୍

## ॥ ରାଜ୍ୟ ପରିବହନ ବିଭାଗର ଅନ୍‌ଲାଇନ୍ ଅତ୍ୟାଚାର (?) ॥

ରାଜ୍ୟ ପରିବହନ ବିଭାଗ ଏବେ ସଂପୂର୍ଣ୍ଣ ଡିଜିଲାଇଟେସନ୍ ମୁଡ୍‌ରେ । ଅନ୍‌ଲାଇନ୍‌ରେ ଡ୍ରାଇଭିଙ୍ଗ୍ ଲାଇସେନ୍ସ, ରେଜିଷ୍ଟ୍ରେସନ, ମାଲିକାନା ପରିବର୍ତ୍ତନ ଆଦି ଯାବତୀୟ କାର୍ଯ୍ୟ ବିନା ଦଲାଲ୍‌ଙ୍କ ସହାୟତାରେ ଚାଲିଛି । କେବଳ ସେତିକି ନୁହେଁ ରାସ୍ତାରେ ଯାନବାହନ ନିୟମାବଳୀର ଉଲଂଘନ କଲେ ବାଟରେ ଅଟକାଇ ଫାଇନ୍ ଦେବାକୁ ପଡୁନି । ସି.ସି କ୍ୟାମେରା ରିପୋର୍ଟ ଅନୁସାରେ ମୋବାଇଲ୍‌ରେ ଚାଲାଣ କଟା ହୋଇଯାଉଛି । ତେବେ ରାଜଧାନୀ ପରିବହନ ବିଭାଗ ଏସବୁଥିରେ ଟିକେ ଆଗୁଆ, ଏପରିକି ବାଲେଶ୍ୱର ପରିବହନ ବିଭାଗ ତୁଳନାରେ । ହାଇୱେରେ ତମର ସ୍ପିଡ୍ ଲିମିଟ୍ ଥାଉ କି ନଥାଉ ବାଲେଶ୍ୱର ରାସ୍ତା ଧରିଲେ ପ୍ରାୟ ଫାଇନ୍ ଥୁଆ । ଏବେ ଗୋଟାଏ ବିଚିତ୍ର ଘଟଣା ଘଟିଲା ରାଜଧାନୀରେ । ଜଣେ ଗାଡ଼ି ମାଲିକ ସର୍ଭିସିଂ ପାଇଁ ଗାଡ଼ି କଂପାନୀ ସୋରୁମ୍‌ରେ ଦେବାର ଅଧଘଣ୍ଟାକ ମଧ୍ୟରେ ୭ ହଜାର ଟଙ୍କାର ଚାଲାଣ ମୋବାଇଲରେ ଚାଲିଆସିଲା । ସ୍ପିଡ୍ ଲିମିଟ୍, ମୋବାଇଲରେ ଗପିବା ଆଦି ଭିନ୍ନ ଭିନ୍ନ ଅଭିଯୋଗ । ବିଚରା ଗାଡ଼ିମାଲିକ ହତାଶ । କଂପାନୀ କର୍ତ୍ତୃପକ୍ଷ ଏସବୁ ଅଭିଯୋଗ ମିଛ ବୋଲି କହିବା ପରେ ଗାଡ଼ି ମାଲିକ ଏବେ ହରଡଘଣାରେ । ଫାଇନ୍ କିଏ ଭରିବ ଏ ନେଇ କଂପାନୀ ସହ ହିସାବ ତୁଟୁନି ।

## ॥ ଆକ୍ସନ ମୁଡ୍‌ରେ ନବୀନ ॥

ଏବେ ଫୁଲ୍ ଆକ୍ସନ ମୁଡ୍‌ରେ ନବୀନ । ହାଜତ ମୃତ୍ୟୁ, ପରୀ ହତ୍ୟାକାଣ୍ଡ ଆଦି ଯେତେ ସମସ୍ୟା ଆସୁଛି ତାକୁ ଦୃଢ ଭାବରେ ମୁକାବିଲା କରୁଛନ୍ତି । ନିଜର ଏକଦା ଅନୁଗତ ଥିବା ପାଣିଗ୍ରାହୀ ଓ ପାଠକଙ୍କ ଦୁର୍ନୀତିର ଫର୍ଦ୍ଦାଫାସ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣର କରିବାରେ ଏତେ ଟିକେ ବି ଅବହେଳା କରି ନାହାନ୍ତି । ଏବେ ଖୋଲାଖୋଲି କେନ୍ଦ୍ର ବିରୁଦ୍ଧରେ ଯେଉଁଭଳି ବିକ୍ଷୋଦ୍‌ଗାର କଲେ ଓ ଦଳୀୟ ସଂଗଠନରେ କ୍ୟାଡର ପାର୍ଟି ଭଳି ଯୁବକର୍ମକର୍ତ୍ତାଙ୍କୁ ରୀତିମତ୍ ଟ୍ୟୁସନ କରିବା ଦେଖିଲେ ମନେହୁଏ ନବୀନ୍ ଏବେ ଫୁଲ୍ ଆକ୍ସନ ମୁଡ୍‌ରେ । ପରୀ ହତ୍ୟାକାଣ୍ଡ ମାମଲା ନେଇ ଯେତେ ହୋହାଲ୍ଲା ଚାଲିଲେ ବି ମୁଖ୍ୟ ବିରୋଧୀଦଳ ନେତାମାନେ ଆଶ୍ଚର୍ଯ୍ୟ ଜନକ ଭାବରେ ନିରବତା ଅବଲମ୍ବନ ତଥା ମାପଚୁପ୍ ମନ୍ତବ୍ୟ ଦେଖିଲେ ନବୀନଙ୍କ ରାଜନୈତିକ କୌଶଳ ଠିକ୍ ବାରି ହୋଇଯାଉଛି ।

## ॥ ପୁଣି କରୋନା ଲେଉଟିଲା ॥

ଏକ ଐତିହାସିକ ଘଟଣାବଳୀକୁ ନେଇ ଓଡ଼ିଶାରେ ଏକ ବହୁ ପ୍ରଚାରିତ ଢଗ "ନଈରେ ବାଳିଆ ଚହଟିଲା କଜଳ ସିନ୍ଦୂର ନାଇଥାଲୋ, ପୁଣି ଚାଖିଆ ଲେଉଟିଲା ।" ଏବେ ରାଜଧାନୀଆଙ୍କ ମୁହଁରେ ସେଇ ଢଗଟି ଶୁଣାଯାଉଛି । ରାଜଧାନୀରେ ବ୍ରିଟେନ୍ ଫେରନ୍ତାଙ୍କ ଆବିର୍ଭାବ ରାଜଧାନୀବାସୀଙ୍କର ମୁହଁରୁ ହସ ଲିଭେଇ ଦେଲାପରି ଲାଗୁଛି । ବଡ଼ଦିନ ପାଳନର ସବୁ ଉତ୍ସାହ ଯେମିତି ଫିକା ପଡ଼ି ଯାଇଛି । ବିଦେଶ ମାଟିରେ କରୋନା ପରିବର୍ତ୍ତିତ ଅବତାର ନେଇ ରାଜଧାନୀକୁ ଲେଉଟି ଆସିବନି ତ ! ବି.ଏମ୍.ସି. କର୍ତ୍ତୃପକ୍ଷ ଟିକେ ଉଶ୍ୱାସରେ ନିଶ୍ୱାସ ମାରିବା ସମୟରେ ଏମିତି ଏକ ସଂବାଦ ପୁଣି ଚଳଚଞ୍ଚଳ କରିଦେଇଛି । ଦେଖାଯାଉ ଆଗକୁ କ'ଣ ଘଟୁଛି !!

# ବିତର୍କ : ବନ୍ଦ ନା ମିଶ୍ରଣ

**ପ୍ରଦୀପ୍ତ ଆଚାର୍ଯ୍ୟ**



ବିଧାନ ସଭାରେ ବିଦ୍ୟାଳୟ ବନ୍ଦ ନିଷ୍ପତି ବିରୁଦ୍ଧରେ ପ୍ରବଳ ତୁମ୍ବି ତୋଫାନ । ପ୍ରଥମ କଥା ଏ ସରକାରୀ ବିଦ୍ୟାଳୟ ଗୁଡିକ ଖୋଲିଲେ କିଏ ? ଯଦି ଖୋଲା ଯାଇଥିଲା, କେଉଁ ଉଦ୍ଦେଶ୍ୟରେ ଏବଂ କେଉଁ ଆଧାରରେ ଖୋଲା ଯାଇଥିଲା ? ଏବେ କଣ ଅସୁବିଧା ହେବାରୁ ତାହା ପୁଣି ବନ୍ଦ କରାଯିବାର ନିଷ୍ପତି ନିଆଯାଉଛି । ଯେଉଁ ବିଦ୍ୟାଳୟ ଗୁଡିକ ବନ୍ଦ ହେଉଛି ,ସେ ପିଲା ପଢିବେ କୋଉଠି ? ଏହାଦ୍ୱାରା ଅନେକ ପିଲା ଡ୍ରପଆଉଟ୍ ହେବାର ସମ୍ଭାବନା ନାହିଁକି ? ବିଦ୍ୟାଳୟର ଭୌତିକ କାର୍ଯ୍ୟ ନିମନ୍ତେ ଯେଉଁ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିଲା, ସେ ବିଲ୍ଡିଙ୍ଗ ଗୁଡିକର ଭବିଷ୍ୟତ କଣ ? ଯେଉଁ ଅପରିପକ୍ୱ ନିଷ୍ପତି ଫଳରେ ଏତେଗୁଡିଏ ଅର୍ଥ ବରବାଦ୍ ହୋଇଗଲା, ସେଥିପାଇଁ ଦାୟୀ କିଏ ? ଏଗୁଡିକ ହେଉଛି ବିରୋଧୀ ଦଳର ପ୍ରଶ୍ନବାଣ । ସରକାର କହୁଛନ୍ତି ବିରୋଧୀ ମାନଙ୍କର କାର୍ଯ୍ୟ ବିରୋଧ କରିବା, ତାହା ଭଲ କାର୍ଯ୍ୟ ହେଉ ବା ଖରାପ କାର୍ଯ୍ୟ ହେଉ । ବିଦ୍ୟାଳୟ ବନ୍ଦ କରିବାର ନିଷ୍ପତି ଆଦୌ ନିଆଯାଇ ନାହିଁ, ତାହା ଅନ୍ୟ ବିଦ୍ୟାଳୟ ସାଙ୍ଗରେ ମିଶ୍ରଣ ହେବ । ଏଥିପୂର୍ବରୁ ମଧ୍ୟ ୨୦ ଜଣରୁ କମ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟର ମିଶ୍ରଣ କାର୍ଯ୍ୟ ହୋଇଯାଇଛି । କୌଣସି ଛାତ୍ରଛାତ୍ରୀ ଡ୍ରପଆଉଟ୍ ହୋଇନାହାନ୍ତି କିମ୍ବା କୌଣସି ଶିକ୍ଷକ ଚାକିରୀ ହରାଇନାହାନ୍ତି । ଶିକ୍ଷାଦାନର ମାନ ବୃଦ୍ଧି ନିମନ୍ତେ ଏ ପଦକ୍ଷେପ ନିଆଯାଉଛି । କମ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କୁ, ଯେଉଁ ବିଦ୍ୟାଳୟରେ ଅଧିକ ଛାତ୍ରଛାତ୍ରୀ ଅଛନ୍ତି ଏବଂ ଆବଶ୍ୟକୀୟ ଶିକ୍ଷକ ନାହାନ୍ତି, ସେଠାରେ ନିଯୁକ୍ତି ଦିଆଯିବ । ଶିକ୍ଷା ଅଧିକାର ନିୟମାନୁଯାୟୀ, ଛୋଟ ଛୋଟ ବିଦ୍ୟାଳୟର ଭିତିଭୂମି, ଯଥା ଖେଳପଡିଆ, ପାଠାଗାର, ଶୌଚାଳୟ, ବିଜ୍ଞାନୋପକରଣ, ବିଦ୍ୟୁତସଂଯୋଗ ଇତ୍ୟାଦି କରାଯାଇପାରୁନାହିଁ । ବିରୋଧୀ ମାନେ ଉପରଠାଉରିଆ ଭାବରେ ଯେଉଁ ଚଉଦ ହଜାର ବିଦ୍ୟାଳୟ କଥା କହୁଛନ୍ତି, ତାହା ସଠିକ ତଥ୍ୟ ନୁହେଁ, ସମଗ୍ର ଓଡିଶାରେ ୭୭୭୨ ବିଦ୍ୟାଳୟର ମିଶ୍ରଣ ହେବ । ସର୍ବନିମ୍ନ ଦୂରତ୍ୱରେ ଥିବା ବିଦ୍ୟାଳୟ ସାଙ୍ଗରେ ଏଗୁଡିକ ମିଶ୍ରଣ ହେବ । ମାର୍ଚ୍ଚ ମାସରେ ରାଜ୍ୟ ସରକାର କମ୍ ଉପସ୍ଥାନ ଥିବା ୧୧,୫୧୭ ଟି ବିଦ୍ୟାଳୟକୁ ମିଶ୍ରଣ ତାଲିକାଭୁକ୍ତ କରିଥିଲେ, ଯେଉଁଥିରେ ୨୦ ଜଣରୁ କମ ପିଲା ଥିବା ୬୩୫୦, ଓ ୪୦ଜଣରୁ କମ ପିଲା ଥିବା ୫୧୬୭ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ଅନ୍ତର୍ଭୂକ୍ତ ଥିଲା । ସାଧାରଣ ଲୋକ ଏବଂ ଶିକ୍ଷାବିତ୍ ମାନଙ୍କର ଏ ବାବଦରେ ମିଶ୍ର ପ୍ରତିକ୍ରିୟା ପରିଲକ୍ଷିତ ହେଉଅଛି । ଯେଉଁ ସାହି ବା ପଡାର ବିଦ୍ୟାଳୟ ବନ୍ଦ ହେବାକୁ ଯାଉଛି, ସେଠିକାର ଲୋକେ ଏହାକୁ ତୀବ୍ର ବିରୋଧ କରୁଛନ୍ତି । ତାଙ୍କ ପିଲାମାନେ ଘରୁ ବାହାରି ଓଲିତଳେ ଥିବା ସ୍କୁଲରେ ପାଠ ପଢୁଥିଲେ, ଏବେ ଟିକିଏ ଦୂରକୁ ଯିବାକୁ ପଡିବ । ବାସ୍ତବ କ୍ଷେତ୍ରରେ, ଓଲିତଳେ ଥିବା ସ୍କୁଲକୁ ପିଲା ନଯିବା ଏବଂ ସେମାନଙ୍କ ଅଭିଭାବକ ଏବାବଦରେ ସଂପୂର୍ଣ୍ଣ ଉଦାସୀନ ରହିବାର ନଜିର ମଧ୍ୟ ଭରପୁର ଅଛି । ପିଲାଙ୍କୁ ବିଦ୍ୟାଳୟକୁ ଆକର୍ଷିତ କରିବା ପାଇଁ ପ୍ରଦାନ କରାଯାଉଥିବା, ଅଣ୍ଡା, ପୋଷାକ, ପୁସ୍ତକ, ସାଇକେଲ, ବିଭିନ୍ନ ପ୍ରକାର ବୃତିକୁ ସେମାନେ ନେବାରେ ଅବହେଳା କରନ୍ତି ନାହିଁ କିନ୍ତୁ ଉପସ୍ଥାନ ଖାତାରେ ସେମାନେ ଉପସ୍ଥିତ ବୋଲି ଦର୍ଶାଯାଉଥିଲେ ମଧ୍ୟ, ବ୍ୟକ୍ତିଗତ ଭାବରେ ସେମାନେ ବିଦ୍ୟାଳୟକୁ ଆସନ୍ତି ନାହିଁ । ଶିକ୍ଷାବିତ୍ ମାନଙ୍କ ମତରେ ଯେତେ ଶୀଘ୍ର ଏ ରୁଗ୍‌ଣ ବିଦ୍ୟାଳୟ ଗୁଡିକ ବନ୍ଦ କରିଦିଆଯିବ ସେତେ ମଙ୍ଗଳ । ପାହାଡ ଜଙ୍ଗଲ ତଥା ଗମନାଗମନ ସୁବିଧା ନଥିବା ଅଂଚଳ କଥା ଅଲଗା କିନ୍ତୁ ଉପକୂଳ ଅଂଚଳରେ ଯେଉଁ ଆଧାରରେ ବିଦ୍ୟାଳୟ ଖୋଲା ଯିବା କଥା, ଯଥା ଏକ କିଲୋମିଟର ଦୂରତା, ପ୍ରାକୃତିକ ପ୍ରତିବନ୍ଧକ ଇତ୍ୟାଦିକୁ ସଂପୂର୍ଣ ଅଣଦେଖା କରି, ମିଥ୍ୟା ତଥ୍ୟ ଆଧାରରେ ପ୍ରତ୍ୟେକ ଗଳି କନ୍ଦିରେ, ସାହି ଲୋକ ମାନଙ୍କ ସନ୍ତୁଷ୍ଟି ଉଦ୍ଦେଶ୍ୟରେ ଏଗୁଡିକ ଖୋଲା ଯାଇଛି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




# ॥ ବୟ୍‌କଟ୍ ॥



ଗୋରଧନ୍ ଭାରତୀ
(ଜନ୍ମ-୧୯୨୯)

ଦେଶ ବିଭାଜନ ବେଳେ ଭାଗ ହେଲା ପଞ୍ଜାବ ଓ ବଙ୍ଗ ପ୍ରାନ୍ତ । ତେଣୁ ସେଠି ହିଂସାର ପରିମାଣ ଅଧିକ । ଭାଗ ହୋଇନି ସିନ୍ଧ, ସମୁଦାୟ ଚାଲି ଯାଇଛି ପାକିସ୍ଥାନକୁ । ସେଠି ହିଂସାର ପରିମାଣ ଅପେକ୍ଷାକୃତ କମ । ସିନ୍ଧି ଲୋକେ ମୁଖ୍ୟତଃ ବ୍ୟବସାୟୀ । ଲାଭ କ୍ଷତିର ହିସାବ ତାଙ୍କୁ ବେଶ୍ ମାଲୁମ । ତେଣୁ ପରିସ୍ଥିତିର ଗମ୍ଭୀରତା ବୁଝି ବହୁଲୋକ ହିଂସା ପୂର୍ବରୁ ମୂଳ ଭାରତ ଭୂଖଣ୍ଡକୁ ଚାଲି ଆସନ୍ତି । ଆଉ ଅବଶିଷ୍ଟ ଆସନ୍ତି ୧୯୪୮ ଜାନୁଆରୀ ମାସରେ । ସେତେବେଳେ ସେମାନେ କିଛି ଭୋଗିଛନ୍ତି ହିଂସା । କେମିତି ଥିଲା ସେ ସମୟ ତା ବିଷୟରେ ସମ୍ୟକ ଧାରଣା ପାଇବା ପ୍ରଖ୍ୟାତ ସିନ୍ଧି କବି ତଥା ନାଟ୍ୟକାର 'ଗୋରଧନ୍ ଭାରତୀ'ଙ୍କ ଗଳ୍ପ 'ବୟ୍‌କଟ୍' ରୁ ।

ସିନ୍ଧ ପ୍ରାନ୍ତର ଛୋଟ ଗାଁଟିଏ 'ଅରଜୀ' । ହେଲେ ଦେଶ ବିଭାଜନ ଯୋଗୁଁ ହିନ୍ଦୁ ମାନେ ସେଠାରୁ ଚାଲିଯିବାରୁ ଗାଁଟି ଆହୁରି ଛୋଟ ଲାଗୁଥାଏ । ପ୍ରାୟ କୋଡ଼ିଏ ଘର ହିନ୍ଦୁ ତଥାପି ରହିଥାନ୍ତି ଗାଁରେ । ସେମାନଙ୍କ କବ୍‌ଜାରେ ଥାଏ ସେଇ ଅଞ୍ଚଳର ବ୍ୟବସାୟ । ତେଣୁ ସେମାନେ ସେଇ ଜାଗା ଛାଡ଼ି କୁଆଡ଼େ ଯିବାକୁ ଚାହୁଁ ନଥାନ୍ତି । ଗାଁର ପୂର୍ବ ଦିଗକୁ କୋଲି ବସ୍ତି । ସ୍ଥାନୀୟ ଭାଷାରେ କୋଲି ଅର୍ଥ ତନ୍ତୀ, ବୁଣାକାର । ସେଠି ଜମାନ୍‌ର ଘର । ଦିନେ ଲୁଗା ବୁଣିବାରେ ବ୍ୟସ୍ତ ଥିବାବେଳେ ୱାଧେରୋ (ଗାଁ ମୁଖିଆ) ଗୁଲ ମୁହମ୍ମଦଙ୍କ ଚାକର ଖମିସୋ ଆସେ ତା ଘରକୁ । ସାଇଁଜୀ ତାଙ୍କ ଓଟକ୍ (ଘର ସମ୍ମୁଖରେ ଥିବା ଉଚ୍ଚ ପିଣ୍ଡା)ରେ ସନ୍ଧ୍ୟାବେଳେ ତାକୁ ହାଜିର ହେବାକୁ ଆଦେଶ ଦେଇଥିବା କଥା ଖମିସୋ ପାଖରୁ ଶୁଣି ହାଲୁକ ଶୁଖିଯାଏ ବିଚରାର । ତା'ଠି ଏମିତି କୋଉ କାମ ପଡ଼ିଲା ଯେ ? କାହିଁ କୋଉଠି କିଛି ଭୁଲ କରିଥିବାର ତ ତା'ର ଖିଆଲ ପଡୁନି । ନିର୍ଦ୍ଧାରିତ ସମୟରେ ପେଡ଼ି ସାଇତା ସଲୱାର ଓ କୁର୍ତ୍ତା ପିନ୍ଧି ଜମାନ ଡରି ଡରି ଯାଇ ପହଞ୍ଚେ ୱାଧେରୋଙ୍କ ଘର ସାମ୍ନାରେ । ତଳେ ଚାରିଜଣ ବାତରା ଟୋକା ବସିଥାନ୍ତି ଚକା ପକାଇ । ଆଉ ଓଟକ୍ ଉପରେ ଗୋଟେ ଦଉଡ଼ିଆ ଖଟରେ ବସିଥାନ୍ତି ମିଆଁ ଅବ୍‌ଦୁଲତକ୍ ସାଲାର । ପିନ୍ଧିଥାନ୍ତି ସେରୱାନୀ, ଚୁଡ଼ିଦାର ଓ ଜିନ୍ନା ଟୋପି । ଆଉ ଗୋଟେ ଖଟରେ ୱାଧେରୋ ସାହେବ । ସାଲାରଙ୍କୁ ଜମାନ୍ ପୂର୍ବରୁ ଜାଣିଛି । ସିଏ ନେସ୍‌ନାଲ ମୁସଲିମ୍ ଗାର୍ଡ଼ ପାଇଁ କର୍ମୀ ଯୋଗାଡ଼ କରୁଥିଲେ ମେଟ୍ରିକ୍ ପରୀକ୍ଷାରେ ଚାରିଥର ଫେଲ ହେବାପରେ । କିଛିଦିନ ପାଇଁ ଜମାନ୍ ବି ସେଇ ଦଳରେ କାମ କରୁଥିଲା । ସେମାନେ ଗାଁ ଗାଁ ବୁଲି ବଡ଼ପାଟିରେ ମୁସଲିମ୍ ଲିଗ୍‌ର ସ୍ଲୋଗାନ ସବୁ କହି ଶୋଭାଯାତ୍ରାରେ ଯାଉଥିଲେ । ସରଳ ବିଶ୍ୱାସୀ ମୁସଲମାନଙ୍କୁ ମତାଉଥିଲେ ସେଠିକାର କାଫେର୍ ବଣିଆଙ୍କ ବିରୁଦ୍ଧରେ । ଏସବୁ ବଦଳରେ ସେତେବେଳେ ତାକୁ ମିଳୁଥିଲା ଦୈନିକ ଚାରିଅଣା ପଇସା ।

ଜମାନ୍ ସେଲ୍ୟୁଟ ମାରି କାଠ ଗଣ୍ଡିଟେ ଭଳି ସଳଖି ଠିଆହୁଏ । ୱାଧେରୋ ତାକୁ ସ୍ୱାଗତ କରିବାକୁ ଯାଇ କହନ୍ତି, "ଆ ଜମାନ୍ ମିଆଁ, ବସ୍ ।" ତାଙ୍କ କହିବାର ଭଙ୍ଗୀ ଯୋଗୁଁ ଟିକିଏ ହାଲୁକା ଅନୁଭବ କରେ ସିଏ । ପାଦରୁ ଯୋତା କାଢ଼ି ଅନ୍ୟମାନଙ୍କ ପାଖରେ ଯାଇ ତଳେ ବସିପଡ଼େ । ସାଲାର ସାହେବ ତାକୁ କହନ୍ତି, "ମିଆଁ ଜମାନ୍, ତୁ ଜାଣିଛୁ ନା, ଖୁବ୍ ଶୀଘ୍ର ପାକିସ୍ଥାନରେ ମୁସଲମାନ ଶାସନ ଆରମ୍ଭ ହେବାକୁ ଯାଉଛି । ଇସଲାମକୁ ପୃଥିବୀର କୋଣ ଅନୁକୋଣରେ ପ୍ରସାରିତ କରିବାର ଲକ୍ଷ୍ୟ ଆମର । ଆମ ଦେଶ ଏଇ ମହତ୍ କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ହେଲେ ଏଇ କାଫେର୍ ବଣିଆମାନେ ଏଠାରେ ଥିବା ପର୍ଯ୍ୟନ୍ତ ସେସବୁ ସମ୍ଭବ ନୁହେଁ । ତାଙ୍କୁ ଏଠାରୁ ଯେମିତି ହେଲେ ଘଉଡ଼ାଇବା ଆବଶ୍ୟକ । ସେଥିପାଇଁ ଖଣ୍ଡାର ସାହାଯ୍ୟ ନେବା କଥା । ହେଲେ ୱାଧେରୋ ସାହେବ ପରା ହିଂସା ବିରୁଦ୍ଧରେ ।" ଜମାନ୍ ସବୁ ଶୁଣି ସମ୍ମତିରେ ମୁଣ୍ଡ ଟୁଙ୍ଗାରି କହେ, "ସତକଥା ହଜୁର । କିନ୍ତୁ ବିଚରା ବଣିଆଁମାନେ ଆମର କି କ୍ଷତି କରିଛନ୍ତି ଯେ ?" ସାଲାର ଖଟ ଉପରେ ସଳଖି ବସୁ ବସୁ କହନ୍ତି, "ଆରେ ... ତୁ କ୍ଷତି କଥା କହୁଛୁ ? ଢ଼େର କ୍ଷତି ସେମାନ କରିଛନ୍ତି ଏଇ ଅଞ୍ଚଳର । ଶହ ଶହ ବର୍ଷ ଧରି ଜୋକ ଭଳି ଆମ ରକ୍ତକୁ ଶୋଷିଚାଲିଛନ୍ତି ପରା ରେ । ତୁ କ'ଣ ସେସବୁ ଜାଣିନୁ ?" ଜମାନ୍ ତାଙ୍କ କଥାରେ ସହମତ ହୁଏ । ସାଲାର କହି ଚାଲନ୍ତି, "ଦେଖ୍, ପ୍ରାୟ କୋଡ଼ିଏ ଘର ବଣିଆଁ ଏବେ ବି ଏଇ ଗାଁରେ ରହୁଛନ୍ତି । ସେମାନେ ଅଛନ୍ତି କେବଳ ତାଙ୍କ ବ୍ୟବସାୟ ପାଇଁ । ଆମେ ତାଙ୍କ ସେଇ ବ୍ୟବସାୟକୁ ହିଁ ବନ୍ଦ କରିବାର ବ୍ୟବସ୍ଥା କରିବା । ଏଥର ସେମାନଙ୍କ ପଳାୟନ ଛଡ଼ା ଗତ୍ୟନ୍ତର ନାହିଁ । ଏହା କିଛି ସେମିତି ଅସମ୍ଭବ କାର୍ଯ୍ୟ ନୁହେଁ । ଆମେ ତାଙ୍କୁ ବୟ୍‌କଟ୍ କରିବା । ବୁଝି ପାରୁଛୁ ତ ? ବୟ୍‌କଟ୍ ମାନେ ବହିଷ୍କାର । ତାଙ୍କ ପାଖରୁ କିଛି ଜିନିଷପତ୍ର ନକିଣିଲେ ସେମାନେ ତାଙ୍କ ବେପାର ବୁଡ଼ିବା ଭୟରେ ଛାଟିପିଟି ହୋଇ ଅନ୍ୟତ୍ର ପଳେଇବେ ।" ସେଠି ଉପସ୍ଥିତ ସମସ୍ତେ ସମ୍ମତିରେ ମୁଣ୍ଡ ହଲାନ୍ତି । "ଜମାନ୍, ତୋ ଠାରୁ ଏଇ କାର୍ଯ୍ୟର ଅନୁକୂଳ ହେଉ । ତୁ ଗୁଡ଼ିଆ କାମ ଜାଣୁ ବୋଲି ମୁଁ ଶୁଣିଛି, ତାହା କ'ଣ ସତ ? କୋଉ କୋଉ ମିଠା ବନେଇ ପାରିବୁ କହତ ?" ଜମାନ ଏସବୁ ଶୁଣି ଦଣ୍ଡେ ଅଟକି ମୁଣ୍ଡର ପଗଡ଼ିକୁ ସଜାଡ଼ି କହେ, ସେ ହାଲୁଆ ଓ ମେସୁକୁ ଛାଡ଼ି ଆଉ ସବୁ ପ୍ରକାର ମିଷ୍ଟାନ୍ନ ବନେଇ ପାରିବ । ପକୁଡ଼ି, ପକୱାନ, ଜିଲାବି, ରାବିଡ଼ି ଇତ୍ୟାଦି ସବୁ । ସାଲାର ସାହେବ ଖୁସି ହୋଇ ତାକୁ ଗୋଟିଏ ଗୁଡ଼ିଆ ଦୋକାନ ଖୋଲିବା ପାଇଁ ଆଦେଶ ଦିଅନ୍ତି । ସେଠି ଉପସ୍ଥିତ ସେଇ ଚାରିଜଣ ବାତରା ଟୋକା ହେବେ ତାର ସହଯୋଗୀ । ତାଙ୍କ ଆଦେଶ ଯେମିତି ଆସନ୍ତା କାଲିଠାରୁ କାର୍ଯ୍ୟକାରୀ ହେବ । ନହେଲେ ସିଏ କ'ଣ କରିପାରନ୍ତି ତାହା ଜମାନ୍‌କୁ ଭଲ ଭାବରେ ଜଣା ।

ପରଦିନ ଅପରାହ୍ନ ବେଳକୁ ପାଞ୍ଚଜଣ ସାଥୀ ଦୟାଲ ଗୁଡ଼ିଆର ଦୋକାନ ପାଖରେ ଏକାଠି ହୁଅନ୍ତି । ଦୟାଲ କିଛିଦିନ ପୂର୍ବରୁ ତା' ପରିବାର ସହ ହାଇଦ୍ରାବାଦ ଚାଲିଯାଇଥିବାରୁ ତା ଦୋକାନ ଖାଲି ପଡ଼ିଥାଏ । ମେହେରାମ୍ କହେ ଗାଁରେ ଦୁଇଘର ହିନ୍ଦୁ ଗୁଡ଼ିଆ ଏବେ ବି ଥିବାରୁ ତାଙ୍କ ସହ ସେମାନେ ଟକ୍କର ଦେବା କେବେ ବି ସମ୍ଭବ ନୁହେଁ । ତେଣୁ ପ୍ରଥମେ କେତେଦିନ କେବଳ ପକୁଡ଼ି ଛଣାଯାଉ । ତା ପ୍ରସ୍ତାବରେ ସମସ୍ତେ ରାଜି ହୁଅନ୍ତି । ସାଥୀ ଚାରିଜଣ ଟଙ୍କାଟିଏ ଲେଖା ଜମାନ୍ ହାତରେ ଧରେଇ ଗାୟବ ହୋଇଯାଆନ୍ତି । ଜମାନ୍ ସେଇ ପାଞ୍ଚଟଙ୍କାରେ ବେସନ, ତେଲ, ମସଲା ଇତ୍ୟାଦି କିଣି ପକୁଡ଼ି ଛାଣି ଗ୍ରାହକଙ୍କ ଅପେକ୍ଷାରେ ବସିରହେ । କିଛି ତ ଗ୍ରାହକ ଜୁଟିବେ ନିଶ୍ଚିତ । ଦଳେ ଦେଖଣାହାରି ଆସି ତା' ଦୋକାନ ସାମ୍ନାରେ ଭିଡ଼ ଜମାନ୍ତି । ସେମାନେ କ'ଣ ଦେଖିବାକୁ ଆସିଛନ୍ତି ବୋଲି ଜମାନ୍ ପଚାରେ । ଏଠି ତ କୌଣସି ଖେଳ ଚାଲିନି ଯେ ସେମାନେ ଭିଡ଼ ଜମାଉଛନ୍ତି । ଯାହାର କିଣିବା ଦରକାର ସେମାନେ ରହନ୍ତୁ ଓ ବାକିମାନେ ଚାଲିଯାଆନ୍ତୁ । ବରିୟାଲ ଖାନ୍ ହସି ହସି କହେ, "ମିଆଁ, ତୁ ପାଗଳ ହେଲୁ କି ? ଏଇ ବେପାର ଫେପାର ଆମ ମୁସଲମାନଙ୍କ ଦେଇ ହୁଏନା ବୋଲି କ'ଣ ଜାଣିନୁ ? ନିଜକୁ ବୋକା ବନେଇବା ବନ୍ଦ କର ।" ଆଉ କେହି ଭିଡ଼ ଭିତରୁ ପଚାରେ, "ତୋ ଚଉଦ ପୁରୁଷରେ କିଏ ଦୋକାନ କରିଥିଲା ନା ? କେମିତି ନିଜ କୌଳିକ ବୃତ୍ତି ଛାଡ଼ି ଏଇ ଅସନା କାମ କରିବାକୁ ଆଗେଇ ଆସିଲୁ ?" ତୃତୀୟ ଜଣକ କହୁଥାଏ, ତନ୍ତୀ ଜାତିଟା ମୋଟା ବୁଦ୍ଧିଆ ବୋଲି । ଶଳା କିଛି ଭଲ ମନ୍ଦ ବୁଝନ୍ତିନି । ଯିଏ ଯାହା କହିଦେଲେ ତା' ଅନୁସାରେ ନାଚନ୍ତି । ସମସ୍ତେ ହସିଉଠନ୍ତି । ଜମାନ୍ ସ୍ତବ୍ଧ ହୋଇ ଠିଆ ହୋଇଥାଏ । ତା ତୁଣ୍ଡରୁ କିଛି ବାହାରିବା ପୂର୍ବରୁ ଚତୁର୍ଥ ଜଣକ ଉଚ୍ଚ ସ୍ୱରରେ କହେ, "ଆସ ବେ, ଏଇ ତନ୍ତୀ ଛୁଆକୁ ଏଠୁ ଉଠାଇ ଫିଙ୍ଗିଦେବା ବାହରକୁ । ଇଏ ଆମ ବିଶ୍ୱାସ ସମେତ ଆମ ସମସ୍ତଙ୍କୁ ଧ୍ୱଂସ କରିଦେବ ।" ଜମାନ୍ ହାତ ଯୋଡ଼ି ଏହା ୱାଧେରୋ ସାହେବଙ୍କ ସମ୍ମତିରେ ସାଲାର ସାହେବଙ୍କ ଆଦେଶ ବୋଲି କହେ ।

ସାଲାର ସାହେବଙ୍କ ଭାଷଣ, ଇସଲାମ ସଙ୍କଟରେ ଥିବାର ବର୍ଣ୍ଣନା, ୱାଧେରୋଙ୍କ ସମ୍ମତି ତଥା ବଣିଆଁଙ୍କୁ ବୟେକଟ୍ କରିବାର ଯୋଜନା ବିଷୟରେ ଅବଗତ ହେବାପରେ ଲୋକଙ୍କ ବିଚାର ବଦଳେ । କୌଣସି ପରିସ୍ଥିତିରେ ବି କେହି ବଣିଆଁଙ୍କ ପାଖରୁ ଜିନିଷ କିଣିବେ ନାହିଁ ବୋଲି ସ୍ଥିର କରନ୍ତି । ଅଧିକ ମୂଳଧନ ନହେଲେ ବେପାର କରିବା ସମ୍ଭବ ହେବନାହିଁ ବୋଲି ସାଲାର ସାହେବ ଜମାନ୍‌କୁ ବୁଝାନ୍ତି । ଶେଷକୁ ଅସମୟ ଲାଗି ସଞ୍ଚିତ ଷାଠିଏ ଟଙ୍କା ବି ସେଇ ଦୋକାନରେ ଲଗାଇ ଦେବାପାଇଁ ଜମାନ୍ ପ୍ରସ୍ତୁତ ହୋଇଯାଏ । ହଁ ତାକୁ ଗ୍ରାହକଙ୍କୁ ଉଧାର ବି ଦେବାକୁ ପଡ଼ିବ ପରା । ଲୋକେ ବଣିଆଁଙ୍କ ପାଖରୁ ଧାରରେ ଜିନିଷ ଆଣି ପ୍ରତି ପୂର୍ଣ୍ଣିମା ବେଳକୁ ସୁଝିଥାନ୍ତି । ତେଣୁ ଧାର ନଦେଲେ ତା ପାଖକୁ କିଏ କାହିଁକି ଆସିବ ଯେ ? ସାଲାର ସାହେବଙ୍କ କଥା ମାନି ଜମାନ୍ ଉଧାର ଖାତାଟିଏ ବି ରଖିବାକୁ ରାଜି ହୁଏ ସିନା ହେଲେ ଆସ୍ତେ ଆସ୍ତେ ନିଜକୁ ଗୋଟେ ମସ୍ତବଡ଼ ଗର୍ତ୍ତ ଭିତରକୁ ଠେଲି ହୋଇଯାଉଥିବା ଭଳି ଅନୁଭବ କରୁଥାଏ । ଜମାନ୍ ଦୋକାନଟିକୁ ରଙ୍ଗ କରିଦିଏ । ହାଇଦର ସବୁଜ ରଙ୍ଗର କାଗଜରେ ଅର୍ଦ୍ଧଚନ୍ଦ୍ର ଓ ତାରା କାଟି କାନ୍ଥରେ ଲଗାଏ । ଉର୍ଦ୍ଦୁ ଭାଷାରେ କିଛି ସ୍ଲୋଗାନ ଲେଖାଯାଏ ପ୍ରବେଶଦ୍ୱାର ଉପରକୁ । ଖାଦ୍ୟ ଜିନିଷ ସଜାଇ ରଖି ଜମାନ୍ ଡାକଛାଡ଼େ, "ଆସ ଇସ୍‌ଲାମୀ ପକୁଡ଼ି, ଇସ୍‌ଲାମୀ ଜିଲାବି ଖାଇବ ଆସ । ଗରମା ଗରମ୍, ନରମା ନରମ୍, ଆସ ଆସ ଖାଇବ ଆସ ।" ତା' ଡାକଶୁଣି ବହୁଲୋକ ଦୋକାନକୁ ଆସନ୍ତି । ତାକୁ ଲାଗେ ଖୁବ୍ ଅଳ୍ପଦିନ ଭିତରେ ସେ ଧନୀ ହୋଇଯିବ । କିନ୍ତୁ ମାସେ ଭିତରେ ସେ ତା' ଉଧାରି ଖାତା ଧରି ମୁହଁ ଶୁଖେଇ ଯାଇ ୱାଧେରୋ ସାହେବଙ୍କ ଓଟକ୍‌ରେ ପହଞ୍ଚିଯାଏ । ତାକୁ ଦେଖି ୱାଧେରୋ ଆଶ୍ଚର୍ଯ୍ୟ ହୋଇ ସିଏ କୁଆଡ଼େ ଆସିଛି ବୋଲି ପଚାରନ୍ତି ।

ଲୁହ ପୋଛି ଜମାନ୍ କହେ ସେ ବରବାଦ ହୋଇଗଲା ବୋଲି । ୱାଧେରା ସାନ୍ତ୍ୱନା ଦେବା ଭଙ୍ଗୀରେ ତାକୁ ଧୈର୍ଯ୍ୟ ଧରିବାକୁ କହି ତା' ଦୋକାନ ବିଷୟରେ ପଚାରନ୍ତି । ଦୋକାନ ଆଉ ଚାଲିବ କ'ଣ ଆଜ୍ଞା ତିନିଦିନ ହେଲା ବନ୍ଦ ଅଛି । ଲୋକେ ମନଇଚ୍ଛା ଖାଇ ଯିଏ ଯାହା ବାଟରେ ଛୁ । ମାଗିଲା ବେଳକୁ ପଇସାଟିଏ ବି ଦେଉ ନାହାନ୍ତି । ସମସ୍ତଙ୍କର ଖାଲି ଉଧାରି ଦରକାର । ଦେବା ଲୋକର ପୁଣି ସାମର୍ଥ୍ୟ ଥିଲେ ସିନା ? ସେ ବିକଳ ହୋଇ ତା' ଖାତା ବାହାର କରି ୱାଧେରୋ ସାହେବଙ୍କୁ ଦେଖାଏ । କମରୁ, ଖୁଡୁ ଆଉ ପିରୁ ତ ମୁହେଁ ମୁହେଁ ପଇସା ଦେବେନି ବୋଲି ମନା କରି କହିଲେ ଏଇଟା କୁଆଡ଼େ ପାକିସ୍ଥାନ । ଏଠି କେହି କାହାକୁ ପଇସା ଦିଅନ୍ତିନି । ତୁମର ଦରକାର ହେଲେ ସରକାରଙ୍କୁ ଅର୍ଜି ପଠାଅ । ହୁସୈନ୍ ଓ ଗୁଲାମୁ ବି ମନା କରୁଛନ୍ତି । ସେମାନେ ପୂର୍ବେ ହିନ୍ଦୁଙ୍କ ଘରେ କାମକରି ଦୁଇପଇସା ପାଉଥିଲେ । ମାଲିକ ପଳେଇ ଯିବାରୁ ଏବେ ବେରୋଜଗାର । ମୁହମ୍ମଦ ଓ ଅହମଦଙ୍କର ବି ସେଇଭଳି ପରିସ୍ଥିତି । ସେମାନେ ବଣିଆଙ୍କ ଲୁଗା ଗଣ୍ଠିଲି ବୋହୁଥିଲେ । ଏବେ ଆଉ କାହାର ବୋହିବେ ଯେ ପଇସା ପାଇବେ ? "ୟା ଆଲ୍ଲା... ଏଇ ବଣିଆଁଙ୍କ ପାଇଁ ଆମେ ସବୁଦିନ କଷ୍ଟ ପାଇଲୁ !" ୱାଧେରୋ ଦୁଃଖ ପ୍ରକାଶ କରନ୍ତି । ଜମାନ୍ ତା' ବିକଟ ପରିସ୍ଥିତି ବିଷୟରେ ବର୍ଣ୍ଣନା କରି ଚାଲିଥାଏ, "ମୁଁ ଫସିଗଲି ହଜୁର । ମୋ ସାନଝିଅର ଦେହ ଭୀଷଣ ଖରାପ । ତା'ର ଚିକିତ୍ସା ଆବଶ୍ୟକ । ହେଲେ ମୋ ପାଖରେ କାଣି କଉଡ଼ିଟିଏ ବି ନାହିଁ କୋଉ ଡାକ୍ତରକୁ ଯାଇ ଦେଖେଇବା ପାଇଁ । ରଜବ୍ ଧୋବା ପାଖକୁ ନେଇ ଛୁଆଟାକୁ ଫୁଙ୍କେଇବା ପାଇଁ ବି ପାଞ୍ଚଟଙ୍କା ଆବଶ୍ୟକ । ଏଇ ଅସମୟରେ କୋଉଠୁ ପାଇବି ପଇସା ? ବଡ଼ ଆଶାରେ ଆପଣଙ୍କ ପାଖକୁ ଆସିଛି ହଜୁର, ମନା କରିବେନି । ସେମିତି ଆପଣଙ୍କ ନାଁରେ ବି କେତେ ଟଙ୍କା ଅଛି ମୋର ପାଇବାର ।" ଆଖି ମେଟା ମେଟା କରି ୱାଧେରୋ ସାହେବ ଜମାନ୍ ଆଡ଼େ ଚାହିଁ ଆଶ୍ଚର୍ଯ୍ୟ ହୋଇ ପଚାରନ୍ତି, "ମୋ ନାଁରେ ? ମିଆଁ ତୁ ସକାଳୁ ସକାଳୁ ଅଫିମ ଟେଳେ ପକାଇ ଚାଲି ଆସିଛୁ କି ?" ଜମାନ୍ ଛାନିଆଁ ହୋଇ ସବୁ ଠିକ୍ ଠିକ୍ ଲେଖି ରଖିଛି ବୋଲି କହି ପୃଷ୍ଠା ଲେଉଟାଏ । ଅଗଷ୍ଟ ୧୦ ତାରିଖରେ ପାଞ୍ଚ ଟଙ୍କାର ମିଠାଇ, କରାଚୀରୁ ଗାଁ ପରିଦର୍ଶନରେ ଆସିଥିବା ଅଫିସରଙ୍କ ପାଇଁ ମଗାଇ ଥିଲେ । ୱାଧେରୋ ଆଶ୍ଚର୍ଯ୍ୟ ହୋଇ କହନ୍ତି, "ଆରେ ୱା, ତୁଟା ବିଚିତ୍ର ଜୀବଟିଏ । ସେମାନେ ମନ୍ତ୍ରୀଙ୍କ ଖାସ୍ ଲୋକ, ତୋତେ କ'ଣ ଲୁଟିନେବେ ? ଆଉ କିଛିଦିନ ସବୁର କର, ତାଙ୍କଠୁଁ ଦୁଇଗୁଣା ପଇସା ପାଇବୁ ।" ଜମାନ୍ କିନ୍ତୁ ଭଲଭାବରେ ଜାଣିଥାଏ ଯେ ତା' ଭାଗରେ ଅଧୁଲିଏ ବି ପଡ଼ିବନି । ୱାଧେରୋଙ୍କ ଚତୁର ପଣିଆ ଯୋଗୁଁ ବିରକ୍ତ ହୋଇ ସେ ପୁଣି ଖାତା ଦେଖି କହେ, "ଆଉ ସରକାର, ଅଗଷ୍ଟ ୧୫ ତାରିଖରେ ଆପଣ ଯୋଉଁ ୨୫ ଟଙ୍କାର ମିଠା ମଗାଇଥିଲେ ?" - ଅଗଷ୍ଟ ୧୫ ଦିନ ... କାହିଁ ମୋର ତ ଖିଆଲ ଆସୁନି ! ୱାଧେରୋ ସିଧା ସଳଖ ମନା କରିବା ଦେଖି ଜମାନ ମନେ ପକାଇଦିଏ ତାହା ଉତ୍ସବ ସମୟରେ ଗାଁ ଲୋକଙ୍କୁ ବାଣ୍ଟିବା ଉଦ୍ଦେଶ୍ୟରେ ମଗା ହୋଇଥିଲା ବୋଲି । ୱାଧେରୋ ହସି ହସି କହନ୍ତି, "ଆରେ ସେଇଟା ମୋ ଖାଇବା ପାଇଁ ନଥିଲା । ପାକିସ୍ଥାନ ଗଢ଼ା ହେବାର ଉତ୍ସବ ପରା । ସେଠି ମିଷ୍ଟାନ୍ନ ବଣ୍ଟନ କ'ଣ ତୋର ଧାର୍ମିକ କର୍ତ୍ତବ୍ୟ ନୁହେଁ ? ପାକିସ୍ଥାନ ଗଠନରେ ଆମେ ସମସ୍ତେ ଲାଭବାନ ପରା ।" ଏତିକିରେ ଜମାନର ରକ୍ତ ଫୁଟିବାକୁ ଲାଗେ । ସେ ଚିତ୍କାର କରେ, "ଆମକୁ କ'ଣ ମିଳିଲା ସେଇ ପାକିସ୍ଥାନରୁ ? ବେପାର ବୁଡ଼ିଲା, ସଞ୍ଚିତ ଅର୍ଥ ଗଲା, ଏବେ ଦାଣ୍ଡର ଭିକାରୀ । ଆମେ ଶୋଭାଯାତ୍ରା ବି କଲୁ, ସ୍ଲୋଗାନ ବି ଦେଲୁ । ଏବେ ଆମେ ହିଁ ମରୁଛୁ । ପାକିସ୍ଥାନ ତିଆରି ହୋଇଛି ତୁମ ଭଳି ବଡ଼ ବଡ଼ ପଗଡ଼ିଧାରୀଙ୍କ ପାଇଁ । ଆମ ମଳିମୁଣ୍ଡିଆଙ୍କ ପାଇଁ ନୁହେଁ । ତୁମେ ବଣିଆଙ୍କୁ ତଡ଼ି ତାଙ୍କ ଜମି ଓ ଘର ମାଡ଼ି ବସିଲ । ଶରଣାର୍ଥୀଙ୍କୁ ଥଇଥାନ କରି ପଇସା ବି ହାତେଇଲ । ତାଙ୍କ ସୁନ୍ଦରୀ ଝିଅ ବୋହୂଙ୍କୁ ...." ୱାଧେରୋ ଚିତ୍କାର କରି କହୁଥାନ୍ତି ମୁହଁ ସମ୍ଭାଳି କଥାବାର୍ତ୍ତା କରିବାକୁ । ପରିସ୍ଥିତି ଅସମ୍ଭାଳ ହେବାରୁ ଦୁଇଜଣ ଭୃତ୍ୟ ତାକୁ ଗଳାଧକ୍କା ଦେଇ ବାହାର କରି ରାସ୍ତାରେ ବିଧା ଗୋଇଠା ମାରି ଲହୁଲୁହାଣ କରିଦିଅନ୍ତି । ମୁଣ୍ଡ ଝାଇଁ ଝାଇଁ କଲାବେଳେ ତାକୁ ଶୁଭୁଥାଏ ୱାଧେରୋଙ୍କ ଚିତ୍କାର, "କୋଲିପୁଅ, ଆଜି ତୋତେ ମୋ ଓଟକ୍‌ରୁ ଧକ୍କା ମାରିଛି । ଆଉ ଗୋଟେ ଶବ୍ଦ ବି ଯଦି ପାଟିରୁ ବାହାର କରୁ ତେବେ ଗାଁରୁ ଗଳାଧକ୍କା ଦେଇ ତଡ଼ିଦେବି । କ'ଣ ଭାବିଛୁ ବେ ନିଜକୁ ?" ଥରିଥରି ଜମାନ୍ ନିଜ ପୋଷାକରୁ ଧୂଳି ଝାଡ଼ି ଠିଆ ହେବାକୁ ଚେଷ୍ଟା କଲାବେଳେ ହୃଦୟଙ୍ଗମ କରୁଥାଏ ବଣିଆଁଙ୍କୁ ବୟ୍‌କଟ୍ କରିବା ପୂର୍ବରୁ ସିଏ ନିଜେ ହିଁ ପ୍ରଥମେ ବୟ୍‌କଟ୍ ହୋଇ ଯାଇଥିବାର । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୭ ଡିସେମ୍ବର, ୨୦୨୦
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ଆଉଜା କବାଟ (୨୧)



# ରାଜାଙ୍କର ଜୟ ହେଉ

**ଡ. ରାଧାରଂଜନ ପଟ୍ଟନାୟକ**

ରାଜ୍ୟରେ ଦେଶଭକ୍ତି ଥିବା ଲୋକମାନଙ୍କର ଏକ ସୂଚୀ ପ୍ରସ୍ତୁତ ହେଉଥିଲା । ରାଜ୍ୟ ତରଫରୁ ଘୋଷଣା କରାଗଲା ରାଷ୍ଟ୍ରସ୍ତୁତିର ଗୀତ ଯିଏ ଯେତେଥର ଗାନ କରିଛି, ସେ ରାଜ୍ୟର ସର୍କାରୀ ଦେଶଭକ୍ତ ପ୍ରକୋଷ୍ଠର ସହକାରୀ ଅଫିସରଙ୍କ କାର୍ଯ୍ୟାଳୟରେ ନିଜ ନିଜର ନାମ ପଞ୍ଜିକରଣ କରାଇ ନେବେ । ଦେଶଭକ୍ତିର ପ୍ରମାଣପତ୍ରରେ ସେମାନଙ୍କର ନାମ ଉଲ୍ଲେଖ କରାଯିବ । ସବୁଠାରୁ ଅଧିକ ଗାଇଥିବା ବ୍ୟକ୍ତିଙ୍କୁ 'ଦେଶଭକ୍ତ ଶିରୋମଣି'ରେ ଅଳଙ୍କରଣ କରାଯିବ । ଏହା ସହ ପ୍ରତ୍ୟେକଙ୍କୁ ସମ୍ମାନିତ କରି ପୁରସ୍କାର ସ୍ୱରୂପ ମୁଦ୍ରା ଏବଂ ଉପାଧି ବି ପ୍ରଦାନ କରାଯିବ । ଏହି ସୂଚୀରେ ନାମ ପଞ୍ଜିକରଣ କରିବା ପାଇଁ ବିଧିବଦ୍ଧ ଯୋଜନା ପ୍ରସ୍ତୁତ ହୋଇ ସାରିଥିଲା । ଅଧିକାରୀ ଏବଂ କର୍ମଚାରୀ କାଗଜ କଲମ ଧରି ବସିଥିଲେ । ସୂଚୀରେ ନାମ ପଞ୍ଜିକରଣ କରାଇବାକୁ ଥିବା ଲୋକଙ୍କ ପାଇଁ ପ୍ରତୀକ୍ଷା ଥିଲା କେବଳ ।

ପ୍ରମୁଖ କର୍ମଚାରୀଜଣକ କହିଲେ - କୌଣସି ପ୍ରଜା କ'ଣ ଆସୁ ନାହାନ୍ତି ?

ସହାୟକ କହିଲେ - ଆସିବେ ପ୍ରଜା । ଦେଶଭକ୍ତିର ମାମଲା ଇଏ । ଲୋକମାନେ ଖାଇ ଦେଇ ଆରାମରେ ଆସିବେ । ଠିକ୍ ଏଇ କଥା ନସରୁଣୁ ଜଣେ ସଜ୍ଜନ କକ୍ଷରେ ପ୍ରବେଶ କରି କହିଲେ - ମୋର ନିଜ ନାମ ସୂଚୀରେ ଲେଖାଇବାର ଅଛି ।

ସହାୟକ ଜଣକ ତୁରନ୍ତ ପ୍ରଶ୍ନ କଲେ - ରାଷ୍ଟ୍ରସ୍ତୁତିର ଗାୟନ କେତେଥର କରିଛନ୍ତି ?

ସଜ୍ଜନ କହିଲେ - ଏକବାର ।

ସହାୟକ - ବିରକ୍ତ ହୋଇ କହିଲେ - "ବାସ୍ ଥରୁଟିଏ !"

ଆଉ ଆସିଗଲେ ନାମ ଦର୍ଜ କରିବା ପାଇଁ, ଚାଲିଯାଅ ଏଠୁ । ଆସିଗଲେ ମହାମାନ୍ୟ ! ଆରେ ହେ ! ଏଇମିତି ଅନେକଗୁଡ଼ିଏ ବିଶେଷଣ ଯୋଡ଼ିଲେ ସହାୟକ ଜଣକ । କିଛି ସମୟ ପରେ ସେ ପୁଣି କହିଲେ ଯେଉଁମାନେ ଥରୁଟିଏ ଗାନ କରିଛନ୍ତି, ସେମାନଙ୍କର ନାମ ଶେଷରେ ରହିବ । ଏତିକି କହି ସାରିବା ପରେ ପରବର୍ତ୍ତୀ ପ୍ରତିଯୋଗୀକୁ ସାମ୍ନାକୁ ଡାକି କହିଲେ - କେତେଥର ଗାନ କରିଛ ?

ବ୍ୟକ୍ତି ଜଣକ କହିଲେ - ବାର ଥର ।

ସହାୟକ କହିଲେ - ବାସ୍, ବାରଥର । ଚବିଶ ଘଣ୍ଟାରେ ୧୨ ଥର । ଦୁଇଘଣ୍ଟାରେ ଏକବାର । ବାକି ସମୟ କ'ଣ କରୁଥିଲ ? ଏଠିତ ଏମିତି ଲୋକ ଅଛନ୍ତି ଯେଉଁମାନେ ପ୍ରତ୍ୟେକ ମିନିଟ୍‌ରେ ଗାନ କରନ୍ତି ।

ବ୍ୟକ୍ତିଜଣକ ଏକ ଆତୁର ଦୃଷ୍ଟିରେ କହିଲେ - ଆଜ୍ଞା ସାର୍ !

ସହାୟକ ଗାଳି ଦେବାକୁ ଲାଗିଲେ । କ'ଣ ସାର୍ ସାର୍ କହୁଛ ? ପ୍ରତ୍ୟେକ ମିନିଟ୍‌ର ଅର୍ଥ ବୁଝିଛ ? ଚବିଶ ଘଣ୍ଟା କେତେ ମିନିଟ୍‌ରେ ହୁଏ ? ଏକ ଘଣ୍ଟା କେତେ ମିନିଟ୍‌ରେ ହୋଇଥାଏ ?

ଆଜ୍ଞା - ଷାଠିଏ ମିନିଟ୍ - ବ୍ୟକ୍ତି ଜଣକ କହିଲେ ।

ତେବେ 'ଚବିଶ ଘଣ୍ଟା କେତେ ମିନିଟ୍‌ରେ' ସହାୟକ ତତ୍କ୍ଷଣାତ୍ ପଚାରିଲେ । ହିସାବ ଆସୁନି ତମକୁ । ଏକ ଦିନରେ ୨୪ ଘଣ୍ଟା, ଠିକ୍ ଅଛି । ଏକ ଘଣ୍ଟାରେ ଷାଠିଏ ମିନିଟ୍, ଠିକ୍ । ତେବେ ଗୁଣିଦିଅ । ଗୁଣନତ ଆସେ ନାହିଁ ? ଆରେ ଷାଠିରେ ଚବିଶ ଗୁଣନ, କେତେ ଆସିବ ଫଳ ? ମାଲୁମ୍ ନାହିଁ ? ପଣକିଆତ ଘୋଷି ନାହିଁ ? କିଛିତ ଶିଖିଥିବ ? ଷାଠିଏରେ ଚବିଶ କେତେ ହେବ, ପ୍ରଥମେ ତାହାକୁ ବାହାରକର । ତେବେ ଜଣାପଡ଼ିବ କେତେ ପରାକ୍ରମୀ ପୁରୁଷ ରାଷ୍ଟ୍ରଗାନ ଗାୟନରେ । ସହାୟକଙ୍କ ଚିଡ଼ିଚିଡ଼ା ଭାବ ଏବଂ ଆବାଜ ଶୁଣି ପ୍ରମୁଖ କର୍ମଚାରୀ ତାଙ୍କୁ କହିଲେ - କଥା କ'ଣ ? ଜଲ୍‌ଦି ଶେଷକର । ଜଣେ ଜଣେ ପ୍ରତିଯୋଗୀ ପାଇଁ ଏତେ ସମୟ ଲାଗିବତ ଦିନସାରା କେତେ ଲୋକଙ୍କର ସୂଚୀ ପ୍ରସ୍ତୁତ କରିପାରିବା ?

ସହାୟକ ଉତ୍ତର ଦେଲେ - ମହାଶୟ, ଏହାକୁ ଗୁଣନ କରିବା ଆସେ ନାହିଁ । ଷାଠିଏରେ ଚବିଶ ଗୁଣନର ଉତ୍ତର ଦେଇପାରୁ ନାହିଁ ।

ପ୍ରମୁଖ କହିଲେ - ଏହାଙ୍କୁ ଗଣିତ ପଢ଼ିବା ପାଇଁ କୁହ ।

ସହାୟକ କହିଲେ - ଯାଅ, ଗୁଣନ, ହରଣ ଶିଖ ଏବଂ ପଣିକିଆ ମୁଖସ୍ଥ କରି ଆସ ।

ଅନ୍ୟ ପ୍ରତିଯୋଗୀଙ୍କୁ ସହାୟକ ଜଣକ ଡାକିଲେ - ପରବର୍ତ୍ତୀ ପ୍ରତିଯୋଗୀ ସାମ୍ନାକୁ ଆସିବାରୁ ସହାୟକ ପ୍ରଶ୍ନକଲେ - କେତେବାର ରାଷ୍ଟ୍ରଗାନର ସ୍ତୁତି ଗାୟନ କରିଛ ? ଛତିଶବାର - ପ୍ରତିଯୋଗୀଙ୍କର ଉତ୍ତର ଥିଲା ।

ସହାୟକ କହିଲେ - (ଆଶ୍ଚର୍ଯ୍ୟରେ) କ'ଣ ହେଲା ? ଛତିଶ ବାର । ମାନେ ୧ ଘଣ୍ଟାରେ ଦେଢ଼ଥର । ତେବେତ ୨୪ ଘଣ୍ଟାରେ ଛତିଶ ହେଲା । ଆରେ ତମେ କ'ଣ ରାଷ୍ଟ୍ରଗୀତକୁ ଭାଗିଁ ଭାଗିଁ ଗାଇଛ ? ଯଦି ପୂରା ଗାଇଥାନ୍ତ, ତେବେ ଚବିଶ ଥର ହୋଇଥା'ନ୍ତା, ନୋହିଲେ ଗୋଟିଏ ଘଣ୍ଟାରେ ଦୁଇଥର ଗାଇଥା'ନ୍ତ । ଅଢ଼ଚାଳିଶ ହୋଇଥାନ୍ତା । ଏ ଛତିଶ ବାର କ'ଣ ? କେଉଁ ଅନୁପାତରେ ଗାଇଲ ? ମୋତେ ବୋକା ବନାଉଛ ? ମଜା ଉଡ଼ଉଛ ? ପୁରସ୍କାର ନେବା ପାଇଁ କିଛିବି କହିଯାଉଛ ? ମାତ୍ର ଆମେ ସବୁ ବୁଝିଛୁ । ଆମକୁ ଠକି ପାରିବ ନାହିଁ କି ଫସେଇ ପାରିବ ନାହିଁ । ଆମେ ରାଜ କର୍ମଚାରୀ । ବୁଝିଲ ?

ଆରେ ହେ, ଚାଲିଆସିଲେ ଛତିଶ ଥର ଗାଇଛି କହିବା ପାଇଁ । ବର୍ତ୍ତମାନ ପୋଲିସ୍‌ରେ ଦେଇଦେବି । ହଟୋ, ଯାଅ । ପରବର୍ତ୍ତୀ ପ୍ରାର୍ଥୀ ଆସ ।

ତତ୍କ୍ଷଣାତ୍ ପଛରେ ଠିଆ ହୋଇଥିବା ପ୍ରାର୍ଥୀଜଣକ ସାମ୍ନାକୁ ଆସିଲେ ।

ସହାୟକ ପୁଣି ସେହି ଚିରାଚରିତ ଢଙ୍ଗରେ ପଚାରିଲେ - କେତେଥର !

ପ୍ରତିଯୋଗୀ ଜଣକ କହିଲେ - ଜାଣେ ନାହିଁ କେତେବାର ।

ଜାଣିନ କେତେବାର ମତଲବ ? କେତେବାର ଗାୟନ କରିଛ ? ଏତକ ବି ମାଲୁମ ନାହିଁ ?

ବ୍ୟକ୍ତି - ଗଣି ପାରେନାହିଁ ସାହେବ ! ଶୁଣିକି ଅନେକ ବାର ଗାଇଛି । ପଢ଼ାଲେଖା ଜାଣି ନାହିଁ ସାହବ । ଶୁଣିକି ଗାଇଚାଲିଛି ଅନବରତ ଦେଶ ଭକ୍ତିର ଗୀତ ଖାସ୍ ଦେଶ ପାଇଁ ଏବଂ ମୋ ଜନ୍ମ ମାଟି ପାଇଁ ।

ସହାୟକ କହିଲେ - ପାଠ ପଢ଼ି ନାହଁ ! ମୂର୍ଖ ! ନିରକ୍ଷର !

ରାଷ୍ଟ୍ରସ୍ତୁତି ନିରକ୍ଷରଙ୍କ ପାଇଁ ନୁହେଁ । ବୁଝିଲ ! ଯାଅ ପ୍ରଥମେ ସାକ୍ଷରତାରେ ଭର୍ତ୍ତି ହୁଅ । ଅକ୍ଷର ଜ୍ଞାନ, ଅଙ୍କ ଜ୍ଞାନ ଏବଂ ଗଣିବା ଶିଖି ପୁଣି ଗାଇବ ଏବଂ ଆସିବ ।

ପୁଣି କିଛି ଏମିତି ହେଲା, ଯିଏବି ଆସିଲେ; ସେ କହିଲେ ପଢ଼ା ଲେଖା ଶିଖି ନାହୁଁ । ମାତ୍ର ଗାୟନ କରିଚି । ଗୀତରେ ଖୁବ୍ ପାରଙ୍ଗମ ।

ସହାୟକ - ଚିନ୍ତିତ ହୋଇ ପଡ଼ିଲେ । ପ୍ରମୁଖ ଜଣଙ୍କୁ କହିଲେ ମହାଶୟ, ରାଜ୍ୟରେ ନିରକ୍ଷରତା ଅଛି । ପଢ଼ାଲେଖା ଲୋକଙ୍କ ସଂଖ୍ୟା ବହୁତ କମ୍ । ମହିଳାତ ଆଦୌ ନାହାନ୍ତି । ନିରକ୍ଷର ଲୋକଙ୍କୁ ତ ପୁରସ୍କାର, ସମ୍ମାନ ଦେଇପାରିବା ନାହିଁ । କ'ଣ କରିବା ?

ପ୍ରମୁଖ ଜଣ କହିଲେ - ଅମକୁ କ'ଣ କରିବାକୁ ପଡ଼ିବ ? ଚାଲ ରାଜାଙ୍କୁ ପଚାରିବା ।

ଦୁଇଜଣ ରାଜାଙ୍କୁ ସାକ୍ଷାତ କରି ଖୁବ୍ ବିଚାର ବିମର୍ଶ କଲେ । ଗୂଢ଼ ଚିନ୍ତନ ବି ଚାଲିଲା । ପ୍ରତି ପକ୍ଷ ଉପରେ ଅତି ଗଭୀରତାର ସହ ଧ୍ୟାନ ଦିଆଗଲା ।

କିଛି ସମୟ ପରେ ରାଜା କହିଲେ - ଏମିତି କର । ଯିଏ ସ୍ୱଚ୍ଛ କପଡ଼ା ପିନ୍ଧିଥିବ । ଯିଏ ଆଶ୍ୱାସନା ଦେଇ ପାରୁଥିବ । ଯିଏ ଖୁବ୍ ସୁନ୍ଦର । ରାଷ୍ଟ୍ରସ୍ତୁତି ଗାୟନ ନଆସୁ ମାତ୍ର ଓଠ ହଲାଇ ପାରୁଥିବ, ସେଇମାନଙ୍କୁ ସମ୍ବର୍ଦ୍ଧିତ କରି ପୁରସ୍କାର ଦେଇଦିଅ । ହଁ, ରାଜ୍ୟର ସଂଖ୍ୟାଧିକ ନିରକ୍ଷରତା ଅଛି । ଏକଥା ଯେମିତି ବାହାରକୁ ନଯାଏ । ବଦନାମ ହେବ । ଗୌର ବର୍ଣ୍ଣ, ସୁନ୍ଦର, ସୁ-ସୌଷ୍ଠବ ପୁରୁଷ କିମ୍ବା ନାରୀଙ୍କୁ, ଯେଉଁମାନେ ଧବଳ ବସ୍ତ୍ର ପରିଧାନ କରି ସ୍ୱଚ୍ଛତା ପ୍ରଦର୍ଶିତ କରୁଅଛନ୍ତି, ସେମାନଙ୍କୁ ସମ୍ମାନିତ କରିଦିଅ । ସମ୍ମାନର ସମ୍ମାନ ହୁଏ ଏବଂ ଏଥିରେ ବି ସନ୍ଦେଶ ଯାଇଥାଏ, ରାଜ୍ୟରେ ଖୁବ୍ ସୁନ୍ଦର ଲୋକ ଅଛନ୍ତି । ଅତଏବ ରାଜ୍ୟ ଖୁବ୍ ସୁନ୍ଦର । ଖୁବ୍ ଅଧ୍ୟୟନ ଶାଳୀ ଜ୍ଞାନୀ ବି ଅଛନ୍ତି । ଠିକ୍ ଏହି ସମୟରେ ରାଜାଙ୍କର ଦେଓ୍ୱାନ ଦୌଡ଼ି ଦୌଡ଼ି ଆସି ରାଜା ସାହେବଙ୍କ କାନ ପାଖରେ କିଛି କହିବାକୁ ଲାଗିଲେ । ରାଜା ସାହେବ ଟିକେ ଚମକି ପଡ଼ିଲେ । ପୁଣି ନିଜକୁ ସମ୍ଭାଳି ନେଇ କହିଲେ - ରାଷ୍ଟ୍ରସ୍ତୁତି ପୁରସ୍କାର ସ୍ଥଗିତ । ଜଣାପଡ଼ିଲା ରାଜ ପୁରୋହିତ ଭୁଲ୍ ପାଞ୍ଜି ଦେଖି ରାଷ୍ଟ୍ରସ୍ତୁତିର ତିଥି ଏବଂ ମୁହୂର୍ତ୍ତ ବାହାର କରିଥିଲେ । ପାଞ୍ଜି ଭୁଲ୍‌ଥିଲା । ଏବେ ଆଗକୁ ଠିକ୍ ତିଥି ଦେଖି ରାଷ୍ଟ୍ରସ୍ତୁତିର ପୁନଃ ପ୍ରତିଯୋଗିତା ହେବ, ଏହି ଖବର ପ୍ରଜାଙ୍କୁ ଜଣାଇ ଦିଆଗଲା ।

ଜଣେ କେହି କହିଲେ - ରାଜା ଠିକ୍ କହୁଛନ୍ତି । ରାଜାହିଁ ଜଣେ ଧର୍ମାବତାର । ରାଜାଙ୍କର ଜୟ ହେଉ । ଶତ୍ରୁଙ୍କର କ୍ଷୟ ହେଉ ।

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨






## ॥ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ॥

**ଡା. ସରୋଜିନୀ ଷଡଙ୍ଗୀ**

❤ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିଜ୍ଞାନ ମତରେ ସମସ୍ତଙ୍କ ଦେହରେ ହୃତ୍‌ପିଣ୍ଡ, ମସ୍ତିଷ୍କ, ବୃକ୍‌କ୍, ଫୁସ୍‌ଫୁସ୍ ଆଦି ଅଙ୍ଗ ପ୍ରତ୍ୟଙ୍ଗ ଅଛି ଏବଂ ସେମାନେ ଶିରା, ଧମନୀ ଓ ସ୍ନାୟୁକୋଷରେ ପରସ୍ପର ସହ ସଂଯୁକ୍ତ ହୋଇଥା'ନ୍ତି । ସବୁ ଅର୍ଗାନ୍ ବା ଅଙ୍ଗପ୍ରତ୍ୟଙ୍ଗ ଠିକ୍ ଭାବରେ ଚାଲୁଥିଲେ ଶରୀର ସୁସ୍ଥ ରହିଥାଏ । ଶରୀର ରୋଗାକ୍ରାନ୍ତ ହେଲେ ଦେହ ଅଚଳ ହୁଏ, ତା' ସାଙ୍ଗକୁ ମନ ବି । କିନ୍ତୁ ଏ ସବୁ ଭିତରେ ବିଜ୍ଞାନର ଛାତ୍ରୀ ହୋଇ ମଧ୍ୟ, ମୋ ଭିତରେ ଏମିତି ସୂକ୍ଷ୍ମ ଜୀବକୋଷଟିଏ ଥିଲା, ଯାହା ବିଜ୍ଞାନ ଭିତରୁ ମଧ୍ୟ କଳାର ସୁନ୍ଦର, ମଧୁର ଏବଂ ମନୋରମ ସ୍ୱରଟିକୁ ଖୋଜି ବସୁଥିଲା ।

ଏସ୍.ସି.ବି. ମେଡ଼ିକାଲ୍ କଲେଜର କ୍ୟାମ୍ପସ୍ ଭିତରେ ବଡ଼ ନର୍ସିଂ ସ୍କୁଲଟିଏ ଥିଲା । ସେଠି ଜଣେ ନର୍ସିଂ ଟିଉଟର୍, ନର୍ସିଂ ସ୍କୁଲ ଓ କଲେଜର ଅଧକ୍ଷା ମଧ୍ୟ ଥିଲେ । ଜି.ଏନ୍.ଏମ୍ ଛାତ୍ରୀଙ୍କର ଫାଇନାଲ୍ ଇଅର୍‌ରେ ପ୍ରସୂତିବିଜ୍ଞାନ ବା' ମିଡ୍‌ଓ୍ୱାଇଫେରୀ କ୍ଲାସ୍ ଗୁଡ଼ିକ ଆମ ବିଭାଗର ପ୍ରଫେସର ଓ ଆସୋସିଏଟ୍ ପ୍ରଫେସର୍‌ମାନଙ୍କୁ ନେବାକୁ ପଡୁଥିଲା । ଆମକୁ ଆମ ଡିଉଟି ସମୟ ମଧ୍ୟରେ (ରୁଟିନ୍ ଓ ଏମର୍ଜେନ୍ସି) ଏମ୍.ବି.ବି.ଏସ୍‌ର ଅଣ୍ଡର ଗ୍ରାଜୁଏଟ୍ ଛାତ୍ର, ଛାତ୍ରୀଙ୍କର ତଥା ପୋଷ୍ଟ ଗ୍ରାଜୁଏଟ୍ (ଏମ୍.ଡ଼ି) ଛାତ୍ର ଛାତ୍ରୀଙ୍କର କ୍ଲାସ୍ ନେବାକୁ ପଡୁଥିଲା । ଅନ୍ୟ ଫ୍ୟାକ୍‌ଲ୍ଟି ମେମ୍ବରମାନେ ସିଷ୍ଟର୍‌ମାନଙ୍କର କ୍ଲାସ୍ ନେବାକୁ ମନା କରିଦେଉଥିଲେ କିନ୍ତୁ ନର୍ସିଂ ଛାତ୍ରୀଙ୍କର ଗାଇନିକ୍ କ୍ଲାସ୍ ନେବାକୁ ମୁଁ ମନା କରି ପାରୁ ନଥିଲି । କାରଣ ପ୍ରଥମତଃ ମତେ କ୍ଲାସ୍ ନେବାକୁ ଓ ପାଠ ପଢ଼ାଇବାକୁ ବହୁତ ଭଲ ଲାଗୁଥିଲା ଏବଂ ଦ୍ୱିତୀୟତଃ ଏଇ ନର୍ସମାନେ ହିଁ ପାସ୍ କଲାପରେ ପ୍ରାୟତଃ ଗାଁ ଗହଳକୁ ଯାଇ ପ୍ରାଥମିକ ସ୍ତରରେ ରୋଗୀମାନଙ୍କ ଚିକିତ୍ସା ଓ ପ୍ରସବ କରାଇଥା'ନ୍ତି । ଯଦି ଚିକିତ୍ସାରେ କିଛି ଜଟିଳତା ସୃଷ୍ଟି ହୁଏ, ତେବେ ରେଫରାଲ୍ ହସ୍‌ପିଟାଲ୍ କୁ ପଠାଇଥା'ନ୍ତି । ଗାଁ ଗହଳରେ ଚିକିତ୍ସା କରିବା କ୍ଷେତ୍ରରେ ସେମାନେ ହିଁ ପ୍ରାଥମିକସ୍ତରରେ ସବୁ ଦାୟିତ୍ୱ ନେଇଥା'ନ୍ତି । ତେଣୁ ସେମାନଙ୍କର ମୂଳଦୁଆ ଦୃଢ଼ ହେଲେ ହିଁ, ସେମାନେ ଠିକ୍ ଭାବରେ ଚିକିତ୍ସା କରିପାରିବେ । ତେଣୁ ସେମାନଙ୍କର ସବୁ ବ୍ୟାଚ୍‌ର କ୍ଲାସ୍ ମୁଁ ନେଲି ଏବଂ ସେଥିପାଇଁ ନର୍ସିଂ କଲେଜର ପ୍ରତ୍ୟେକ ଛାତ୍ରୀ ଓ ଟିଚରମାନେ ମତେ ବହୁତ ଭଲ ପାଉଥିଲେ ଓ ସମ୍ମାନ ଦେଖାଉଥିଲେ ।

ତାଙ୍କର ଆନୁଆଲ୍ ଫଙ୍କସନ୍‌ର ପ୍ରାୟ ସବୁ ପ୍ରତିଯୋଗିତାରେ ମୁଁ ବିଚାରକ ହେଉଥିଲି ଯଥା, ଗଳ୍ପ, କବିତା, ମୁରୁଜ, ଚିତା ପକାଇବା ତଥା ଚିତ୍ରାଙ୍କନରେ । ମେ ମାସ ୧୨ ତାରିଖ ବିଶ୍ୱ ନର୍ସିଂ ଦିବସ ହେଉଛି ଫ୍ଲୋରେନ୍‌ସ୍ ନାଇଟିଙ୍ଗେଲ୍ ଡ଼େ' । ସେଥିରେ ପ୍ରାୟ ପ୍ରତ୍ୟେକ ବର୍ଷ ମତେ ମୁଖ୍ୟବକ୍ତା ହିସାବରେ ବିଭିନ୍ନ ମେଡ଼ିକାଲ୍ କଲେଜରେ ନିମନ୍ତ୍ରିତ କରିଥା'ନ୍ତି । ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କର ଜନ୍ମଭୂମି ସିନା ଥିଲା ଇଟାଲୀର ସୁନ୍ଦର ଫୁଲବନ, କିନ୍ତୁ କର୍ମଭୂମି ଥିଲା କ୍ରିମିଆର ଯୁଦ୍ଧ ଭୂମି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ସ୍ୱେଚ୍ଛାକୃତ ଭାବରେ ଯୁଦ୍ଧଭୂମିରେ ଆହତ କ୍ରିମିଆ ସୈନ୍ୟମାନଙ୍କର ସେବା, ଶୁଶ୍ରୁଷା ଓ ଚିକିତ୍ସା କରୁଥିଲେ । ସେତେବେଳେ ବିଜୁଳି ଆଲୁଅ ନ ଥିଲା । ତେଣୁ ରାତିରେ ଗୋଟିଏ ମହମବତୀ ବା ପ୍ରଜ୍ୱଳିତ ଦୀପଟିଏ ଧରି ସେ ରୋଗୀମାନଙ୍କୁ ଦେଖୁ ଥିଲେ । କ୍ରମେ କ୍ରମେ ସେ ଏତେ ଶ୍ରଦ୍ଧା ଓ ସମ୍ମାନର ପାତ୍ରୀ ହୋଇଥିଲେ ଯେ, ଦୀପ ଆଲୁଅରୁ ପଡୁଥିବା ତାଙ୍କ ଅପସୃୟମାନ ଛାୟାକୁ ଚୁମ୍ବନ କରିବାକୁ ସୈନିକ ରୋଗୀମାନେ ଅପେକ୍ଷା କରି ରହୁଥିଲେ । ସେଥିପାଇଁ ତାଙ୍କୁ 'ଲେଡ଼ି ଅଫ୍ ଦିଲ୍ୟାମ୍ପ' ବୋଲି କହୁଥିଲେ । ତାଙ୍କୁ ସମ୍ମାନ ଦେବାକୁ ପ୍ରତିବର୍ଷ ତାଙ୍କ ଜନ୍ମଦିବସରେ ନୂତନ ଭାବରେ ନର୍ସିଂ ଛାତ୍ରମାନଙ୍କର 'କ୍ୟାପିଂ ସେରିମନି' ପାଳିତ ହୋଇଥାଏ ।

ଥରଟିଏ ନର୍ସିଂ ଟ୍ୟୁଟର୍ ଓ ଛାତ୍ରୀମାନେ ମତେ ଗୋଟିଏ ଆଶ୍ଚର୍ଯ୍ୟ ଜନକ ଅନୁରୋଧ କରିବସିଥିଲେ- "ଆପଣ ନର୍ସିଂ ସିଷ୍ଟର୍‌ମାନଙ୍କର 'ବିଉଟି କମ୍ପିଟିସନ୍'ରେ ମୁଖ୍ୟ ବିଚାରକ ହେବେ ।" ମୁଁ କହିଲି "ଇଏ କି କଥା, ମୁଁ କ'ଣ ବା ଜାଣିଛି ସୌନ୍ଦର୍ଯ୍ୟ ପ୍ରତିଯୋଗିତା ବିଷୟରେ ? ମୁଁ କେମିତି ଜଜ୍ ହେବି ?" ସମସ୍ତଙ୍କର ଏକା ଜିଦ୍ ଥିଲା "ମ୍ୟାଡ଼ାମ୍, ଆପଣ ଆଦୌ ନାହିଁ କରିବେ ନାହିଁ । ଏସ୍.ସି.ବି ମେଡ଼ିକାଲ୍ କଲେଜରେ ଆପଣ ଏକମାତ୍ର ପ୍ରଫେସର ଯାହାର କଳା ଓ ସୌନ୍ଦର୍ଯ୍ୟ ପାଇଁ କିଛି ଅନୁରାଗ ରହିଛି ।"

ମୁଁ ତ ପ୍ରଥମେ ଆକାଶରୁ ଖସି ପଡ଼ିଲି, କିନ୍ତୁ ଏକ ଅପୂର୍ବ ଆବେଗରେ ପୁଣି ଥରେ ହଁ ଭରିଲି । ମନେ ମନେ ଭାବିଲି "ହଁ ମ ! ଇଏ କୋଉ ବଡ଼ ଫ୍ୟାଶନ୍ ସୋ' ହେଉଛି ନା' କ'ଣ ? ସିଷ୍ଟରମାନେ ଯେଉଁ ଫ୍ୟାଶନ୍ ସୋ କରିବେ, ତାର ଜଜ୍ ହେଲେ ମୋ ପାଇଁ କିଛି ଅସୁବିଧା ହେବ ନାହଁ ।"

ନିର୍ଦ୍ଧାରିତ ସମୟରେ ଆମ ୟୁନିଟ୍‌ରେ ଥିବା ଆସିଷ୍ଟାଣ୍ଟ୍ ପ୍ରଫେସର ଡଃ ତୁଷାର କର, ଡଃ ଜ୍ୟୋସ୍ନା ରାଣୀ ପାଣିଗ୍ରାହୀ, ପି.ଜି. ଛାତ୍ରୀମାନଙ୍କୁ ନେଇ ଚାଲିଲି । ତାଙ୍କ ଭିତରୁ ଜଣେ ନର୍ସିଂ ଟ୍ୟୁଟର୍ ହୋଇ ଥିଲେ ଜଜ୍ । ପ୍ରଥମେ ଦଶଜଣ ଭାଗନେଇ ଥିଲେ । ଆମେ ସମସ୍ତେ ସେମାନଙ୍କ ଠାଣୀ, ମାଣି, ଚାହାଣୀ ଓ କଥା କୁହା କାହାଣୀରେ ସ୍ତମ୍ଭୀଭୂତ ହୋଇଗଲୁ । ବେଶ୍ ଡେଙ୍ଗା, ଡେଙ୍ଗା ଝିଅମାନେ, ପ୍ରାୟ ସମସ୍ତେ ତାଙ୍କର ଫିଗର୍, ସୌନ୍ଦର୍ଯ୍ୟ ଓ ସୁନ୍ଦର ଭାବେ ଇଂରାଜୀ, ହିନ୍ଦୀ ଓ ଓଡ଼ିଆରେ କଥା କହିବାର ଶୈଳୀରେ ଆମକୁ ଅଭିଭୂତ କରିଦେଲେ । ସେମାନେ ନିଜ ନିଜର ପରିଚୟ ଦେବାପରେ ଫ୍ୟାଶନ୍ ର୍ୟାମ୍ପ୍‌ରେ ଚାଲିଲେ । ର୍ୟାମ୍ପ୍‌ର ଚାଲିରୁ ଜଣାପଡୁଥିଲା ସେମାନେ ଗୋଟିଏ ଗୋଟିଏ ଫେଶନେବଲ୍ ମଡ଼େଲ୍ ଠାରୁ କୌଣସି ଗୁଣରେ କମ୍ ନଥିଲେ । ସବୁ ରାଉଣ୍ଡ୍ ପରେ ଆସିଲା ପ୍ରଶ୍ନ ପଚାରିବାର ରାଉଣ୍ଡ । କାରଣ 'ବିଉଟି ସାଙ୍ଗକୁ ବ୍ରେନ୍' ମଧ୍ୟ ସେତିକି ଆକ୍ଟିଭ୍ ରହିବା ଦରକାର । ମୋର ପ୍ରଥମ ପ୍ରଶ୍ନ ଥିଲା- "ଆମ ପ୍ରଫେସନ୍ ହେଉଛି ସେବା କରିବା, ରୋଗୀ ମାନଙ୍କର ଯତ୍ନନେବା । ଆମ ପ୍ରଫେସନ୍‌ରେ ସୌନ୍ଦର୍ଯ୍ୟ କେତେ ଜରୁରୀ ?" ଅଧିକାଂଶଙ୍କର ଉତ୍ତର ଥିଲା "ଖୁବ୍ ଜରୁରୀ", ମୁଁ ତାଙ୍କୁ ବୁଝାଇ କହିଲି ଯେଉଁମାନେ ବିଉଟିକୁ ପ୍ରଫେସନ୍ ପାଇଁ ନେବେ, ତାଙ୍କ ପାଇଁ ତ ଏହା ଖୁବ୍ ଜରୁରୀ । ତେବେ ଝିଅଟିଏ ପାଇଁ ଏବଂ ପ୍ରାୟ ସବୁ ପ୍ରଫେସନ୍ ପାଇଁ ସୌନ୍ଦର୍ଯ୍ୟ ଖୁବ୍ ଜରୁରୀ ହୋଇଥାଏ । ସୌନ୍ଦର୍ଯ୍ୟ ନିଜର ଆତ୍ମବିଶ୍ୱାସ ବଢ଼ାଇ ଦେଇଥାଏ । ନିଜର କଥାବାର୍ତ୍ତା, ଚାଲିଚଳଣ, ଠିଆ ହେବାର ଭଙ୍ଗୀ, ଚାଲିବା, ବସିବା ତଥା ଅନ୍ୟ କାମ କରିବାରେ ସୌନ୍ଦର୍ଯ୍ୟର ଝଲକ ରହିବା ଖୁବ୍ ଜରୁରୀ । ଏଥିରେ ଝିଅଟିର ବ୍ୟକ୍ତିତ୍ୱ ବାରିହୋଇ ପଡ଼େ । ନିଜେ ଠିକ୍ ଭାବେ ପୋଷାକ ପିନ୍ଧିଲେ ନିଜର ଆତ୍ମ ବିଶ୍ୱାସ ବଢ଼ିଯାଏ । ସେ ନେତ୍ରୀ ହୁଅନ୍ତୁ କି ଅଧ୍ୟାପିକା, ଡାକ୍ତର ହୁଅନ୍ତୁ ବା ଇଞ୍ଜିନିଅର୍ କି ଓକିଲ ହୁଅନ୍ତୁ, ସବୁ ପ୍ରଫେସନରେ ସୌନ୍ଦର୍ଯ୍ୟ ଜରୁରୀ ହୋଇଥାଏ । ନିଜର କଥା କହିବାର ଭଙ୍ଗୀରେ ସାରା ପୃଥିବୀକୁ ଜଣେ ଜୟ କରିପାରେ । ପ୍ରଶ୍ନ ଉତ୍ତର ସେସନ୍ ସରିଲା ପରେ ନର୍ସିଂ ଝିଅମାନଙ୍କୁ ବିଜୟିନୀର ମୁକୁଟ ପିନ୍ଧାଇ ଦିଆଗଲା । ମତେ ଆଶ୍ଚର୍ଯ୍ୟ ଲାଗିଲା ନର୍ସିଂ ପ୍ରଫେସନରେ ମଧ୍ୟ, ସୌନ୍ଦର୍ଯ୍ୟ ପାଇଁ ସଚେତନତା ରଖି, ସବୁ ବିଷୟରେ ଅପ୍‌ଟୁଡ଼େଟ୍ ଜ୍ଞାନ ରଖିବା ଆଜିକାଲି କେତେ ବେଶୀ ଜରୁରୀ । ଖୁସି ମଧ୍ୟ ଲାଗିଲା ସହରଠାରୁ ଆରମ୍ଭ କରି ମଫସଲରୁ ଆସିଥିବା ଝିଅମାନେ କେତେ ବେଶୀ ନିଜର ପ୍ରୋଫାଇଲ୍ ପାଇଁ ସଚେତନ ଥିଲେ । ନର୍ସିଂ ଝିଅମାନେ ସେଦିନ କୌଣସି ପ୍ରଫେସନାଲ ମଡ଼େଲ ଠାରୁ କମ୍ ନଥିଲେ । ମୁଁ ଓ ମୋର ସହକର୍ମୀ ତୁଷାର, ଜ୍ୟୋସ୍ନା ଓ ଛାତ୍ରଛାତ୍ରୀମାନେ ଯେ' ଏତେ ସୁନ୍ଦର ଭାବରେ ବିଉଟି କମ୍ପିଟିସନ୍‌ରେ ଜଜ୍ ହୋଇ ସୁପରିଚାଳନା କରିପାରିବୁ ମୋର କଳ୍ପନାର ବାହାରେ ଥିଲା । ସେ ଦିନର ଏ ବିଚିତ୍ର ଅନୁଭୂତି ଆଜି ଯାଏ ମଧ୍ୟ ମୋ'ର ସ୍ମୃତିର ପରିଧିରେ ସତେଜ ହୋଇ ରହିଛି ଓ ରହିଥିବ ।

କଥାରେ ଅଛି କୌଣସି ସ୍ମୃତି ମନର ପରଦାରୁ ସିନା ଖୁବ୍ ଶୀଘ୍ର ଲିଭିଯାଏ କିନ୍ତୁ ଲିଭାଇ ପାରେନି ତାକୁ ହୃଦୟ । ସେ ସ୍ମୃତିକୁ ଚିରକାଳ ପାଇଁ ସାଇତି ରଖିଥାଏ, ତାର ପ୍ରତିଟି ସୂକ୍ଷ୍ମକୋଷରେ । (କ୍ରମଶଃ)

## ପତ୍ରିକା ସମୀକ୍ଷା

### ଯୁଗଶ୍ରୀ ଯୁଗନାରୀ
(ପୂଜାସଂଖ୍ୟା ୨୦୨୦)
ସଂପାଦିକା
**ମମତା ମହାପାତ୍ର**
ନେଳିଆବାଗ, ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧




ମାତୃଭୂମିର ଧ୍ୱଜାକୁ ଉଚ୍ଚା କରିବା ପାଇଁ ନାରୀଶକ୍ତିର ଜାଗରଣ ଆବଶ୍ୟକ । ଯୁଗକୁ ନୂତନ ଦିଗଧର୍ମ ପ୍ରଦାନ କରିବା ପାଇଁ ଯୁଗନାରୀ ହିଁ ଯୁଗ ପାଇଁ ଶ୍ରୀ ଏବଂ ଶକ୍ତିମୟୀ ଭାବରେ ପ୍ରତିପାଦିତ ହୋଇ ଆସିଛି । ସାହିତ୍ୟର ଫର୍ଦ୍ଦରେ ଜୀବନର ସାର୍ବଜନୀନତା ତଥା ଯୁଗର ଚିତ୍ର ବୈଚିତ୍ର୍ୟକୁ ଉନ୍ମୀଳିତ କରିଆସିଥିବା ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ମହିଳା ମୁଖପତ୍ର ମାସିକ ଯୁଗଶ୍ରୀ ଯୁଗନାରୀର ଶାରଦୀୟ ବିଶେଷାଙ୍କ ୨୦୨୦ ଏଥର ପ୍ରଚ୍ଛଦ ପ୍ରସଙ୍ଗରେ ଆଣିଛି ଜନସ୍ୱାସ୍ଥ୍ୟ ଗବେଷଣା, ପ୍ରଗତି ଓ ମାନବିକତାର ବଳିଷ୍ଠ ବ୍ୟକ୍ତିତ୍ୱ ଡାକ୍ତର ସଂଘମିତ୍ରା ପତିଙ୍କର କର୍ମମୟ ଜୀବନାଲେଖ୍ୟ । ସ୍ୱନାମଧନ୍ୟା ସାରସ୍ୱତ ସାଧିକା ତଥା ପ୍ରାଜ୍ଞ ଚେତନାର ବ୍ୟକ୍ତିତ୍ୱ ବରେଣ୍ୟା ଡାକ୍ତର ରାଧାଦେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଅଭିଜାତ୍ୟ ସଂପନ୍ନ ମୁଖପତ୍ରର ସଂପାଦକୀୟରେ ଆମ ସମୟର ଜଣେ ସୁଲେଖିକା ମମତା ମହାପାତ୍ର ଅନ୍‌ଲାଇନ୍ ଗେମ୍ ଏବଂ ଯୁବବର୍ଗଙ୍କ ଉପରେ ଏହାର ମାନସିକ କୁପ୍ରଭାବକୁ ପ୍ରସଙ୍ଗ କରି ଭାରତ ପରି ଏକ ମହାନ୍ ରାଷ୍ଟ୍ରକୁ ବିଶ୍ୱସ୍ତରରେ ଏକ ଶୌର୍ଯ୍ୟ, ବୀର୍ଯ୍ୟ, ଏବଂ ଉର୍ଜ୍ଜାସଂପନ୍ନ ଶକ୍ତିଶାଳୀ ରାଷ୍ଟ୍ରରେ ରୂପାନ୍ତରିତ କରିବାକୁ ଆହ୍ୱାନ ଦେଇଛନ୍ତି ।

ଋଗ୍‌ବେଦ ସୌରଭ ଠାରୁ ରାଶିଫଳ ପର୍ଯ୍ୟନ୍ତ ବହୁବିଭାଗ ମଣ୍ଡିତ ଏହି ପୂଜାସଂଖ୍ୟାରେ ପ୍ରବନ୍ଧ ବିଭାଗରେ ସ୍ଥାନିତ ହୋଇଛି ବିଶ୍ୱଚିନ୍ତନ ମୂଳକ ଆଲୋଚନା, ଲୋକ ସଂସ୍କୃତି ଓ ପରମ୍ପରାଧର୍ମୀ ଆଲେଖ୍ୟ ସହ ଓଡ଼ିଆ ଭାଷା ସାହିତ୍ୟର ବହୁ କୃତବିଦ୍ୟ ବରେଣ୍ୟ ସ୍ରଷ୍ଟାମାନଙ୍କର ସୃଷ୍ଟିର ବିଭିନ୍ନ ଦିଗ ବିଭବ ଆଧାରିତ ମନୋଜ୍ଞ ଅନୁଶୀଳନ । ସେଥିମଧ୍ୟରୁ ଦକ୍ଷିଣ ଆଫ୍ରିକାରେ ଶିଶୁ ସାହିତ୍ୟର ସ୍ଥିତି ଉପରେ ଏକ ତଥ୍ୟ ଭିତ୍ତିକ ଆଲୋଚନା ଡଃ. ମନୀନ୍ଦ୍ର ମହାନ୍ତିଙ୍କ ଦ୍ୱାରା ସମାପିତ ହୋଇଥିଲା ବେଳେ ଲୋନ୍‌ଲି ଓ୍ୱାର୍ ଓମେନ ଏସୋସିଏସନ୍‌ର ସ୍ରଷ୍ଟା ବାରବାରା ଲାଭଓ୍ୱେର୍ସଙ୍କ ଉପରେ କର୍ଣ୍ଣେଲ ଶରତ କୁମାର ମହାପାତ୍ରଙ୍କ ଆଲେଖ୍ୟ ଆମକୁ ଫେରାଇ ନେଇ ଯାଇଛି ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳୀନ ଏକ ବିରଳ ନାରୀଚରିତ୍ର ଏବଂ ଯୁଦ୍ଧକ୍ଷୁଧା ସହ କାମପ୍ରପୀଡ଼ିତ ତତ୍କାଳୀନ ସୈନିକମାନଙ୍କ ବାବଦରେ ଏକ ସମରୀୟ ଚାଞ୍ଚଲ୍ୟପ୍ରଦ ଇତିହାସ ଆଡ଼କୁ । ଆଉ ଏକ ବିଶ୍ୱସ୍ତରୀୟ କଥା ଓ ଔପନ୍ୟାସିକ ଚରିତ୍ର ତାରଜନକୁ ନେଇ ଓଡ଼ିଆ କଲମରେ ଘଟିଥିବା ପୌରୁଷର ପୂଜା ଉପସ୍ଥାପିତ ହୋଇଛି କଇଳାଶ ପଟ୍ଟନାୟକଙ୍କର ସଦ୍ୟୋବଧର୍ମୀ ଆଲୋଚନାରେ । ଏହାସହ ପ୍ରାବନ୍ଧିକ ଆଲୋଚକ ମଣୀନ୍ଦ୍ର କୁମାର ମେହେର, ପ୍ରଫେସର ବିଷ୍ଣୁପ୍ରିୟା ଓତା, ଗୋପୀନାଥ ମହାନ୍ତି, ଡଃ ତୁଳସୀ ଓଝା, ବିମଳ ପ୍ରସନ୍ନ ଦାସ, ଡ. ଦେବାଶିଷ ପାତ୍ର, ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡଃ. ନିଖିଳାନନ୍ଦ ପାଣିଗ୍ରାହୀ, ଡଃ ପ୍ରଭାବତୀ ପଣ୍ଡା, ଡଃ. ରାଧାରଞ୍ଜନ ପଟ୍ଟନାୟକ, ଡଃ ସୁବାସ ଚନ୍ଦ୍ର ପାତ୍ର, ଡଃ ଆଶିଷ କୁମାର ଦାସ, କାଳୀପଦ ପଣ୍ଡା, ଅଦୈତ ପ୍ରସାଦ ବିଶ୍ୱାଳ, ବୃନ୍ଦାବନ ଦାଶ ଏବଂ ଅଧ୍ୟାପକ କମଳାକାନ୍ତ ଦାଶଙ୍କ ଆଲୋଚନାରେ ବିମଳ ସାରସ୍ୱତ ଆଲୋଚନା ତଥା ସାଂପ୍ରତିକ ସମାଜ ଓ ସମୟର ସ୍ଥିତି ବେଶ ମନୋଜ୍ଞ ଶୈଳୀରେ ଆଲୋଚିତ ହୋଇଛି ।

ପୂର୍ବସୁରୀଙ୍କର ଲେଖନୀର ଭିତ୍ତିଭୂମିରେ ଜାତିର ସାହିତ୍ୟ ଏବଂ ସାହିତ୍ୟାକାରମାନେ ଦାବି କରିଚାଲିଛନ୍ତି ନିଜ ନିଜର ଅସ୍ମିତା ଓ ଅଙ୍ଗୀକାରବଦ୍ଧତା । କରୋନା କ୍ରୁର ତାଡ଼ନରେ ଯାବତୀୟ ଶିକ୍ଷ ଏବଂ ସଂସ୍ଥାନରେ ମାସ ମାସ ଧରି ତାଲା ଝୁଲିବା ଫଳରେ ବଜାର ଅବସ୍ଥା ମାନ୍ଦା ହୋଇଯାଇଥିବାରୁ ଏହାର ପ୍ରଭାବ ପୁସ୍ତକ ଏବଂ ପତ୍ରପତ୍ରିକା ଶିଳ୍ପରେ ମଧ୍ୟ ଅନୁଭୂତ ହେବା ସ୍ୱାଭାବିକ । ବିଜ୍ଞାପନ ଉପରେ ନିର୍ଭରଶୀଳ ସାହିତ୍ୟ ପତ୍ରିକା କରୋନା ପରିସ୍ଥିତିର ବିଜ୍ଞାପନ ମରୁଡ଼ି ଭିତରେ ବି ଯଥାବିଧି ଆତ୍ମପ୍ରକାଶ କରିବା ନିଶ୍ଚିତ ଭାବରେ କ୍ଷତି ସାପେକ୍ଷ ଦୁଃସାହସିକ ପଦକ୍ଷେପ । ଓଡ଼ିଶା ଏବଂ ବର୍ହି ଓଡ଼ିଶାରେ କୋଟି କୋଟି ଓଡ଼ିଆ ଭାଷାଭାଷୀ ବ୍ୟକ୍ତି ବାସ କରୁଥିଲା ବେଳେ ପାଠକ ସମୁଦାୟ ସହ ପତ୍ରପତ୍ରିକା ଏବଂ ପ୍ରକାଶିତ ପୁସ୍ତକ କାହିଁକି ସଂଯୁକ୍ତ ହୋଇପାରୁନାହିଁ, ଏ ପ୍ରଶ୍ନର ଉତ୍ତର ଖୋଜିବାର ଦାୟିତ୍ୱ ଆଜିର ପ୍ରତ୍ୟେକ କ୍ୟାରିୟରନିଷ୍ଠ ଲେଖକଲେଖିକା ମାନଙ୍କର । ଲେଖକୀୟ ଭାଗ୍ୟ, ଭବିଷ୍ୟତ, ପ୍ରତିଷ୍ଠା, ପୁରସ୍କାର ଏବଂ ପାଠକୀୟ ସ୍ୱୀକୃତି ପଛରେ ପତ୍ରପତ୍ରିକାର ଭୂମିକାକୁ ବିଚାରକୁ ନେଲେ ସ୍ମରଣକୁ ଆସନ୍ତି ଏଷଣା, ଆସନ୍ତାକାଲି, ନବରବି, ଅକ୍ଷପାଦ ପରି ସ୍ୱାଧୀନତ୍ତୋର ଭାରତର ଓଡ଼ିଆ ପତ୍ରିକାସମୂହ । ସେହି କ୍ରମରେ ଓଡ଼ିଶାର ବହୁ ପତ୍ରିକାର ମୃତ୍ୟୁ ଏବଂ ବହୁ ପତ୍ରିକାର ଜନ୍ମ ଘଟିଥିଲେ ମଧ୍ୟ ହାତଗଣତି କେତୋଟି ନିୟମିତ ଓଡ଼ିଆ ସାହିତ୍ୟ ପତ୍ରିକା ଭିତରେ 'ଯୁଗଶ୍ରୀ ଯୁଗନାରୀ'ର ପ୍ରତ୍ୟେକ ସଂଖ୍ୟା ସ୍ୱ ଆଭିମୁଖ୍ୟକୁ ବଜାୟ ରଖି ରୁଚିଶୀଳ ପାଠକଙ୍କ ମନନଶୀଳତା ଏବଂ ପାଠକୀୟ ଚାହିଦାକୁ ପୂରଣ କରିପାରୁଥିବାରୁ ଧନ୍ୟବାଦାର୍ହ ।

ଆଲୋଚ୍ୟ ସଂଖ୍ୟାଟିର ସ୍ମୃତିର ସୁରଭି ସ୍ତମ୍ଭରେ ଅଧ୍ୟାପକ ବିଶ୍ୱରଞ୍ଜନଙ୍କର ଆଲେଖ୍ୟ 'ପିମ୍ପୁଡ଼ି ପିମ୍ପୁଡ଼ି ବାହା ହୋଇଗଲେ' ସ୍ଥାନିତ ହୋଇଥିଲା ବେଳେ ସଂଘମିତ୍ରା ମିଶ୍ରଙ୍କର 'କରୋନାର କରୁଣା' ପାଠକୀୟ ଚିତ୍ତବୃତ୍ତିକୁ ଆନ୍ଦୋଳିତ କରିବ ନିଶ୍ଚୟ । ସଂଖ୍ୟାଟିର ଗଳ୍ପବିଭାଗରେ ବର୍ଷୀୟାନ କଥାକାର ମନୋଜ ଦାସ, ବିଭୁତି ପଟ୍ଟନାୟକ, ଶାନ୍ତନୁ କୁମାର ଆଚାର୍ଯ୍ୟ, ବୀଣାପାଣି ମହାନ୍ତି, ଇନ୍ଦିରା ଦାଶ, ଗାୟତ୍ରୀ ସରାଫଙ୍କ କଥାସମୂହ ସହ ସମକାଳୀନ ସାହିତ୍ୟର ଦୃପ୍ତସ୍ୱର ପବିତ୍ର ପାଣିଗ୍ରାହୀ, ଗଙ୍ଗାଧର ବିଶ୍ୱାଳ, କବିତା ବାରିକ, ଅର୍ଚ୍ଚନା ନାୟକ ପ୍ରମୁଖଙ୍କର ଗପର କଥନଭଙ୍ଗୀ ଅତୁଳନୀୟ ଏବଂ ପାଠକଙ୍କୁ ଆମୋଦିତ କରିବ ନିଶ୍ଚୟ । ଏହାସହ ସ୍ମୃତି ଦାସ, ସୁଜାତା ମହାପାତ୍ର, ଗୀତାଞ୍ଜଳତ ପଟ୍ଟନାୟକ, ଚିତ୍ତରଞ୍ଜନ ବର୍ମା, ପ୍ରଦୋଷ ମିଶ୍ର ଓ ଝରଣା ପଟ୍ଟନାୟକ ପ୍ରମୁଖଙ୍କର ଗଳ୍ପର ଚିତ୍ର ଓ ଚରିତ୍ର ପାଠକଙ୍କୁ ଅନନ୍ୟ ସ୍ୱାଦ ପ୍ରଦାନ କରିବ ବୋଲି ଆଶା କରାଯାଏ ।

ସୁନିର୍ବାଚିତ ଲେଖା, ତୃଟିଶୂନ୍ୟ ମୁଦ୍ରଣ ଏବଂ ବିବିଧ ବିଭାଗକୁ ନେଇ ସଂଖ୍ୟାଟି ଋଦ୍ଧିମନ୍ତ ଏବଂ ସଂଗ୍ରହଣୀୟ । ସଂଖ୍ୟାଟିର ଅନୁବାଦ ବିଭାଗରେ ଇଂ ପ୍ରଭାକର ସ୍ୱାଇଁ, ଡଃ. ଶକୁନ୍ତଳା ବଳିଆର ସିଂହ, ନିରୂପମା ଆଚାର୍ଯ୍ୟ, ଡାଃ ବିନି ଷଡ଼ଙ୍ଗୀ, କନକ ମଞ୍ଜୁରୀ ସାହୁ ଏବଂ ଗୀତାଞ୍ଜଳି ସିଂହଙ୍କର ମନୋଜ୍ଞ ଓଡ଼ିଆ ରୂପାନ୍ତର ମାନ ସ୍ଥାନ ପାଇଥିବା ବେଳେ ସୁବର୍ଣ୍ଣ ସେତୁ ସ୍ତମ୍ଭରେ 'ମୋ ଶାଶୁ' ଶୀର୍ଷକରେ ଏକ ମନୋଜ୍ଞ ଅନୁଭବର କଥାକୁ ବଖାଣିଛନ୍ତି ଡଃ. ସୁଷମା ମିଶ୍ର । ରମ୍ୟ ରଚନାରେ ରାଧାଶ୍ୟାମ ରାଉଳଙ୍କର ଆଲେଖ୍ୟ ସ୍ଥାନ ପାଇଥିଲା ବେଳେ ଶିଶୁଗଳ୍ପରେ ସୂର୍ଯ୍ୟପ୍ରିୟା ପାଣିଗ୍ରାହୀଙ୍କର ଏକ ଭିନ୍ନସ୍ୱାଦର ଗଳ୍ପ ସ୍ଥାନ ପାଇଛି । ସଂଖ୍ୟାଟିର କବିତା ବିଭାଗରେ ଓଡ଼ିଶାର ମାଟିର ବରେଣ୍ୟ ସ୍ରଷ୍ଟା ରମାକାନ୍ତ ରଥ, ଡଃ. ଫନୀ ମହାନ୍ତି, ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ମନୋରମା ମହାପାତ୍ର, ବନଜ ଦେବୀ ପ୍ରମୁଖଙ୍କର କବିତା ସହ ସମକାଳରେ ବହୁ ଚର୍ଚ୍ଚିତ ଏବଂ ଯଶସ୍ୱୀ କବିଙ୍କର ବିବିଧ ମନନଶୀଳତାର କବିତାମାନ ପାଠକଙ୍କ ପାଇଁ ସ୍ୱତନ୍ତ୍ର ଭେଟି ନିଶ୍ଚୟ । ସାହିତ୍ୟ ସହ ରାଶିଫଳ, ଆତ୍ମନିଯୁକ୍ତି, ବାସ୍ତୁଶାସ୍ତ୍ର, କୃଷି, ଗୃହିଣୀମାନଙ୍କ ଜାଣିବା ପାଇଁ, ହସ, ଡଗପସରା, କୁଇଜ ଓ ସାଂପ୍ରତିକ ଖବର ପରି ପତ୍ରିକାର ନିୟମିତ ବିଭାଗ ଗୁଡ଼ିକ ପାଠକ ସାଦରେ ଗ୍ରହଣ କରିବେ ବୋଲି ବିଶ୍ୱାସ ।

ବରେଣ୍ୟ କଥାକାର ତଥା ସାହିତ୍ୟ ପ୍ରବକ୍ତା ମନୋଜ ଦାସଙ୍କ ଭାଷାରେ, ପତ୍ରିକାଟିଏ ଚିରନ୍ତନୀର ସ୍ୱରାଭାସକୁ ପତ୍ରିକାସ୍ଥ କରିବା ସହିତ ପ୍ରଥମତଃ ସାଂପ୍ରତିକ ସମୟର ସ୍ପନ୍ଦନକୁ ପ୍ରଚାରିତ କରିପାରୁଥିବା ଆବଶ୍ୟକ । ଜଗଦ୍ଧାତ୍ରୀ ନାରୀଜାତିକୁ ଯୁଗଦ୍ଧାତ୍ରୀ ଏବଂ ଯୁଗକର୍ତ୍ତ୍ରୀ ବୋଲି ପ୍ରତିପାଦିତ କରିବାର ସାମର୍ଥ୍ୟକୁ ନେଇ ଯାତ୍ରା ଜାରିରଖିଥିବା 'ଯୁଗଶ୍ରୀ ଯୁଗନାରୀ' ମହିମା ମୁଖପତ୍ର ଓଡ଼ିଆ ପାଠକଙ୍କୁ ବାଣ୍ଟି ଚାଲିଥାଉ ଦ୍ୱନ୍ଦ ରହିତ ପାରସ୍ପରିକତା ଏବଂ ସୁସ୍ଥ ସହାବସ୍ଥାନ ପାଇଁ ପ୍ରତିକାରର ପଥ, ପଦ୍ଧତି, ପାଥେୟ ଏବଂ ପ୍ରେରଣାପ୍ରଦ ସଫଳତାର ବାସ୍ତବ କାହାଣୀ । ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା ଯତ୍ରେତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ, ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

## ଆଶାକର୍ମୀ ସଂଘର ଜିଲ୍ଲା କମିଟି ୫ମ ସମ୍ମିଳନୀ

କେନ୍ଦ୍ରାପଡ଼ା,୨୬।୧୨ (ନି.ପ୍ର): ନିଖିଳ ଓଡିଶା ଆଶାକର୍ମୀ ସଂଘର ୫ମ ଜିଲ୍ଲା ସମ୍ମିଳନୀ ପର୍ଯ୍ୟଟନ କ୍ଷେତ୍ର ଛୁଆଳିଆ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେଉରାଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବି ରମଣୀ ରଞ୍ଜନ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସଂପାଦିକା କ୍ରାନ୍ତିପ୍ରଭା ନାୟକ ବିବରଣୀ ଉପସ୍ଥାପନା କରିଥିବା ବେଳେ ମନୋରମା ନାଥ , ସୁଷମା ଆଚାର୍ଯ୍ୟ, ଗିତାଞ୍ଜଳୀ ସିଂହ, ସୁକାନ୍ତି ବେହେରା, ସାତ୍ୟଭାମା ମହାକୁଳ, କବିତା ସାମଲ ଜାନୁୟାରୀ ୩୦ ତାରିଖରେ ଜିଲ୍ଲା ସମ୍ମିଳନୀ ପାଇଁ ଆୟୋଜନ କରାଯିବା ସହ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତି ନିଆଯାଇଛି ।

# ସିପିଆଇର ୯୫ତମ ପ୍ରତିଷ୍ଠା ଦିବସ ପାଳିତ



ବାଲେଶ୍ୱର,୨୬।୧୨ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୯୫ତମ ପ୍ରତିଷ୍ଠା ଦିବସ ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାର୍ଟିର ଲାଲ୍ ପାତାକା ଉତ୍ତୋଳନ କରାଯାଇଛି । ଦୀର୍ଘ ୯୫ବର୍ଷର ଗୌରବମୟ ଇତିହାସ ଉପରେ ପାର୍ଟିର ନେତାମାନେ କର୍ମୀମାନଙ୍କୁ ଅଗତ କରାଇଥିଲେ । ଗତ ୧୯୨୫ ମସିହା ଡିସେମ୍ବର ୨୬ ତାରିଖ ଦିନ କାନପୁର ସହରରେ ପାର୍ଟିର ଭିତ୍ତିସ୍ଥାପନ କରାଯାଇଥିଲା । ପରାଧୀନ ଭାରତବର୍ଷରେ କମ୍ୟୁନିଷ୍ଟମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସନରେ ଫାଶୀ ଓ ଜେଲଦଣ୍ଡକୁ ହସିହସି ବରଣ କରିଥିଲେ । ସ୍ୱାଧୀନତା ପରେ ସିପିଆଇ ଶ୍ରମିକ, କୃଷକ, ଛାତ୍ର, ମହିଳା ଓ ଶ୍ରମଜୀବି ମଣିଷର ଅଧିକାର ପାଇଁ ସଂଗ୍ରାମ ଜାରି ରଖିଛି । ସମଗ୍ର ବିଶ୍ୱକୁ ପୁଞ୍ଜିବାଦ କବଳିତ କରିବାକୁ ଉଦ୍ୟମ ଅବ୍ୟାହତ ରଖିଛି । ଆମ ଦେଶର ସରକାର ପୁଞ୍ଜିପତିଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ପ୍ରଚଳିତ ଆଇନଗୁଡ଼ିକୁ ସଂଶୋଧନ କରି ଜନବିରୋଧି ଆଇନ ପ୍ରଣୟନ କରୁଛି । ଏହା ବିରୁଦ୍ଧରେ ଦେଶବ୍ୟାପୀ ଜନସାଧାରଣ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଚଳାଇଛନ୍ତି । ଏହିସବୁ ଜନଗଣଙ୍କ ଜୀବନ ଜୀବିକାର ସୁରକ୍ଷାର ଲଢ଼େଇରେ କମ୍ୟୁନିଷ୍ଟମାନେ ଛାମୁଆ ବାହିନୀର ଭୂମିକା ଗ୍ରହଣ କରିବାକୁ ପ୍ରତିଷ୍ଠା ଦିବସ ଅବସରରେ ନେତାମାନେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ସିପିଆଇର ବାଲେଶ୍ୱର ସଦର ଅଞ୍ଚଳ କମିଟି ତରଫରୁ ଚାନ୍ଦିପୁର ସୋନାପୁରରେ ପାର୍ଟିର ଲାଲ୍ ପତାକାକୁ ନାରୀନେତ୍ରୀ ସୁହାଗୀ ମାଝି ଉତ୍ତୋଳନ କରିଥିଲେ । ଉତ୍କଳ ମହିଳା ସମିତିର ଜିଲ୍ଲା ସଂପାଦିକା ବନ୍ଦନା ବିଶ୍ୱାସ ଓ ଭାରତୀୟ କ୍ଷେତମଜଦୂର ୟୁନିୟନ୍‌ର ସଂପାଦକ ପାର୍ଟିର ଇତିହାସ ସଂପର୍କରେ ବକ୍ତବ୍ୟ ଦେଇଥିଲେ । ବାଲେଶ୍ୱର ସହର ଅଞ୍ଚଳ କମିଟି ତରଫରୁ ବାଲେଶ୍ୱର ସହରର ପଢୁଆଁପଦାରେ ଲାଲ୍ ପତାକାକୁ ପାର୍ଟି ବରିଷ୍ଠ ସଦସ୍ୟ ତଥା ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଉତ୍ତୋଳନ କରିଥିଲେ । ଜିଲ୍ଲା ସହସଂପାଦକ ଭାଗବତ ପ୍ରତିହାରୀ ଓ ଅଞ୍ଚଳ କମିଟି ସଂପାଦକ ଶ୍ୟାମସୁନ୍ଦର ଜେନା ପାର୍ଟିର ଗୌରବମୟ ଇତିହାସ ଓ ସଂଗ୍ରାମ ସଂପର୍କରେ ଉପସ୍ଥିତମାନଙ୍କୁ ସୂଚନା ଦେଇଥିଲେ । ନୀଳଗିରିର ପଞ୍ଚଲିଙ୍ଗେଶ୍ୱରଠାରେ ଜିଲ୍ଲାସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଜେଡି ସ୍ଥାପନା ଦିବସ ....

ଅନେକ ଜାତୀୟ ଦଳ ନିର୍ବାଚନ ଆସିଲେ ମହିଳା ସଂରକ୍ଷଣ କଥା କହୁଛନ୍ତି । ହେଲେ ନିର୍ବାଚନ ସରିଲେ ଏହାକୁ ଭୁଲି ଯାଉଛନ୍ତି । ବିଜେଡି ସମସ୍ତ ମଂଚରେ ଏହି ଦାବୀ ଉଠାଇବ । ସେ କହିଛନ୍ତି ଯେ ଯଦି ଦେଶକୁ ଅନ୍ୟ ଦେଶ ମାନଙ୍କ ସହ ପ୍ରତିସ୍ୱର୍ଧା କରିବାକୁ ପଡିବ ତେବେ ମା ମାନଙ୍କୁ ସେମାନଙ୍କର ଅଧିକାର ଦେବାକୁ ପଡିବ । ଏ ଦିଗରେ ବିଜେଡି ସବୁଠାରୁ ଆଗରେ ରହିଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ସାମାଜିକ ଆନ୍ଦୋଳନର ଆତ୍ମା ହେଉଛନ୍ତି ମା ମାନେ । ସଶକ୍ତ ମହିଳା ସମାଜ ହିଁ ସଶକ୍ତ ଓଡିଶା ଗଠନ କରି ପାରିବ ବୋଲି ସେ କହିଛନ୍ତି ।

### ଓଡିଶାର ଚାଷୀଙ୍କୁ ....

ଅପରପକ୍ଷରେ ରାଜ୍ୟ ସରକାରଙ୍କ ଚାଷୀଙ୍କ କାଳିଆ ଟଙ୍କା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପ୍ରଧାନ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କୃଷିକୁ ବ୍ୟବସାୟର ରୂପ ଦେବା ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ । ନୂଆ କୃଷି ଆଇନରେ ଚାଷୀମାନେ ଏପିଏମଏସି ମଣ୍ଡିରେ ନିଜର ଉତ୍ପାଦିତ ସାମଗ୍ରୀ ବିକ୍ରି କରିବା ସହ ଦେଶର ଯେକୌଣସି ସ୍ଥାନରେ ବିକ୍ରି କରି ନିଜ ସାମଗ୍ରୀର ଉଚିତ୍ ମୂଲ୍ୟ ପାଇପାରିବେ । ନୂଆ କୃଷି ଆଇନରେ ଗୋଟିଏ ଦେଶ ଓ ଗୋଟିଏ ବଜାର ତଥା ଇ-ନାମର ବ୍ୟବସ୍ଥା କରାଯାଇଛି । ଏହା ଦ୍ୱାରା ଢ଼େଙ୍କାନାଳର ଆମ୍ବ ବନ୍ଧେ ଏବଂ ଅନୁଗୁଳର ଲିଚୁ ପଶ୍ଚିମବଙ୍ଗ ବଜାରରେ ବିକ୍ରି ହୋଇପାରିବ । ଚାଷୀଙ୍କୁ ଆତ୍ମନିର୍ଭର କରିବା ପାଇଁ ହୋଇଛି ନୂଆ କୃଷି ଆଇନ । ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୃଷି ଆଇନରେ ବ୍ୟବସ୍ଥା ହୋଇଛି । କୃଷି ଉତ୍ପାଦ ସଂଗଠନ(ଏଫପିଓ) ଓ ୧ ଲକ୍ଷ କୃଷି ଭୂତିଭୂମି ପାଣ୍ଠି ଓଡ଼ିଶାର ଚାଷୀ ମାନଙ୍କୁ ଲାଭ ଦେବ । ଚାଷୀମାନେ ନିଜ ଉତ୍ପାଦିତ ସାମଗ୍ରୀର ବଜାର ମୂଲ୍ୟ ପାଇପାରିବେ । ଓଡ଼ିଶାର ବରଗଡ଼ ପରେ ଢ଼େଙ୍କାନାଳରେ କୃଷି ବର୍ଜ୍ୟରୁ ଇଥାନଲ ପ୍ରସ୍ତୁତ କରାଯିବାର ମଧ ଯୋଜନା କରାଯାଉଛି ।

### ଗୋ ହତ୍ୟା ନିଷେଧ ...

ଭାରତୀୟ ଗୋବଂଶ ସେବା ସୁରକ୍ଷା ସଂରକ୍ଷଣ ସମ୍ବର୍ଦ୍ଧନ ପରିଷଦ ଏବଂ ଜଗନ୍ନାଥ ସେନା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଦାବି କରା ଯାଇଛି । ଏହି ଅବସରରେ ପରିଷଦର ମୁଖ୍ୟ ଓଡିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ସଂଗ୍ରାମ କେଶରୀ ଶତପଥୀ ଗଣମାଧ୍ୟମକୁ ସୂଚନା ଦେଇ କହିଲେ ହିମାଚଳ ପ୍ରଦେଶ, ଉତ୍ତରପ୍ରଦେଶ, ଗୁଜୁରାଟ ପ୍ରମୁଖ ୧୨ ଟି ରାଜ୍ୟର ରାଜ୍ୟ ସରକାର ଗୋ ହତ୍ୟା ନିଷେଧ ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିସାରିଛନ୍ତି । କେତକ ରାଜ୍ୟରେ ସରକାର ଗଠନ ହେବାର ମାତ୍ର ୬ ମାସ ମଧ୍ୟରେ ଗୋସୁରକ୍ଷା ଆଇନ ପ୍ରଣୟନ କରି ଗୋହତ୍ୟା ନିଷେଧ କରିଛନ୍ତି । କିନ୍ତୁ ଆମ ରାଜ୍ୟ ସରକାର ତଥା ଓଡିଶା ସରକାର ଏ ଦିଗରେ ଟିକେ ପଛରେ ଅଛନ୍ତି । ତେଣୁ ଆମେ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛୁ ଯେ ଅନ୍ୟ ରାଜ୍ୟ ସରକାରଙ୍କ ଭଳି ଆମ ରାଜ୍ୟ ସରକାର ମଧ ଗୋହତ୍ୟାକୁ ଗୁରୁତର ସହ ଗ୍ରହଣ କରି ଗୋହତ୍ୟା ନିଷେଧ କରନ୍ତୁ ।

### ଆଜିଠାରୁ ୧ ପର୍ଯ୍ୟନ୍ତ ....

'ଏମ୍‌ଏସିପି' ପ୍ରଦାନ, ନର୍ସିଂ ସ୍କିମ୍‌ରେ ଚାକିରୀ କରୁଥିବା 'ଆରବିଏସ୍‌କେ' ଷ୍ଟାଫ ନର୍ସମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ ସହିତ ଓପିଏସ୍‌ସି ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଠିକାଦାର ଭାବେ ନିଯୁକ୍ତି ପାଉଥିବା ନର୍ସସାମନଙ୍କୁ ଏଣିକି ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଆଦି ଦାବି ନେଇ ଏହି ପ୍ରତିବାଦ ହେବ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର ସଭାପତି ପ୍ରତିଭା ସାମନ୍ତରାୟ, କାର୍ଯ୍ୟନିର୍ବାହୀ ସଦସ୍ୟା ଲକ୍ଷ୍ମୀପ୍ରିୟା ଜେନା, ମାଳତି ତ୍ରିପାଠୀ, ପ୍ରେମଲତା ମିଶ୍ର, ଅଶ୍ୱିନୀ ଦାସ, ଶିବାନୀ ଦାସ, ବିଭୁ ପଟ୍ଟନାୟକ, ଏସସିବି, ଏମ୍‌କେସିଜି ବ୍ରହ୍ମପୁର, ବୁର୍ଲା, ଶିଶୁଭବନ ପ୍ରମୁଖ ଉପସ୍ଥିତ ଥିଲେ ।

# ନୟାଗଡ଼ ସାମ୍ବାଦିକ ଆକ୍ରମଣ ଘଟଣାରେ ମୟୂରଭଞ୍ଜ ସାମ୍ବାଦିକଙ୍କ ପ୍ରତିବାଦ




ବାରିପଦା ,୨୬।୧୨ (ନି.ପ୍ର): ନୟାଗଡ଼ ଜିଲାର ନନ୍ଦିଘୋଷ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ ମୟୂରଭ ଜିଲାରେ ଦେଖିବାକୁ ମିଳିଛି । ଶୁକ୍ରବାର ପୂର୍ବାହ୍ନରେ ଜିଲାରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ଜିଲା ପ୍ରତିନିଧିମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ଏହାର ନିନ୍ଦା କରିବା ସହିତ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । ସାମ୍ବାଦିକ ମନୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ରାଧାଶ୍ୟାମ ପ୍ରଧାନ, ମାଣିକଲାଲ ପାଣି, ସୟ ଚୌଧୁରୀ, ଆଶିଷ ଦେ, ଦିଲ୍ଲିପ ମହାନ୍ତି, ରବୀନ୍ଦ୍ର ମହାନ୍ତି, ସୌମ୍ୟରଂଜନ ପଟ୍ଟନାୟକ, ସତ୍ୟଜିତ ସୋମ, ସୁକାନ୍ତ ସାହୁ, ସୁକାନ୍ତ ଜୀଉ, ଅକ୍ଷୟ ଅଗ୍ରୱାଲା, ନୀଳାଦ୍ରୀ ବିହାରୀ ଦଣ୍ଡପାଟ, ଦୀପକ କୁମାର ନାୟକ, ରନ କୁମାର ଦାସ, ବିଶ୍ୱଜିତ ଦାସ, ଦୋଳଗୋବିନ୍ଦ ବାରିକ, ସନ୍ତୋଷ ବରାଳ, ରାଜ ଗୁପ୍ତା, ଦିନେଶ ସେଠୀ, ବିଶ୍ୱଜିତ ମହାନ୍ତି, ସୁବ୍ରତ ଦାସ, ପ୍ରୀୟବ୍ରତ ମିଶ୍ର, ଦିଲ୍ଲିପ ପାଣିଗ୍ରାହୀ, ରିତ ଦାସ, ଲକ୍ଷ୍ମଣ ଜେନା, ଦେବବ୍ରତ ଦେ, ରୂପମ ସ୍ୱାଇଁଙ୍କ ସମେତ ବହୁ ଗଣମାଧ୍ୟମର ଜିଲା ପ୍ରତିନିଧି ମାନେ ଯୋଗଦେଇ ଘଟଣାର ନିନ୍ଦା କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

# ସ୍ଥିତାବସ୍ଥା ବଜାୟ ରଖିବାକୁ କୋର୍ଟର ନିର୍ଦ୍ଦେଶ

ଜଳେଶ୍ୱର,୨୬।୧୨ (ନି.ପ୍ର): ପୁତ୍ରଶୋକରେ ବୁଡିରହିଥିବା ଅସହାୟ ବୃଦ୍ଧ/ବୃଦ୍ଧାଙ୍କୁ ମାନ୍ୟବର କୋର୍ଟ ରାହତ ଦେଇଥିବା ଯୋଗୁଁ ଆଜି ସମଗ୍ର ଜଳେଶ୍ୱର ଅଂଚଳରେ ଆଲୋଚ୍ୟର ବିଷୟ ହୋଇଛି । ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟି ଅଧିନ ଚୁଡାମଣୀପୁର ଗ୍ରାମର ହରିହାର ପଣ୍ଡା (୭୧) ଓ ରତିକଳା ପଣ୍ଡା (୫୬)ଙ୍କୁ ଜଳେଶ୍ୱର ସିଭିଲ ଜଜ୍ (ଜୁନିୟର) ସିଏସ୍.ଏସ୍ ନଂ ୧୮୫/୨୦, ମିସ୍‌କେସ୍ ନଂ ୩୯/୨୦ରେ ଶୁଣାଣି କରି ନିଜ ଘରେ ରହିବା ଲାଗି ସ୍ଥିତାବସ୍ଥା ବଜାଇ ରଖିବାକୁ ଏକ ରାୟ ପ୍ରଦାନ କରିଛନ୍ତି । ଘଟଣାରୁ ପ୍ରକାଶ ନଭେମ୍ବର ୧୭ ତାରିଖ ଦିନ ଶ୍ରୀ ପଣ୍ଡାଙ୍କ ବୋହୂ ଅପରାଜିତା ପଣ୍ଡା ତାଙ୍କ ସହଯୋଗୀ ସୁମି ପଣ୍ଡା, ରାଜୀବ ପଣ୍ଡା, ଯାଦବଚନ୍ଦ୍ର ପଣ୍ଡା, ଶିବନାରାୟଣ ପଣ୍ଡା, କେଶବ ଚନ୍ଦ୍ର ପଣ୍ଡା, ରାକୁ ପଣ୍ଡା, ବିଜୁ ପଣ୍ଡା ଓ ଟିକି ନନ୍ଦଙ୍କ ସହାୟତରେ ନିଜ ସ୍ୱାମୀ ସବ୍ୟସାଚୀ ପଣ୍ଡାଙ୍କୁ ମାରପିଟ କରି ଜବରଦସ୍ତ ଏକ ଚାରିଚକିଆ ଯାନରେ ଶ୍ୱଶୁରଘର ଶାଳିକୋଠକୁ ଉଠାଇ ନେଇଥିଲେ । ଏହି ସମୟରେ ଶ୍ରୀ ପଣ୍ଡା ଝିଅ ଘରୁ ଫେରି ଘଟଣାକୁ ପ୍ରତିବାଦ କରି ବିଫଳ ହୋଇଥିଲେ । ସେହିଦିନ ରାତିରେ ଅଭିଯୁକ୍ତମାନେ ସବ୍ୟସାଚୀ ପଣ୍ଡାଙ୍କୁ ମୁମୂର୍ଷୁ ଅବସ୍ଥାରେ ଚୁଡାମଣିପୁରସ୍ଥିତ ନିଜ ଘରେ ଛାଡି ଦେଇଯାଇଥିଲେ । ସବ୍ୟସାଚୀ ବିଷଜ୍ୱାଳାରେ ଛଟପଟ ହେଉଥିବାରୁ ପ୍ରଥମେ ଜିକେ ଭଞ୍ଜର ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲା । ଚିକିତ୍ସାଧିନ ଅବସ୍ଥାରେ ନଭେମ୍ବର ୨୦ତାରିଖରେ ତାର ମୃତ୍ୟୁ ଘଟିଥିଲା । ଶ୍ୱଶୁର ଘର ଲୋକେ ପୁତ୍ରକୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇ ବିଷ ପିଆଇ ମାରି ଦେଇଥିବା ପିତା ହରିହର ପଣ୍ଡା ଜଳେଶ୍ୱର ଥାନାରେ ଅଭିଯୋଗ କରିଥିଲେ । ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପରବର୍ତ୍ତି ସମୟରେ ଏସ୍‌ପି ବାଲେଶ୍ୱରଙ୍କୁ ଅବଗତ କରାଇଥିଲେ । ପରିବାର ପ୍ରତି ବିପଦ ଥିବା ଜାଣି ଶ୍ରୀ ପଣ୍ଡା କୋର୍ଟର ଦ୍ୱାରସ୍ତ ହେବା ପରେ କୋର୍ଟ ଜଳେଶ୍ୱର ଥାନାକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇ ଘରର ସ୍ଥିତାବସ୍ଥା ବଜାଇ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# 'ସିପିଆଇ'ର ୯୫ତମ ପ୍ରତିଷ୍ଠା ଦିବସ

ବାଲେଶ୍ୱର,୨୬।୧୨ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୯୫ତମ ପ୍ରତିଷ୍ଠା ଦିବସ ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦଳୀୟ ଲାଲ୍ ପାତାକା ଉତ୍ତୋଳନ କରାଯାଇଛି । ଦୀର୍ଘ ୯୫ବର୍ଷର ଗୌରବମୟ ଇତିହାସ ସମ୍ପର୍କରେ ଦଳର ନେତାମାନେ କର୍ମୀମାନଙ୍କୁ ଅବଗତ କରାଇଥିଲେ । ଗତ ୧୯୨୫ ମସିହା ଡିସେମ୍ବର ୨୬ ତାରିଖ ଦିନ କାନପୁର ସହରରେ ଦଳର ଭିତ୍ତିସ୍ଥାପନ କରାଯାଇଥିଲା । ପରାଧୀନ ଭାରତବର୍ଷରେ କମ୍ୟୁନିଷ୍ଟମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସନରେ ଫାଶୀ ଓ ଜେଲଦଣ୍ଡକୁ ହସିହସି ବରଣ କରିଥିଲେ । ସ୍ୱାଧୀନତା ପରେ ସିପିଆଇ ଶ୍ରମିକ, କୃଷକ, ଛାତ୍ର, ମହିଳା ଓ ଶ୍ରମଜୀବୀ ବର୍ଗଙ୍କ ଅଧିକାର ପାଇଁ ସଂଗ୍ରାମ ଜାରି ରଖିଛି । ସମଗ୍ର ବିଶ୍ୱକୁ ପୁଞ୍ଜିବାଦ ମୁକ୍ତ କରିବାକୁ ଉଦ୍ୟମ ଅବ୍ୟାହତ ରଖିଛି । ଆମ ଦେଶର ସରକାର ପୁଞ୍ଜିପତିଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ପ୍ରଚଳିତ ଆଇନଗୁଡ଼ିକୁ ସଂଶୋଧନ କରି ଜନବିରୋଧୀ ଆଇନ ପ୍ରଣୟନ କରୁଛି । ଏହା ବିରୋଧରେ ଦେଶବ୍ୟାପୀ ଜନସାଧାରଣ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଚଳାଇଛନ୍ତି । ଏହିସବୁ ଜନଗଣଙ୍କ ଜୀବନ ଜୀବିକାର ସୁରକ୍ଷାର ଲଢ଼େଇରେ କମ୍ୟୁନିଷ୍ଟମାନେ ଛାମୁଆ ବାହିନୀର ଭୂମିକା ଗ୍ରହଣ କରିବାକୁ ପ୍ରତିଷ୍ଠା ଦିବସ ଅବସରରେ ନେତାମାନେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ସିପିଆଇର ବାଲେଶ୍ୱର ସଦର ଅଞ୍ଚଳ କମିଟି ତରଫରୁ ଚାନ୍ଦିପୁର ସୋନାପୁରରେ ପାର୍ଟିର ଲାଲ୍ ପତାକାକୁ ନାରୀନେତ୍ରୀ ସୁହାଗୀ ମାଝି ଉତ୍ତୋଳନ କରିଥିଲେ । ଉତ୍କଳ ମହିଳା ସମିତିର ଜିଲ୍ଲା ସଂପାଦିକା ବନ୍ଦନା ବିଶ୍ୱାସ ଓ ଭାରତୀୟ କ୍ଷେତମଜଦୂର ୟୁନିୟନ୍‌ର ସଂପାଦକ ପାର୍ଟିର ଇତିହାସ ସଂପର୍କରେ ବକ୍ତବ୍ୟ ଦେଇଥିଲେ ।

# ଉମାକାନ୍ତ ମେମୋରିଆଲ ଟି୨୦ କ୍ରିକେଟ: ଫ୍ୟୁରିୟସ୍ ଆଟାକ୍ ଭଦ୍ରକ ବିଜୟୀ



ଭଦ୍ରକ,୨୬।୧୨ (ନି.ପ୍ର): ଭଦ୍ରକ ବ୍ଲକ ପାଞ୍ଚପଡା ଗ୍ରାମରେ ଉମାକାନ୍ତ ମେମୋରିଆଲ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି । ଉଦ୍‌ଘାଟନୀ ମ୍ୟାଚ ବନ୍ଧଗାଁ ବଜରଙ୍ଗବାଲି କ୍ରିକେଟ ଟିମ୍ ଓ ଭଦ୍ରକର ଫ୍ୟୁରିୟସ ଅଟାକ୍ ଟିମ ସହିତ ଖେଳାଯାଇଥିଲା । ବନ୍ଧଗାଁ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୧୦୫ ରନ କରି ଅଲ୍ ଆଉଟ ହୋଇ ଯାଇଥିଲେ । ଦଳ ପକ୍ଷରୁ ମାନସ ମଲ୍ଲିକ ସର୍ବାଧିକ ୩୮ ରନ କରିଥିବା ବେଳେ ଭଦ୍ରକ ପକ୍ଷରୁ ରୀତିକ ସାହୁ ୫ ଉଇକେଟ ନେଇଥିଲେ । ୧୦୬ ରନ୍‌ର ପିଛା କରି ଭଦ୍ରକ ଦଳ ୧୦ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ଦଳ ପକ୍ଷରୁ ରୀତିକ ସାହୁ ୫୮ ରନ କରି ଦଳକୁ ବିଜୟୀ କରିଥିଲେ । ରୀତିକଙ୍କ ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାରୀନେତ୍ରୀ ମନସ୍ମିତା ଖୁଣ୍ଟିଆ ଯୋଗ ଦେଇ ଯୁବ କ୍ରିକେଟିୟର ଉମାକାନ୍ତଙ୍କ ସ୍ମୃତିରେ ସ୍ଥାନୀୟ ଯୁବକମାନେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବା କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଭାବେ ରାମଚନ୍ଦ୍ର ନାୟକ ଯୋଗ ଦେଇଥିଲେ । ଆଜିର ଖେଳକୁ ଅନିଲ ମହାନ୍ତି ଏବଂ ରବୀନ୍ଦ୍ର କୁମାର ମହାନ୍ତି ଅମ୍ପାୟାର ଭାବେ ପରିଚାଳନା କରିଥିଲେ ।

# ୧୯୯୪ ମସିହା ମ୍ୟାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

ଧର୍ମଶାଳା,୨୬।୧୨ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଝାଲପଡା ବ୍ଲକ କାକୁଡିକୁଦ- ନିଳକଣ୍ଠପୁରସ୍ଥ ସତ୍ୟସାଇ ଉଚ୍ଚ ବିଦ୍ୟାଳୟର୧୯୯୪ ମସିହା ମ୍ୟାଟ୍ରିକ ବ୍ୟାଚର ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସତ୍ୟ ସାଇ ଖେଳ ପଡିଆରେ ପୁରାତନ ଛାତ୍ର ପ୍ରମୋଦ ସାହୁଙ୍କ ତତ୍ତ୍ୱାବଧାନରେ ଏହି ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ପୁରାତନ ଛାତ୍ରମାନେ ଯୋଗ ଦେଇ ନିଜ ନିଜର ଅନୁଭୂତି ପ୍ରଦାନ କରିଥିଲେ । ପୁରାତନ ଛାତ୍ର ସଂଗଠନକୁ ସୁଦୃଢ଼ କରିବାକୁ ସଙ୍କଳ୍ପ ନେଇଥିଲେ ।

# ଜନତା ସେବା କେନ୍ଦ୍ର ତରଫରୁ କମ୍ବଳ ବଣ୍ଟନ




ଭଦ୍ରକ,୨୬।୧୨ (ନି.ପ୍ର): ଜନତା ସେବା କେନ୍ଦ୍ର, ଚରମ୍ପା କାର୍ଯ୍ୟାଳୟ ପରିସରରେ ବଡଦିନ ଅବସରରେ ଗରିବ ନିଃସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ସେବା କେନ୍ଦ୍ରର ସଭାପତି ବିଶ୍ୱନାଥ ଅଗ୍ରୱାଲଙ୍କ ଉଦ୍ୟମରେ କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ମହାପାତ୍ର, ଉପଦେଷ୍ଟା ନିରାକାର ଜେନାଙ୍କ ପୌରୋହିତ୍ୟରେ ଡଗରାସାହି, ବଉଳପୋଖରୀ, ବାଲାଜୀ ସାହି, ନୂଆପୋଖରୀ, ବରାଳପୋଖରୀ, ଥୋରଦା, ରମ୍ଭିଳା ପ୍ରଭୃତି ଗ୍ରାମମାନଙ୍କରୁ ଆସିଥିବା ଗରିବ ଅସହାୟ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା । ଏହି ଅବସରରେ ୫୦ ଜଣଙ୍କୁ କମ୍ବଳ ଦିଆ ଯାଇଥିଲା । ଆଗାମୀ ଦିନରେ ଏହି ସେବାକେନ୍ଦ୍ର ପକ୍ଷରୁ ଗରିବ ଅସହାୟଙ୍କ ପାଇଁ ଆହୁରି ସେବା ମୂଳକ କାର୍ଯ୍ୟ କରାଯିବ ବୋଲି ଉତ୍ସବରେ ଯୋଗ ଦେଇଥିବା ସେବା କେନ୍ଦ୍ରର ସଦସ୍ୟ ଓ କର୍ମକର୍ତ୍ତା ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପଦେଷ୍ଟା କୁଳମଣି ବେହେରା, ସମ୍ପାଦକ ଲକ୍ଷ୍ମୀଧର ଦାସ, ସହସମ୍ପାଦକ ରମେଶ ପ୍ରସାଦ ମହାନ୍ତି, କୋଷାଧକ୍ଷ ରତ୍ନାକର ହାତୀ, ସଦସ୍ୟ କହ୍ନେଇ ଚରଣ ମହାପାତ୍ର, ସୁଶାନ୍ତ ଚୌଧୁରୀ, ସୁବ୍ରତ ଦାସ, ଆପା ରାଓ, ନରେନ୍ଦ୍ର ସାହୁ, ଗୟାଧର ସାହୁ, ବାବୁଲି ସାହୁ, ଶେଖ୍ ଚାନ୍ଦ, ମହେଶ ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ବିତର୍କ: ବନ୍ଦ ନା ମିଶ୍ରଣ

( ପୃଷ୍ଠା ୫ର ଅବଶିଷ୍ଟ) ଯଦି ସରକାର ପ୍ରତ୍ୟେକ ପଡାରେ ବିଦ୍ୟାଳୟ ଖୋଲିବା ଭଳି ଅପରିପକ୍ୱ ନିଷ୍ପତିକୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ,ତେବେ ବିରୋଧୀ ମାନେ ତାଙ୍କୁ ସହଯୋଗ କରନ୍ତୁ । ଯଦି ବିରୋଧ କରିବାର ଅଛି,ଶିକ୍ଷକ ମାନଙ୍କୁ ଶିକ୍ଷାଦାନ ବ୍ୟତୀତ ଅନ୍ୟ ସମସ୍ତ ଅଣଶୈକ୍ଷିକ କାର୍ଯ୍ୟ ଭାରରୁ ନିବୃତି ର ଦାବି କରନ୍ତୁ । ସମସ୍ତ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତିର ଦାବି କରନ୍ତୁ । ଖାଲି ପଡିଥିବା ଶହଶହ ପ୍ରଧାନ ଶିକ୍ଷକ ଓ କିରାଣୀ ପଦବୀ ଗୁଡିକ ଯୁଦ୍ଧକାଳୀନ ଭିତିରେ ପୂରଣ କରିବାର ଦାବି କରନ୍ତୁ । ଅଭିଭାବକ ମାନେ ସରକାରୀ ବିଦ୍ୟାଳୟ ପ୍ରତି କାହିଁକି ବିମୁଖ ହେଉଛନ୍ତି ବୋଲି, ସାମ୍ବାଦିକ ମନୋରଂଜନ ମିଶ୍ରଙ୍କ ପ୍ରଶ୍ନର ଉତରରେ ଶିକ୍ଷା ମନ୍ତ୍ରୀ ମହୋଦୟ କହିଥିଲେ ଭୁଲ କଥା । ଆମେ ଯେଉଁ ଆଦର୍ଶ ବିଦ୍ୟାଳୟ ଖୋଲିଛୁ,ସେଥିରେ ଏତେ ଅଧିକ ପିଲା ହେଉଛନ୍ତି ଯେ ଆମେ ପ୍ରବେଶିକା ପରୀକ୍ଷା କରି ପିଲା ନେଉଛୁ । କିନ୍ତୁ ଗୋଟିଏ କଥା ମନକୁ ଆସେ,ପ୍ରବେଶିକା ପରୀକ୍ଷା କରି ମେଧାବୀ ଛାତ୍ର ମାନଙ୍କୁ ନେଇ,ଆଦର୍ଶ ଦେଖାଇବା କିଛି ବଡ କଥା ନୁହେଁ,ବଡ କଥା ହେଉଛି,ଆର୍ଥିକ ଅନଗ୍ରସର,ଶିକ୍ଷା କ୍ଷେତ୍ରରେ ଦୁର୍ବଳ ପିଲାମାନଙ୍କୁ ନେଇ, ଯଦି କିଛି କରି ପାରନ୍ତେ,ତେବେ ଆଦର୍ଶ ବିଦ୍ୟାଳୟର ଆଦର୍ଶତା ପ୍ରମାଣ ହୋଇପାରନ୍ତା । ତେବେ ଆଦର୍ଶ ବିଦ୍ୟାଳୟରେ କେବଳ ମେଧାବୀ ଛାତ୍ର ପଢିବେ ଏବଂ ଅନାଦର୍ଶ ବିଦ୍ୟାଳୟରେ ଦୁର୍ବଳ ଛାତ୍ର ପଢିବାର ପରିକଳ୍ପନା କେତେଦୁର ସମୀଚୀନ । ବିରୋଧୀ ମାନଙ୍କ ହୋହଲ୍ଲା ଫଳରେ,ମିଶ୍ରଣ ଛାତ୍ର ସଂଖ୍ୟା ୨୦ରୁ ୧୫କୁ ଖସାଯାଇଛି । କଣ ଫରକ ପଡିବ ଏହି ସଂଖ୍ୟାକୁ ୨୦ରୁ ୧୫କୁ ଖସାଇଦେଲେ ? ରାଜ୍ୟର ଏହି ଦୁର୍ବଳ ଶିକ୍ଷା ବ୍ୟବସ୍ଥା ପରିପ୍ରେକ୍ଷୀରେ, ନବ ପ୍ରବର୍ତ୍ତିତ ଜାତୀୟ ଶିକ୍ଷାନୀତି କେତେଦୁର ଫଳପ୍ରଦ ହୋଇପାରିବ ,ତାହାହିଁ ଆଜିର ବିଚାର୍ଯ୍ୟ ବିଷୟ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

# ପୁଣି ବ୍ରହ୍ମପୁରରେ ଚାଷୀ ଉତ୍ତେଜନା

## ଧାନ ଶୀଘ୍ର ନ ଉଠିଲେ ପରିସ୍ଥିତି ଅସମ୍ଭାଳ ହେବ: ଚାଷୀ




ଭଦ୍ରକ,୨୬।୧୨ (ନି.ପ୍ର): ଭଦ୍ରକ ବ୍ଲକ ବ୍ରହ୍ମପୁର ପଞ୍ଚାୟତରେ ଚାଷୀଙ୍କ ଧାନ କିଣା ବିବାଦ ଥମିବାର ନାଁ ଧରୁନାହିଁ । ପଞ୍ଚାୟତରେ ଆଜି ପୁଣି ଚାଷୀ ଉତ୍ତେଜନା ଦେଖା ଦେଇଛି । ପୁଲିସ ଉପସ୍ଥିତିରେ ବୁଝାସୁଝା ପରେ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଛି । ଧାନ ରଖିଥିବା ଚାଷୀମାନେ ଧାନ ତଦାରଖ ପାଇଁ ସେଠାରେ ପହଞ୍ଚିଥିବା ସରକାରୀ ଅଧିକାରୀଙ୍କୁ ଆତ୍ମହତ୍ୟା କରିବାର ଧମକ ଦେବା ସହିତ ଧାନ ନ ଉଠିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି । ପ୍ରକାଶ ଯେ ବ୍ରହ୍ମପୁର ସେବା ସମବାୟ ସିମତିକୁ ଧାନ କିଣାରୁ ବାଦ୍ ଦେଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ କିଣା ଅନୁମତି ଦିଆଯାଇଥିବା ନେଇ ସୃଷ୍ଟି ହୋଇଥିବା ବିବାଦ ଶେଷ ହେଉନାହିଁ । ବ୍ରହ୍ମପୁର ପଞ୍ଚାୟତର ବରାଙ୍ଗ ଗ୍ରାମଠାରେ ହଜାର ହଜାର ବସ୍ତା ଧାନ ଏକ ଖଳାରେ ଜମା ହୋଇ ରହିଥିବା ଖବର ପାଇ ଗତକାଲି ଯୋଗାଣ ବିଭାଗ ସେଠାରେ ପହଞ୍ଚିଥିଲା । ମାତ୍ର ସେତେବେଳେ ଉକ୍ତ ଧାନ ପାଖରେ କେହି ଲୋକ ନ ଥିବାରୁ ଯୋଗାଣ ବିଭାଗ ପକ୍ଷରୁ ପୁଲିସ ଡକାଇ ରାତିରେ ଧାନକୁ ଜଗି ରଖିଥିଲେ । ଉକ୍ତ ଧାନ କାହାର ତଦାରଖ ପାଇଁ ଆଜି ତହସିଲଦାର, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରମୁଖ ବରାଙ୍ଗ ଧାନ ଖଳାରେ ପହଞ୍ଚିଥିଲେ । ଏହି ଖବର ପାଇ ଶହ ଶହ ସଂଖ୍ୟାରେ ଚାଷୀ ସେଠାରେ ପହଞ୍ଚି ଅଧିକାରୀଙ୍କୁ ଘେରିବା ସହ ଧାନ ସେମାନଙ୍କର, ସେମାନେ କେଉଁଠି ରଖିଲେ ସେ ନେଇ ପ୍ରଶାସନ କାହିଁକି ମୁଣ୍ଡ ପୁରାଉଛି ବୋଲି ପ୍ରଶ୍ନ କରିଥିଲେ । ଫଳରେ ସେଠାରେ ଉତ୍ତେଜନା ମୂଳକ ପରିସ୍ଥିତି ଦେଖା ଦେଇଥିଲା । ଖବର ପାଇ ବ୍ରହ୍ମପୁର ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ତଥା ଚାଷୀ ନେତା ହେମନ୍ତ ପାତ୍ରୀ ଘଟଣା ସ୍ଥଳରେ ପହଞ୍ଚି ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ୩ ଦିନ ତଳେ ହୋଇଥିବା ରାସ୍ତାରୋକୋ ଆନ୍ଦୋଳନ ବେଳେ ଚାଷୀ ଆଣିଥିବା ଧାନବସ୍ତାକୁ ସେଠାରେ ରଖା ଯାଇଥିବା ସରକାରୀ ଅଧିକାରୀମାନେ ଅବଗତ ହୋଇଥିଲେ । ଉପସ୍ଥିତ ଚାଷୀମାନେ ତୁରନ୍ତ ସେମାନଙ୍କ ଧାନ ସରକାର କିରନ୍ତୁ ବୋଲି ଦାବୀ କରିଥିଲେ । ତୁରନ୍ତ ଧାନ ନ କିଣିଲେ ଚାଷୀ ଆତ୍ମହତ୍ୟା କରିବାକୁ ପଛାଇବେ ନାହିଁ ବୋଲି ମଧ ଧମକ ଦେଇଥିଲେ । ତେବେ ୭/୮ ଦିନ ମଧ୍ୟରେ ଧାନ କିଣା ହେବ ବୋଲି ଅଧିକାରୀମାନେ ପ୍ରତିଶୃତି ଦେବା ପରେ ପରସ୍ଥିତି ନିୟନ୍ତ୍ରଣ ହୋଇଥିଲା ।

## ବରଣ୍ଡୁଆରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଓ ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବାସୁଦେବପୁର,୨୬ା୧୨ (ନି.ପ୍ର): ବରଣ୍ଡୁଆ ଜଗବନ୍ଧୁ ବିଦ୍ୟାପୀଠ ଓ ଲକ୍ଷ୍ମୀଦେଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଗବନ୍ଧୁ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ସାହୁ ଏଥିରେ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ସ୍ୱାଇଁ, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଜିଲ୍ଲାପରିଷଦ ସଦସ୍ୟ ସୂର୍ଯ୍ୟକାନ୍ତ ସେଠୀ, କବି ରଘୁନାଥ ମହାନ୍ତି, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ମନୋଜ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ସହକାରୀ ଶିକ୍ଷକ ଜିତେନ୍ଦ୍ର କୁମାର ନାୟକ ସଭାପରିଚାଳନା ଓ ବିଦ୍ୟାଳୟର ପୂର୍ବ ବିବରଣୀ ପାଠ କରିଥିଲେ । ବିଦ୍ୟଳୟର ପୁରାତନ ଛାତ୍ର ପୀତାମ୍ୱର ମହାନ୍ତି, ମୁରଲୀଧର ମହାନ୍ତି, ମନୋଜ କୁମାର ସାହୁ ପ୍ରମୁଖ ସୁବର୍ଣ୍ଣ ଜୟନ୍ତୀର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଆଗାମୀ ଦିନରେ ବରଣ୍ଡୁଆ ଜଗବନ୍ଧୁ ଉଚ୍ଚ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ଓ ଲକ୍ଷ୍ମୀଦେଇ ନୋଡାଲ ବିଦ୍ୟାଳୟର ଶତବାର୍ଷିକୀ ପାଳନ ପାଇଁ ସ୍ଥିର କରାଯାଇଥିଲା । ଖୁବ୍ ଶୀଘ୍ର ଅଳ୍ପ ଦିନ ମଧ୍ୟରେ ଏହି ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦ ତରଫରୁ ଏକ କମିଟି ଗଠନ କରାଯିବ ଓ ଏହି କମିଟି ଦ୍ୱାରା ସୁବର୍ଣ୍ଣ ଜୟନ୍ତୀର ସମସ୍ତ କାର୍ଯ୍ୟକ୍ରମର ଖସଡା ପ୍ରସ୍ତୁତ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା । ୧୯୭୦ ମସିହାରେ ବରଣ୍ଡୁଆ ଜଗବନ୍ଧୁ ଉଚ୍ଚ ବିଦ୍ୟାପୀଠ ଓ ୧୯୦୪ ମସିହାରେ ଲକ୍ଷ୍ମୀଦେଇ ମଧ୍ୟଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଅନେକ ପୁରାତନ ଛାତ୍ର ଛାତ୍ରୀ ଏହି ବିଦ୍ୟାଳୟରେ ପାଠ ପଢି ଓଡିଶାରେ ତଥା ଭାରତ ବର୍ଷରେ ଚାକିରୀ କରି ପ୍ରତିଷ୍ଠିତ ହୋଇ ସୁନାମ ଅର୍ଜନ କରିଛନ୍ତି । ଏହି ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ଓ ମୋ ସ୍କୁଲ କାର୍ଯ୍ୟକ୍ରମ କିପରି ଭାବେ ସଫଳତା ପାଇବ ସେ ସଂପର୍କରେ ସମସ୍ତଙ୍କର ଉଦ୍ୟମ ଜାରି ରହିବ ବୋଲି ସମସ୍ତ ପୁରାତନ ଛାତ୍ର ଛାତ୍ରୀ ମତପ୍ରକାଶ କରିଥିଲେ । ବିଦ୍ୟାଳୟର ଶିକ୍ଷୟତ୍ରୀ ରଶ୍ମିରଂଜିତା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

## କବି ଦିଲ୍ଲୀପ ରଥଙ୍କ ଡକ୍ଟରେଟ ଲାଭ



ବାଲେଶ୍ୱର,୨୬ା୧୨ (ନି.ପ୍ର): ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପକ ବିନୋଦ ବିହାରୀ ଆଂଚଳିକ ମହାବିଦ୍ୟାଳୟ, ରାସଗୋବିନ୍ଦପୁର, ମୟୂରଭଂଜରେ କର୍ମରତ କବି, ନାଟ୍ୟକାର ଦିଲ୍ଲୀପ ରଥ, ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ କବି ଆଲୋଚକ ପ୍ରଫେସର ନିରଞ୍ଜନ ମହାନ୍ତି, ବିଶ୍ୱଭାରତୀ, ଶାନ୍ତି ନିକେତନଙ୍କ ସାହିତ୍ୟରେ ଗବେଷଣା କରି ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱରରୁ ଡକ୍ଟରେଟ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ନିରବତା ଓ ଜୀବନ ଦର୍ଶନ ଉପରେ ସମ୍ବଳିତ ତାଙ୍କ ସଂଦର୍ଭ- A Journey by silence A Study on Niranjan Mohanty Poetic Vision and art" ପ୍ରଫେସର ବାଣୀବ୍ରତ ମହନ୍ତ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବାରଣାସୀ, ଉତ୍ତରପ୍ରଦେଶ ଓ ଡ. ଅନୁରାଗ ଚୌହାନ, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼ ଦ୍ୱାରା ପରୀକ୍ଷା ନିରୀକ୍ଷା ହୋଇଛି । ସିଦ୍ଧେଶ୍ୱର ମହାବିଦ୍ୟାଳୟ, ଅମର୍ଦ୍ଦା ରୋଡ଼, ବାଲେଶ୍ୱରର ଇଂରାଜୀ ଭାଷା ସାହିତ୍ୟ ମୁଖ୍ୟ ଡ. ମାନସ ରଂଜନ ସାମଲଙ୍କ ତଥା ଆଲୋଚକ ସମାଲୋଚକଙ୍କ ପ୍ରତ୍ୟକ୍ଷ ଦିଗ୍‌ଦର୍ଶନରେ ସେ ଗବେଷଣା କରୁଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରର ଇଂରାଜୀ ବିଭାଗ ପ୍ରଫେସର ଅସୀମ ରଂଜନ ପାଢ଼ୀ, ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ, ମିତ୍ରପୁର ଓ ବାଲେଶ୍ୱରର ଅମିତ ସାହୁ ତାଙ୍କୁ ତଥ୍ୟ ପ୍ରଦାନ କରିଥିଲେ ।

ନାଟ୍ୟକାର କବି ଡ. ରଥ କୁଅଁରପୁର, ରସାଳପୁର, ବାଲେଶ୍ୱରର ସ୍ୱର୍ଗତ ପର୍ଶୁରାମ ରଥ, କମଳିନୀ ରଥଙ୍କ ଜ୍ୟେଷ୍ଠ ପୁତ୍ର, ତୁଣ୍ଡରା ଗ୍ରାମ ପଂଚାୟତର କୃତବିଦ୍ୟ ଶିକ୍ଷକ ଶ୍ରୀଯୁକ୍ତ ରଘୁନାଥ ଶତପଥୀ, ବିଶ୍ୱନାଥ ଶତପଥିଙ୍କ ଭଣଜା ଓ ନାଟ୍ୟାଭିନେତା ନିର୍ଦ୍ଦେଶକ ରଘୁନାଥ ରଥଙ୍କ ପୁତୁରା ତଥା ରସାଳପୁର ଗ୍ରାବ-ପଂଚାୟତର ପୂର୍ବତନ ସରପଂଚ ସ୍ୱର୍ଗତ ରାଧାରଂଜନ ପାଣିଙ୍କ ଜାମାତା ଅଟନ୍ତି ।

ଏ ସଫଳତାର ଶ୍ରେୟ କବି ଶ୍ରୀ ରଥ ତାଙ୍କ ଜେଜେ ସ୍ୱର୍ଗତ ବୈଷ୍ଣବ ରଥ, ଜେଜୀମା ଉଷାରାଣୀ ରଥ, କାର୍ଯ୍ୟରତ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ନୃସିଂହ କୁମାର ଘୋଷ, ସଂପାଦକ ଡ. ଆଦିତ୍ୟ ପଟ୍ଟନାୟକ, ରାସଗୋବିନ୍ଦପୁରର ସୁଧିଜନେ, ପ୍ରିୟ ଛାତ୍ରଛାତ୍ରୀ ତଥା ବନ୍ଧୁବତ୍ସଳ ଛଳନାହୀନ ମଣିଷ ଓ ନିଜ ଗାଆଁ ମାଟି ବନ୍ଧୁ, ଭାଇଭଉଣୀ, ଆତ୍ମୀୟ ସ୍ୱଜନ ସର୍ବୋପରି ସକରାତ୍ମକ ଚିନ୍ତାଧାରାର ପ୍ରତୀକ ଅମୃତ ଅଭିଷେକଙ୍କୁ ପ୍ରଦାନ କରିଛନ୍ତି ।

ଓଡ଼ିଶା ଏସୋସିଏସନ ଫର ଇଂଲିସ ଷ୍ଟଡିଜ୍, ବାଲେଶ୍ୱରକୁ କୃତଜ୍ଞତା ଜ୍ଞାପନ କରିବା ସହ ଶ୍ରୀ ରଥ ପରମ ଦୟାଳ, ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ନିକଟରେ ସମର୍ପିତ ଅଟନ୍ତି ।

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ବାର୍ଷିକ ସାଧାରଣ ସଭା ୧ରେ

ବାଲେଶ୍ୱର,୨୬ା୧୨ (ନି.ପ୍ର): ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ଚଳିତବର୍ଷର ସାଧାରଣ ସଭା ଆସନ୍ତା ଜାନୁୟାରୀ ୧ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ପାଇଁ ନିଷ୍ପତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ କମିଟିର ସଭାପତି ପ୍ରଫେସର ଅନନ୍ତ କୁମାର ପ୍ରଧାନଙ୍କ ଅଧିକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଏଥିରେ ଯୋଗଦେଇ ବାର୍ଷିକ ସାଧାରଣ ସଭା ଆୟୋଜନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ୧ ତାରିଖ ପୂର୍ବାହ୍ନରେ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା କାର୍ଯ୍ୟାଳୟ ସ୍ଥାନୀୟ ତାରିଣୀ ନର୍ସିଂହୋମ୍ ପରିସରରେ ଏହି ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହେବ । କୋଭିଡ କଟକଣା ଦୃଷ୍ଟିରୁ ଚଳିତବର୍ଷ ବାର୍ଷିକ ସମ୍ମିଳନୀ ହୋଇ ନ ପାରିବାରୁ ମୁଖପତ୍ର ପ୍ରକାଶନ ଓ ପ୍ରତିବର୍ଷଭଳି ଆଡ଼ମ୍ବରପୂର୍ଣ୍ଣ ସମ୍ମିଳନୀ କାର୍ଯ୍ୟକ୍ରମକୁ ବାତିଲ ପାଇଁ ଏଥିରେ ନିଷ୍ପତି ନିଆଯାଇଛି । ସମସ୍ତ ବ୍ଲକ୍ ଓ ଶାଖା କମିଟି ପ୍ରଭୃତିରୁ କର୍ମକର୍ତ୍ତାମାନେ ପ୍ରତିନିଧିଭାବେ ଯୋଗଦେବାକୁ ନିବେଦନ କରାଯାଇଛି । ବାର୍ଷିକ ଆୟବ୍ୟୟ, ଆଗାମୀ ବର୍ଷର କାର୍ଯ୍ୟକ୍ରମ, କ୍ରିୟାନୁଷ୍ଠାନ କମିଟିର ସଂବିଧାନ ସଂଶୋଧନ, ନିର୍ମାଣାଧିନ ମେଡିକାଲ୍ କଲେଜ୍ ହସ୍‌ପିଟାଲ୍ ନିକଟରେ ରୋଗୀମାନଙ୍କ ଆଟେଣ୍ଡାଣ୍ଟ୍‌ମାନଙ୍କ ବିଶ୍ରାମସ୍ଥଳୀ ନିର୍ମାଣ ଓ ଜିଲ୍ଲାର ସାମଗ୍ରିକ ସ୍ୱାସ୍ଥ୍ୟସେବା ସଂପର୍କରେ ଏହି ସାଧାରଣ ସଭାରେ ଆଲୋଚନା ହୋଇ ନିଷ୍ପତ୍ତି ଗ୍ରହଣ କରାଯିବ । ଫକୀରମୋହନ ମେଡିକାଲ୍ କଲେଜ୍‌ରେ ଡାକ୍ତରୀ ଶିକ୍ଷାଦାନ ପାଇଁ ସିଟ୍ ସଂଖ୍ୟା ୧୫୦କୁ ବୃଦ୍ଧି କରିବାପାଇଁ କମିଟିର ଗତ ଦୁଇବର୍ଷର ଦାବି ଉପରେ ଗଣତାନ୍ତ୍ରିକ ଆନ୍ଦୋଳନ ପାଇଁ ଏହି ସାଧାରଣ ସଭାରେ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଧାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । କ୍ରିୟାନୁଷ୍ଠାନ କମିଟିର ପ୍ରାକ୍ତନ ସଭାପତି ସ୍ୱର୍ଗତ ଡାକ୍ତର ହରିଶ୍ଚନ୍ଦ୍ର ଜେନାଙ୍କ ଜନ୍ମଦିନ ପ୍ରତିବର୍ଷଭଳି ଉକ୍ତ ସାଧାରଣ ସଭାଦିନ ପାଳିତ ହେବ । କ୍ରିୟାନୁଷ୍ଠାନ କିମଟିର ସାଧାରଣ ସଂପାଦକ ନିରଞ୍ଜନ ପରିଡ଼ାଙ୍କ ସମେତ ପ୍ରଭାକର ସାହୁ, ସୀତାରାମ ପ୍ରଧାନ, ନିରଞ୍ଜନ ରାଉତ, ଗୌରାଙ୍ଗ ପାଣିଗ୍ରାହୀ, ଇଂ. ବନମାଳୀ ନାୟକ, ଡା. ତାରାକାନ୍ତ ନନ୍ଦ, ଶ୍ୟାମସୁନ୍ଦର ଜେନା, ସରସ୍ୱତୀ ପଣ୍ଡା, ବନ୍ଦନା ବିଶ୍ୱାସ, ଜ୍ୟୋସ୍ନା ପାଣି, ବିଜନ ଦେ, ପ୍ରସନ୍ନ କୁମାର ପାଢ଼ୀ, ରବି ପାଣିଗ୍ରାହୀ ଓ ଜତିନ୍ ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସ୍ୱର୍ଣ୍ଣଲତା ସ୍ୱାଇଁ ଶେଷରେ ଧନ୍ୟବାଦ ଦେଇଥିଲେ ।



## ୨୦୦୬ ବ୍ୟାଚର ପୋଲିସ କର୍ମଚାରୀ ବନ୍ଧୁ ମିଳନ

ବାରିପଦା,୨୬ା୧୨ (ନି.ପ୍ର): ମୟୂରଭ ଜିଲ୍ଲା ବାରିପଦା ଷ୍ଟେସନ ବଜାର ବିବାହ ମଣ୍ଡପ ଠାରେ ୨୦୦୬ ବ୍ୟାଚର ପୋଲିସ କର୍ମଚାରୀ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୯୧ଜଣ ପୁରୁଷ ଓ ୪୫ ଜଣ ମହିଳା କର୍ମଚାରୀଙ୍କୁ ମିଶାଇ ମୋଟ ୧୩୬ ଜଣ ପୋଲିସ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରିଜର୍ଭ ଇନ୍ସପେକ୍ଟର କୁଳମଣୀ ଗିରି ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ସରଜେଣ୍ଟ ଜନାର୍ଦ୍ଦନ ନାୟକ ଯୋଗ ଦେଇଥିଲେ । ପ୍ରଥମେ ଶହୀଦ ପୋଲିସ କର୍ମଚାରୀ ମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ।

## ଦୀନକୃଷ୍ଣ କଲେଜ ୧୯୮୮ ବ୍ୟାଚ୍‌ର ବଂଧୁମିଳନ ଉତ୍ସବ



ଜଳେଶ୍ୱର, ୨୬/୧୨ (ନିପ୍ର) : ଆଜକୁ ୧୦ବର୍ଷ ଧରି ପ୍ରତିବର୍ଷ ଡିସେମ୍ବର ୨୫ ତାରିଖରେ ଦୀନକୃଷ୍ଣ କଲେଜର ୧୯୮୮ ବେଚ୍‌ର ବଂଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇ ଆସୁଛି । ଚଳିତବର୍ଷ ଶିଖରପୁରସ୍ଥିତ ନଦୀତଟରେ କୋଭିଡ୍-୧୯ ନିୟମ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବଂଧୁମିଳନ ଉତ୍ସବରେ କେନ୍ଦୁଝରର ଡିପିସି ପୂର୍ଣ୍ଣଚନ୍ଦ୍ର ସେଠୀ ପୌରହିତ୍ୱ କରିଥିଲେ । ପ୍ରାରମ୍ଭରେ ଦିବଂଗତ ବଂଧୁ ବ୍ରହ୍ମାନନ୍ଦ ନାୟକ, ମାଧବ ଚନ୍ଦ୍ର ଘଡେଇ, ବାସୁଦେବ ଗିରିଙ୍କ ଉଦ୍ଦେଶ୍ୟରେ ୧ ମିନିଟି ନିରବ ପ୍ରାର୍ଥନ କରାଯାଇଥିଲା । ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । କବିତା ପାଠୋତ୍ସବ ସହିତ ଆଗାମୀ ଦିନରେ ଏକ ସ୍ମରଣୀକା ପ୍ରକାଶ ପାଇବା ସହିତ ଅଧିକ ବଂଧୁ ମାନଙ୍କୁ ଯୋଡିବାର ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ସେଠୀ, ସୁଧାଂଶୁ ଜେନା, ବଂଶୀଧର ବାରିକ, ଅନନ୍ତ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଗିରି, କେଦାର ନାଥ ଦତ୍ତ, ସୁଜୟ କୁମାର ଦେ, ସଂଜିବ କୁଅଁର, ଗୋପାଳ ଗୋପ୍ତା, ଦିଲ୍ଲିପ ସେଠୀ, କମଳାକାନ୍ତ ସେଠୀ, ଶ୍ୟାମ କୁମାର କର, ବିବେକାନନ୍ଦ ଗିରି, ଜିତେନ୍ ଗିରି ଉପସ୍ଥିତ ଥିବା ବେଳେ ସଂପାଦକ ବଂଶୀଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ

ଭୁବନେଶ୍ୱର,୨୬ା୧୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୪ ଜଣଙ୍କୁ ଗିରଫ କରିଥିବା ବେଳେ ୬୩୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୮,୨୪,୦୪୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଦୀନକୃଷ୍ଣ ମହାବିଦ୍ୟାଳୟର ଆଲୁମିନି ବୈଠକ

ଜଳେଶ୍ୱର, ୨୬/୧୨ (ନିପ୍ର) : ସରକାର ମହାବିଦ୍ୟାଳୟ ଗୁଡିକର ଶୈକ୍ଷିକ ମାନ, ଭିତ୍ତିଭୂମୀର ବିକାଶ ଏବଂ ଉତ୍ତମ ପରିବେଶ ସୃଷ୍ଟି କରିବାଲାଗି ଆଲୁମିନି ଗଠନ କରିବାଲାଗି ନିର୍ଦ୍ଦେଶ ଦେଇଛନ୍ତି । ପୁରାତନ ଛାତ୍ରୀଛାତ୍ରଙ୍କ ସଂପୃକ୍ତି ଓ ସହାୟତା ଆବଶ୍ୟକତା ଥିବାରୁ ଉତ୍ତର ବାଲେଶ୍ୱରର ସର୍ବ ପୁରାତନ ଦୀନକୃଷ୍ଣ ମହାବିଦ୍ୟାଳୟରେ 'ଆଲୁମିନି ଏସୋସିଏଟ୍ ଡି.କେ.କଲେଜ ଧାନସିମୁଳିଆ' ନାମରେ ଏକ କମିଟି ଗଠନ କରାଯାଇଛି । ଆଜି ଶନିବାର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ କମିଟିର ୩ୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସଭାପତି ଡ. ରମେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିବା ବେଳେ ଡ. ଚିତ୍ତରଂଜନ ଭଂଜ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ହିମାଂଶୁ ସାମଲ, ସୂର୍ଯ୍ୟକାନ୍ତ ମହାନ୍ତି, ଦେବବ୍ରତ ବେରା, କାର୍ଯ୍ୟକାରୀ ସଭାପତି ରମାକାନ୍ତ ଭଂଜ, ଜିତାରାମ ଦେ, ଯୁଗ୍ମ ସଂପାଦକ ପତିତ ପାବନ ପ୍ରଧାନ, କାଳିଚରଣ ଦାସ, କମଳାକାନ୍ତ ଚନ୍ଦ, ରବିନାରାୟଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୋପଳ ପ୍ରସାଦ, ଜୟନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନାରେ ଭାଗ ନେଇଥିଲେ । କମିଟିକୁ ପଂଜିକରଣ କରିବା ଓ ଅଧିକ ସଭ୍ୟ/ସଭ୍ୟା ସଂଗ୍ରହ କରିବାଲାଗି ଆଜି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ମହିଳାଙ୍କୁ ସଶକ୍ତ କରିବା ମୋଦି ସରକାରଙ୍କ ମୂଳସ୍ତମ୍ଭ : ଧର୍ମେନ୍ଦ୍ର



ଢେଙ୍କାନାଳ, ଡ଼ିସେମ୍ବର ୨୬ – ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ପ୍ରଧାନମନ୍ତ୍ରୀ ମୋଦି ମହିଳା ବିରୋଧୀ' କହୁଥିବା ବେଳେ ବାସ୍ତବରେ ପ୍ରଧାନମନ୍ତ୍ରୀ ଭାରତବର୍ଷର ମହିଳା ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ କରିବା ସହ କରୋନା ସମୟରେ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ମାଗଣା ଗ୍ୟାସ, ଜନଧନ ଆକାଉଂଟଧାରୀ ଏବଂ ବିଧବା ମହିଳାଙ୍କୁ ଭତା ଓ ଅନ୍ୟାନ୍ୟ ସହାୟତା ଦେଇଛନ୍ତି । ମହିଳା ମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କର ବିକାଶ କଥା ଚିନ୍ତା କରିବା ମୋଦି ସରକାରଙ୍କ ମୂଳସ୍ତମ୍ଭ ବୋଲି ଶନିବାର ଢେଙ୍କାନାଳର ମିନି ଷ୍ଟାଡ଼ିୟମରେ ଆୟୋଜିତ ବିଶାଳ ଚାଷୀ ସମାବେଶରେ ଉଦବୋଧନ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀ ମୋଦି ମହିଳାଙ୍କ ପାଇଁ ସମଗ୍ର ଭାରତବର୍ଷରେ ସ୍ୱଚ୍ଛ ଭାରତ ଅଭିଯାନରେ ଶୌଚାଳୟ ନିର୍ମାଣ କରୁଛନ୍ତି । ମୋଦି ସରକାରରେ ଓଡ଼ିଶାରେ ୭୭ ଲକ୍ଷ ୧୪ ହଜାର ୮୦୯ଟି ଘର ସହ ଶୌଚାଳୟ ନିର୍ମାଣ କରାଯାଇ ମହିଳାଙ୍କୁ ସମ୍ମାନ ଦେଇଛନ୍ତି । ସେହିପରି କରୋନା ସମୟରେ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ୪୭ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମାଗଣାରେ ୩ଟି ଏଲପିଜି ସିଲିଣ୍ଡରର ବ୍ୟବସ୍ଥା ହୋଇଥିବା ବେଳେ ଓଡ଼ିଶାକୁ କରୋନା ସମୟରେ ୪୪୦ କୋଟି ଟଙ୍କା ବ୍ୟୟରେ ୬୮.୭୯ ଲକ୍ଷ ଏଲପିଜି ସିଲିଣ୍ଡର ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ଇଚ୍ଛାଶକ୍ତି କାରଣରୁ ଆଜି ଦେଶର ମାଆ ଓ ଭଉଣୀମାନେ ଶୌଚ ଏବଂ ଜାଳେଣୀ କାଠ ପାଇଁ ଜଙ୍ଗଲ ଉପରେ ନିର୍ଭର କରୁନାହାନ୍ତି । ରାଜ୍ୟର ୮୫.୨୦ ଲକ୍ଷ ଜନଧନ ଆକାଉଂଟଧାରୀ ମହିଳାଙ୍କୁ ୧୨୫୮.୨୦ କୋଟି ଟଙ୍କା ବ୍ୟାଙ୍କ ଆକାଉଂଟକୁ ଟ୍ରାନ୍ସଫର କରାଯାଇଛି । ଜାତୀୟ ସାମାଜିକ ସୁରକ୍ଷା ଭତା (ଏନଏସଏପି)ର ଯୋଜନାରେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ବିଧବାଙ୍କ ପାଇଁ ୧ ହଜାର ଟଙ୍କାର ବ୍ୟବସ୍ଥା ହୋଇଥିବା ବେଳେ ରାଜ୍ୟରେ ଥିବା ୨୦.୨୭ ଲକ୍ଷ ହିତାଧିକାରୀଙ୍କୁ ୨୦୨.୭୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଓଡିଶାରେ ମିଶନ ଇନ୍ଦ୍ରଧନୁଷରେ ୩.୮ ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁ ଏବଂ ୧.୧୦ ଲକ୍ଷ ଗର୍ଭବତୀ ମହିଳାଙ୍କୁ ଟୀକାକରଣ କରାଯାଇଛି । ଓଡିଶାର ପଛୁଆ ଜିଲ୍ଲା ଯଥା କନ୍ଧମାଳ, କଳାହାଣ୍ଡି, କୋରାପୁଟ, ଢେଙ୍କାନାଳ, ରାୟଗଡା, ବଲାଙ୍ଗୀର, ମାଲକାନଗିରି ଏବଂ ଗଜପତି ଜିଲ୍ଲାର ଗ୍ରାମାଂଚଳର ମହିଳାଙ୍କୁ ଶିକ୍ଷା, ନିଯୁକ୍ତି, ଦକ୍ଷତା ବିକାଶ ପାଇଁ ମହିଳା ଶକ୍ତି କେନ୍ଦ୍ର ପ୍ରତିଷ୍ଠା ପାଇଁ ୭.୭୫ କୋଟି ଦିଆଯାଇଛି । ପୋଷଣ ଅଭିଯାନରେ ଓଡିଶାର ୩୦ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଯୋଜନାରେ କେନ୍ଦ୍ରର ଭାଗ ଅନୁସାରେ ଓଡିଶାକୁ ଏପର୍ଯ୍ୟନ୍ତ ୧୫୧.୭୧ କୋଟି ଟଙ୍କା ଜାରୀ କରାଯାଇଛି । ରାଜ୍ୟର ସମସ୍ତ ଜିଲ୍ଲାରେ ବେଟି ବଚାଓ, ବେଟି ପଢାଓ ଭଳି ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି । ଶିଶୁ କନ୍ୟାଙ୍କ ସୁରକ୍ଷା ପାଇଁ ୯.୪୮ ଲକ୍ଷ ଆକାଉଂଟ ସୁକନ୍ୟା ସମୃଦ୍ଧି ଯୋଜନାରେ ଖୋଲାଯାଇଛି । ବେଟି ବଚାଓ ଏବଂ ବେଟି ପଢାଓ ଓଡିଶାର ଗ୍ରାମାଂଚଳରେ ଆଣିଛି ବଡ ପରିବର୍ତନ ଆଣିଛି ।

## ଟ୍ରଲର ପଛରେ ପିଟିଲା ବାଇକ; ଜଣେ ମୃତ, ଜଣେ ଗୁରୁତର

ବାରିପଦା,୨୬ା୧୨ (ନି.ପ୍ର): ଗତକାଲି ରାତିରେ ମୟୁରଭ ଜିଲ୍ଲା କୁଳିଅଣା ଥାନା ଅନ୍ତର୍ଗତ କୁଚେଇ ଦୁର୍ଗାମଣ୍ଡପ ସାମ୍ନାରେ ଏକ ଟ୍ରଲର ଗାଡ଼ି ଛିଡା ହୋଇ ଥିବା ବେଳେ ସମ ଦିଗରୁ ଏକ ଟିଭିଏସ ଆପାଚି ଗାଡ଼ିରେ ଆସୁଥିବା ବାଇକ ଆରୋହୀ ଟ୍ରଲର ପଛରେ ଧକ୍କା ଦେଇ ଛିଟିକି ପଡ଼ିଥିଲେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତ୍ତର କୁ ସ୍ଥାନୀୟ ଜନସାଧାରଣ ଏବଂ କୁଳିଅଣା ପୋଲିସ ସହାୟତା ରେ ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିବା ଜଣା ପଡିଛି । ଦୁର୍ଘଟଣା ଗ୍ରସ୍ତ ବାଇକଟିର ନମ୍ବର ଓଡି -୧୧ଆର -୮୪୮୪ ହୋଇଥିବା ବେଳେ ଗାଡ଼ିଟିର ମାଲିକ ଜୟନ୍ତ କୁମାର ମହାନ୍ତ ବୋଲି ଜଣା ପଡିଛି । ମୃତ ଯୁବକ ଏବଂ ଗୁରୁତର ଯୁବକଙ୍କ ପରିଚୟ ମିଳିପାରିନଥିବା ବେଳେ ଦୁର୍ଘଟଣା ଘଟାଇ ଟ୍ରଲରଟି ଫେରାର ହୋଇଯାଇଥିବା ବେଳେ ଟ୍ରଲରଟିକୁ ଧରିବାକୁ କୁଳିଅଣା ପୋଲିସ ଉଦ୍ୟମ ଚଲାଇବା ସହ ଘଟଣାର ତଦନ୍ତ ଜାରି ରଖିଛି ।

## ମୁକ୍ତିଲାଭ କଲା ଓଡିଶାରେ ପ୍ରଥମ କମାର ଭାଷାର ଆଲବମ ସାଞ୍ଜେ ବିହାନେ




ବାରିପଦା,୨୬ା୧୨ (ନି.ପ୍ର): ଭିଭିନ୍ନ ଜନଜାତି ନିଜ ନିଜ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏବେ ନିଜ ମାତୃଭାଷାରେ ଆଲବମ ମାନ ପ୍ରସ୍ତୁତ କରୁଥିବା ବେଳେ ମୟୂରଭ ଜିଲ୍ଲାରେ ବସବାସ କରୁଥିବା ବିନ୍ଧାଣୀ ବା କମାର ଜନଜାତିର କିଛି ଉଦଯୋଗୀ ଯୁବକ ବିନ୍ଧାଣୀ ପ୍ରଡକସନ ବ୍ୟାନରରେ ଓଡିଶାରେ ପ୍ରଥମ ଥର ପାଇଁ କମାର ଜନଜାତିର ସ୍ୱତନ୍ତ୍ର ଭାଷାରେ ରଚିତ ଗୀତ ଉପରେ ଏକ ଆଲବମ 'ସାଞ୍ଜେ ବିହାନେ' ପ୍ରସ୍ତୁତ କରି ବିନ୍ଧାଣୀ ପ୍ରଡକସନର ୟୁଟୁବ ଚେନାଲରେ ମୁକ୍ତିଲାଭ କରାଇଥିବାର ଜଣାଯାଇଛି । ଆଲବମର ପ୍ରଜୋଜକ ବିନ୍ଧାଣୀ ପ୍ରଡକସନ ରହିଥିବା ବେଳେ ଗୀତ ରଚନା କରିଛଁ ବାସୁଦେବ ବିନ୍ଧାଣୀ । ଅମୀୟ ବିନ୍ଧାଣୀ ଓ ବାସୁଦେବ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ, କଣ୍ଠଦାନ କରିଛଁ ବାସୁଦେବ ଓ ପରାୟଣୀ । ଭିଜୁଆଲରେ ପ୍ରଶାନ୍ତ ବିନ୍ଧାଣୀ ଓ ଅମୀୟ ବିନ୍ଧାଣୀ ରହିଥିବା ବେଳେ, କୋରିଓଗ୍ରାଫି କରିଛନ୍ତି ଲବ । ଆଲବମର ନିର୍ଦ୍ଦେଶନା ପ୍ରଶାନ୍ତ ବିନ୍ଧାଣୀ ଦେଇଥିବା ବେଳେ, ମୟୂରଭ ଏଫଏକ୍ସ ଷ୍ଟୁଡିଓରେ ଆଲବମଟିର ଏଡିଟିଂ ହୋଇଥିବାର ଜଣାଯାଇଛି । ଏହି କମାର ଭାଷାର ଆଲବମ ବିନ୍ଧାଣୀ ପ୍ରଡକସନ ୟୁଟୁବ ଚେନାଲରେ ମୁକ୍ତିଲାଭ କରିବାର ଅଳ୍ପ ସମୟ ମଧ୍ୟରେ ହଜାର ହଜାର ଦର୍ଶକ ଏହାକୁ ଲାଇକ କରିଥିବାର ଜଣାଯାଇଛି ।

## ବାଲେଶ୍ୱରରେ ବିଜେଡିର ପ୍ରତିଷ୍ଠା ଦିବସ




ବାଲେଶ୍ୱର,୨୬ା୧୨ (ନି.ପ୍ର): ବାଲେଶ୍ୱରରେ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ମାଧ୍ୟମରେ ବିଜୁ ଜନତା ଦଳର ୨୪ତମ ପ୍ରତିଷ୍ଠା ଉତ୍ସବ ଆଜି ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଓ ସଦର ବିଧାୟକ ସ୍ୱରୂପ ଦାସଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ନେତା ଡିଆଇସି ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ପାଳନର ଶୁଭାରମ୍ଭ କରିଥିଲେ । ପରେ ଷ୍ଟେସନଛକସ୍ଥିତ ମିଜାଇଲ ମ୍ୟାନ୍ ଅବଦୁଲ କାଲାମ, ଗୋପବନ୍ଧୁ ପାର୍କସ୍ଥିତ ଉତ୍କଳମଣି, ଫକୀର ମୋହନ ଗୋଲେଇରେ ବ୍ୟାସକବି, ଫାଣ୍ଡିଛକରେ ବୁଜୁବାବୁ, ସନେମାଛକ ଶହୀଦପାର୍କସ୍ଥିତ ଜାତିର ଜନକ ମହାତ୍ମାଗାନ୍ଧୀ ପ୍ରଭୃତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ଅବସରରେ ସିଦ୍ଧିକଲ୍ୟାଣ ମଣ୍ଡପରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ସଦର ବିଧାୟକ ଶ୍ରୀ ଦାସ ଓ ନାରୀନେତ୍ରୀ ସୁବାସିନୀ ଜେନା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । 'ଓଡ଼ିଶା ମୋ ପରିବାର'ର ଜିଲ୍ଲା ସଂଯୋଜକ ସାହିରୁଲ ହକଙ୍କ ପ୍ରତ÷କ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବିଜୁ ଛାତ୍ର ଜନତା ଓ ବିଜୁ ଯୁବ ଜନତାର ବହୁ ସଦସ୍ୟ ସଦସ୍ୟ ରକ୍ତଦାନ କରିଥିଲେ । ପୂର୍ବାହ୍ନ ୧୧ଟାରେ ସେଠାରେ ପ୍ରତିଷ୍ଠା ଉତ୍ସବ ସାଧାରଣ ସଭା ତଥା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ଶ୍ରୀ ଜେନା ଏହାକୁ ଉଦ୍‌ଘାଟନ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୀର୍ଘ ୨୧ ବର୍ଷ ଧରି ଓଡିଶାକୁ ସୁଶାସନ ଦେଇ ଆସିଥିବା ବିଜେଡି ଏବେ ରାଜ୍ୟବାସୀଙ୍କ ବିଶ୍ୱାସର ପ୍ରତୀକ ହୋଇପାରିଛି ବୋଲି କହିଥିଲେ । ରାଜ୍ୟରେ ବିକାଶର ଧାରା ବୋହି ଚାଲିଥିବା ବେଳେ ଆଗାମୀ ଦିନରେ ବି ବାଲେଶ୍ୱର ସମେତ ସମଗ୍ର ରାଜ୍ୟରେ ଦଳକୁ ବେଶ ସଫଳତା ମିଳିବ ବୋଲି ଶ୍ରୀ ଜେନା ଆଶା ପ୍ରକାଶ କରିଥିଲେ । ସଦର ବିଧାୟକ ଶ୍ରୀ ଦାସ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ । ସଧାରଣ ଲୋକଙ୍କ ସମସ୍ୟାର ଆଶୁ ସମାଧାନ ପ୍ରୟାସ ଜାରି ରଖିବା ସହିତ ସଂଗଠନକୁ ଆଗକୁ ବଢ଼ାଇବା ପାଇଁ ସେ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ସମସ୍ତଙ୍କ ଉଦ୍ୟମ ରହିଲେ ଆସନ୍ତା ପୌର ଓ ପଞ୍ଚାୟତ ସମେତ ୨୦୨୪ ସାଧାରଣ ନିର୍ବାଚନରେ ବି ସଫଳତା ପାଇବୁ ବୋଲି ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ବିଶିଷ୍ଟ ରାଜନେତା ତଥା ପୂର୍ବତନ ବିଧାୟକ ଅରୁଣ ଦେ, ମହିଳା ନେତ୍ରୀ ସମାଜସେବୀ ସୁବାସିନୀ ଜେନା, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସଦର ବ୍ଲକ ଅଧକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ ରାଉତ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ବିଜେଡି ନଗର ସଭାପତି ସନତ ଦାସ, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ତାପସ ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଙ୍ଗରାଜ, ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ସିମନ ଦାସମହାପାତ୍ର, ଯଯାତି ଦାସ, ନରେନ୍ଦ୍ର ବିହାରୀ ଦାସ, ଅରୁଣ ସ୍ୱାଇଁ, ବିନୋଦ ପାଣି, ବରଦା ପ୍ରସନ୍ନ ପଟ୍ଟନାୟକ, ସ୍ନେହଲତା ଦାସ ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo